- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-245 ♦MONDAY ♦02 MARCH 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୨୪୫ ♦ସୋମବାର ♦୦୨ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ମୋହିତ୍‌ଙ୍କ 'ନ୍ୟୁ ଚଏସ୍'

▶ପୃଷ୍ଠା ୧୧ ଦେଖନ୍ତୁ...

# ରକ୍ତମୁଖା ଇରାନ

- ଇରାନ ସ୍ତବ୍ଧ; ଖାମନେଇଙ୍କ ପରେ କିଏ ?
- ଆକ୍ରମଣକୁ ଚୀନ, ଋଷ, ଉ.କୋରିଆର ତୀବ୍ର ନିନ୍ଦା
- ଭାରତ ଚିନ୍ତିତ; ପ୍ରଧାନମନ୍ତ୍ରୀ ଡାକିଲେ ଜରୁରୀ ବୈଠକ

## ଖାମନେଇଙ୍କ ମୃତ୍ୟୁ ପରେ ଆମେରିକୀୟ ଘାଟି, ଇସ୍ରାଏଲ ଉପରେ ଘନଘନ କ୍ଷେପଣାସ୍ତ୍ର ମାଡ଼

■ ତେହରାନ/ ତେଲ ଆଭିଭ, ୧।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା ଏବଂ ଇସ୍ରାଏଲ ଆରମ୍ଭ କରିଥିବା ଯୁଦ୍ଧ କାୟା ବିସ୍ତାର କରିବାରେ ଲାଗିଛି । ଏହା ଥମିବା ପରିବର୍ତ୍ତେ ଭୟଙ୍କର ରୂପ ଧାରଣ କରି ଚାଲିଛି । ଇରାନରେ ଆରମ୍ଭ ହୋଇଥିବା ନିଆଁ ସମ୍ପୂର୍ଣ୍ଣ ଅଞ୍ଚଳକୁ ବ୍ୟାପି ଚାଲିଛି । ଉଭୟ ପକ୍ଷ ପରସ୍ପରକୁ ଧମକ ପରେ ଧମକ ଦେଇ ଚାଲିଛନ୍ତି । ମିଳିତ ଆକ୍ରମଣରେ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମନେଇ (୮୬)ଙ୍କ ସମେତ ଝିଅ-ଜ୍ୱାଇଁ, ବୋହୂ, ନାତୁଣୀ ସମେତ କମ୍ପ୍ଲେକ୍ସରେ ଥିବା ୪୦ ଜଣଙ୍କ ମୃତ୍ୟୁ ହୋଇଛି । ଦେଶର ଆଉ ୩୦ ଜଣ ନେତା ମଧ୍ୟ ପ୍ରାଣ ହରାଇଛନ୍ତି । ଖାମନେଇଙ୍କ ମୃତ୍ୟୁ ପରେ ଦେଶର ଶାସନ ଭାର ଅସ୍ଥାୟୀ ଭାବେ ତିନିଜଣିଆ କମିଟି ମୁଖ୍ୟ ଆୟତୁଲ୍ଲା ଅମିରେଜା ଅରାଫିଙ୍କ ହାତରେ ନ୍ୟସ୍ତ କରାଯାଇଛି । ଖାମନେଇଙ୍କ ମୃତ୍ୟୁ ପରେ ରକ୍ତମୁଖା ହୋଇପଡ଼ିଛି ଇରାନ । ଆକ୍ରମଣର ଭୟଙ୍କର ପ୍ରତିଶୋଧ ନେବୁ ବୋଲି ଇରାନର ରାଷ୍ଟ୍ରପତି ମାସୁଦ୍ ଧମକ ଦେଇଛନ୍ତି । ଗତରାତି ଠାରୁ ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ୧୪ଟି ସାମରିକ ଘାଟୀ ▶ପୃଷ୍ଠା-୭



- ଇରାନରେ ଆମେରିକା, ଇସ୍ରାଏଲର ୧୨୦୦ ବୋମା ମାଡ଼
- ଖାମନେଇଙ୍କ ସମେତ ଝିଅ, ଜ୍ୱାଇଁ, ବୋହୂ, ନାତୁଣୀ ନିହତ
- ଇରାନର ୩୦ ନେତା ମୃତ; ୪୦ ଦିନିଆ ଶୋକ
- ବିପଜ୍ଜନକ ଅଭିଯାନ ଆରମ୍ଭ କରିବୁ: ଇରାନ
- ଇରାନ ଏକଘରିକିଆ; ସମର୍ଥନ କରୁନାହାନ୍ତି ମୁସ୍‌ଲିମ ଦେଶ

## ଯୁଦ୍ଧ ଜାଲରେ ୧୨ ଦେଶ

■ ଦୋହା, ୧।୩ (ଏଜେନ୍ସି): ଆମେରିକା ଓ ଇସ୍ରାଏଲକୁ କଡ଼ା ଜବାବ ଦେବା ପାଇଁ ଇରାନ ତା'ର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନକୁ ଆହୁରି ଜୋରଦାର କରିଛି । ରବିବାର ଲଗାତାର ଦ୍ୱିତୀୟ ଦିନ ପାଇଁ ଦୁବାଇ ଓ କାତାରର ରାଜଧାନୀ ଦୋହା ଆକାଶରେ ଭୟଙ୍କର ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳିଛି । ଇରାନର ଭୟଙ୍କର ପ୍ରତିଆକ୍ରମଣରେ ଆମେରିକା ଓ ଇସ୍ରାଏଲ୍‌କୁ ସମର୍ଥନ କରୁଥିବା ୧୨ ଟି ଦେଶ ଯୁଦ୍ଧ ଜାଲରେ ଛନ୍ଦି ହୋଇଯାଇଛନ୍ତି । ଇରାନର ସରକାରୀ ଗଣମାଧ୍ୟମ 'ଫାର୍ସ' ଦାବି କରିଛି ଯେ, ଦୁବାଇରେ ଥିବା ଆମେରିକୀୟ ଗୁଇନ୍ଦା ସଂସ୍ଥା (ସିଆଇଏ) ସହ ଜଡ଼ିତ କେନ୍ଦ୍ର ଉପରେ ମିସାଇଲ ମାଡ଼ କରାଯାଇଛି । ପଶ୍ଚିମ ଏସିଆରେ ଥିବା ▶ପୃଷ୍ଠା-୭

**ଦୁବାଇ, ଦୋହାରେ ପୁଣି ଶୁଭିଲା ବିସ୍ଫୋରଣର ଶବ୍ଦ**

## ଭାରତକୁ ତେଲ ଓ ରନ୍ଧନ ଗ୍ୟାସ୍ ଚିନ୍ତା

## ୧୨ ଟଙ୍କା ମହଙ୍ଗା ହେବ ପେଟ୍ରୋଲ-ଡିଜେଲ !

■ ନୂଆଦିଲ୍ଲୀ, ୧।୩ (ଏଜେନ୍ସି): ଇରାନ୍ ଉପରେ ଆମେରିକା ଏବଂ ଇସ୍ରାଏଲର ଆକ୍ରମଣ ପରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଘନଘଟାରେ ଛାଇଯାଇଛି । ଏହି ପରିସ୍ଥିତିରେ ଭାରତ ସମେତ ସମଗ୍ର ବିଶ୍ୱରେ ତୈଳ ଯୋଗାଣକୁ ନେଇ ବଡ଼ ଆଶଙ୍କା ସୃଷ୍ଟି ହୋଇଛି । କାରଣ ହରମୁଜ୍ ପ୍ରଣାଳୀକୁ ବନ୍ଦ କରିବା ନେଇ ଇରାନ୍ ଧମକ ଦେଇଛି । ତେଣୁ ଏହି ଯୁଦ୍ଧରେ ହରମୁଜ୍ ପ୍ରଣାଳୀରେ ୧୫୦ ତୈଳ ଜାହାଜ ଅଟକି ରହିଥିବାରୁ ଭାରତକୁ ତୈଳ ଯୋଗାଣ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଯଦି ଏହି ଯୁଦ୍ଧ ଜାରି ରୁହେ ଏବଂ ହରମୁଜ୍ ପ୍ରଣାଳୀରେ ତୈଳ ମାର୍ଗ ବନ୍ଦ ହୋଇଯାଏ, ତେବେ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇପାରେ । ଏହାର ପ୍ରଭାବ ସିଧାସଳଖ ଭାରତ ଉପରେ ପଡ଼ିବ । ଏଥିଯୋଗୁ ଦେଶରେ ପେଟ୍ରୋଲ-ଡିଜେଲ ମୂଲ୍ୟ ହୁ ହୁ ହୋଇ ବଢ଼ିଯିବ । ଜାର ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ, ଏହାର ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



VOLLEYBALL WORLD BEACH PRO TOUR | FIVB | KHELO INDIA | KISS



FIVB

1st TIME in INDIA in a University Campus

WORLD BEACH VOLLEYBALL CHAMPIONSHIP 2026 (MEN & WOMEN)

Proudly Hosted By KIIT UNIVERSITY Bhubaneswar, Odisha


4th-8th March, 2026 | KIIT, BHUBANESWAR, ODISHA

52 + COUNTRIES | 82 TEAMS | 164 ATHLETES | 306 PARTICIPANTS | OLYMPIC GOLD MEDALLISTS | CHAMPIONSHIP TROPHY (MEN & WOMEN) | UNLIMITED PASSION ON THE SAND

Participating Countries:

Australia | Austria | Belgium | Brazil | Canada | China | Czech Republic | Denmark | England | Estonia | Finland | France | Germany | Greece | ungary | India | Israel | Italy | Japan | Korea | Latvia | Lithuania | New Zealand | Norway | Poland | Portugal | Puerto Rico | Qatar | Romania | Saudi Arabia | Serbia | Singapore | Slovakia | Slovenia | Spain | Sri Lanka | Switzerland | Thailand | Türkiye | Ukraine | United Arab Emirates | United Kingdom | United States | Argentina | Bulgaria | Cuba | Egypt | Hong Kong | Peru | Philippines | Netherlands | Nigeria

KIIT, Patia, Bhubaneswar, Odisha, India 751024 | kiit@kiit.ac.in | kiit.ac.in | KISS Campus-3, Bhubaneswar, Odisha, India 751024 | info@kiss.ac.in | kiss.ac.in



# ଇରାନ ସ୍ତବ୍ଧ, ଖାମନେଇଙ୍କ ପରେ କିଏ?



**ଖାମନେଇଙ୍କ ପୁଅ ମୁଜତବାଙ୍କୁ ନେଇ ଚର୍ଚ୍ଚା**

ତେହେରାନ,୧।୩(ଏଜେନ୍ସି): ଆୟୋତୁଲ୍ଲା ଖାମନେଇଙ୍କ ପରେ ଇରାନ ସବୁଠାରୁ ଶକ୍ତିଶାଳୀ ପଦବୀ 'ସୁପ୍ରିମ ଲିଡର ବା ସର୍ବୋଚ୍ଚ' ନେତା କିଏ ହେବ ସେ ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଛି । ସରକରୀ ଗଣମାଧ୍ୟମ ଅନୁଯାୟୀ, ଅଲି ଖାମନେଇଙ୍କ ଦ୍ୱିତୀୟ ପୁଅ ମୁଜତବା ଖାମନେଇ ଏହି ପଦବୀ ପାଇଁ ମୁଖ୍ୟ ଦାବିଦାର ଭାବେ ଉଭା ହୋଇଛନ୍ତି । ଗତ ୨ ବର୍ଷ ଧରି ସେ ଏଥିପାଇଁ ପ୍ରଶିକ୍ଷଣ ନେଉଥିଲେ ଓ ତାଙ୍କୁ ଏଥିପାଇଁ ପସ୍ତୁତ କରାଯାଉଥିଲା । ରିପୋର୍ଟ ଅନୁଯାୟୀ, ୨୦୨୪ ସେପ୍ଟେମ୍ବରରେ ହିଁ ଖାମନେଇ ନିଜର ଅସୁସ୍ଥତା କାରଣରୁ ୮୮ ଜଣିଆ ଧର୍ମଗୁରୁ ପରିଷଦକୁ ଡାକି ଗୋପନୀୟ ଭାବେ ଉତ୍ତରାଧିକାରୀ ଚୟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଖାମନେଇଙ୍କ ପୁଅ ମୁଜତବା ଜଣେ ରହସ୍ୟମୟ ବ୍ୟକ୍ତିତ୍ୱ ଓ ସର୍ବସାଧାରଣରେ ବହୁତ କମ୍ ଦେଖାଯାନ୍ତି । ୨୦୦୯ ରେ ଇରାନ ହୋଇଥିବା ବିକ୍ଷୋଭକୁ ଦମନ କରିବାରେ ତାଙ୍କର ପ୍ରମୁଖ ଭୂମିକା ଥିବା କୁହାଯାଏ । ଇରାନର ଗୁଇନ୍ଦା ଓ ସରକାରୀ ସଂସ୍ଥାଗୁଡ଼ିକରେ ତାଙ୍କର ବହୁତ ପ୍ରଭାବ ରହିଛି । ଅଲି ଖାମନେଇ ୧୯୩୯ ରେ ଜନ୍ମଗ୍ରହଣ କରିଥିଲେ ଓ ୧୯୮୯ରୁ ୩୭ ବର୍ଷ ଧରି ଇରାନର ସର୍ବୋଚ୍ଚ ନେତା ଭାବେ ଶାସନ କରୁଥିଲେ । ଶନିବାର ହୋଇଥିବା ଆକ୍ରମଣରେ ଖମନେଇଙ୍କ ସହ ୪୦ ଜଣ କମାଣ୍ଡର, ତାଙ୍କ ଝିଅ, ଜ୍ୱାଇଁ, ନାତୁଣୀ ଓ ବହୁ ମଧ୍ୟ ପ୍ରାଣ ହରାଇଥିବା ଦାବି କରାଯାଇଛି ।

୫୬ ବର୍ଷୀୟ ମୁଜତାବା ଖାମନେଇ ୧୯୬୯ ମସହଦଠାରେ ଜନ୍ମଗ୍ରହଣ କରିଥିଲେ । ସେ ତେହେରାନର ଅଲଭି ହାଇସ୍କୁଲରୁ ଶିକ୍ଷା ସମାପ୍ତ କରିବା ପରେ କୋମ ସହରରେ ଧାର୍ମିକ ଶିକ୍ଷା ଗ୍ରହଣ କରିଥିଲେ । ସେ ଇରାନ- ଇରାକ ଯୁଦ୍ଧ ସମୟରେ 'ହବିବ ବାଟାଲିୟନ' ପାଇଁ କାର୍ଯ୍ୟ କରିଥିଲେ । ଏହି ସମୟରୁ ହିଁ ଇରାନର ଶକ୍ତିଶାଳୀ ସେନା ଆଇଆରଜିସି (ଇସଲାମିନ ରିଭୋଲୁସନାରୀ ଗାର୍ଡ କର୍ପ୍ସ) ସହ ତାଙ୍କର ଘନିଷ୍ଠ ସମ୍ପର୍କ ରହିଛି । ସରକାରରେ କୌଣସି ନିର୍ବାଚିତ ପଦବୀରେ ନଥାଇ ମଧ୍ୟ ସେ ନିଜର ପିତାଙ୍କ କାର୍ଯ୍ୟାଳୟରେ ଜଣେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣକାରୀ ଭାବେ କାର୍ଯ୍ୟ କରୁଥିଲେ । ୨୦୧୯ରେ ଆମେରିକା ତାଙ୍କ ଉପରେ କଟକଣା ଲଗାଇଥିଲା । ତେବେ ସର୍ବୋଚ୍ଚ ନେତା ହେବା ପାଇଁ ଜଣେ ବ୍ୟକ୍ତି 'ଆୟୋତୁଲ୍ଲା' ପାହ୍ୟାର ଧର୍ମଗୁରୁ ହେବା ଆବଶ୍ୟକ, କିନ୍ତୁ ମୁଜତାବା ବର୍ତ୍ତମାନ ସୁଦ୍ଧା ସେ ସ୍ତରରେ ପହଞ୍ଚି ପାରିନାହାନ୍ତି । ପୁଣି ଇରାନ ବିପ୍ଳବ ରାଜତନ୍ତ୍ର ବା ବଂଶାନୁକ୍ରମିକ ଶାସନ ବିରୋଧରେ ହୋଇଥିଲା । ତେଣୁ ପିତାଙ୍କ ପରେ ପୁଅ ଶାସନ ଗଦିରେ ବସିବାକୁ ନେଇ ଅନେକ ଧର୍ମଗୁରୁ ବିରୋଧ କରିପାରନ୍ତି ।

## ୩୬ ବର୍ଷ ଧରି ସର୍ବୋଚ୍ଚ ପଦରେ ଥିଲେ ଖାମନେଇ

ତେହେରାନ,୧।୩(ଏଜେନ୍ସି): ଖାମନେଇ ୧୯୮୯ରୁ ମୃତ୍ୟୁପର୍ଯ୍ୟନ୍ତ ଇରାନର 'ସର୍ବୋଚ୍ଚ ନେତା' ଭାବେ ଦାୟିତ୍ୱରେ ରହିଥିଲେ । ତାଙ୍କ ମୃତ୍ୟୁ ସହ କେବଳ ଇରାନ ନୁହେଁ, ସାରା ମଧ୍ୟପ୍ରାଚ୍ୟ ଓ ସମଗ୍ର ପଶ୍ଚିମ ଏସିଆରେ ଏକ ଯୁଗର ଅବସାନ ହୋଇଛି କହିଲେ ଭୁଲ ହେବନାହିଁ । ସେ ଦେଶର ରାଜନୈତିକ ଓ ଧାର୍ମିକ କ୍ଷେତ୍ରରେ ସବୁଠାରୁ ଶକ୍ତିଶାଳୀ ବ୍ୟକ୍ତିଥିଲେ । ୧୯୩୯ରେ ସେ ଇରାନ ପବିତ୍ର ସହର ମସହଦ୍‌ରେ ଜନ୍ମଗ୍ରହଣ କରିଥିଲେ । ୧୯୭୯ରେ ଇରାନରେ ଇସ୍‌ଲାମିକ ବିପ୍ଳବ ସମୟରେ ସେ ରୁହୋଲ୍ଲା ଖୋମେନେଇଙ୍କର ଜଣେ ଘନିଷ୍ଠ ସହଯୋଗୀ ଥିଲେ । ବିପ୍ଳବ ପୂର୍ବରୁ ଶାହାଙ୍କ ଶାସନ ସମୟରେ ତାଙ୍କୁ ଅନେକଥର ଜେଲ୍ ଯିବାକୁ ପଡ଼ିଥିଲା । ସେ ୧୯୮୧ରୁ ୧୯୮୯ ପର୍ଯ୍ୟନ୍ତ ଇରାନର ରାଷ୍ଟ୍ରପତି ଭାବେ କାର୍ଯ୍ୟ କରିଥିଲେ । ଏହି ସମୟରେ ଇରାନ ଓ ଇରାକ ମଧ୍ୟରେ ଯୁଦ୍ଧ ହୋଇଥିଲା ଓ ଏଭଳି କଠିନ ପରିସ୍ଥିତିକୁ ସେ ସାମ୍ନା କରିଥିଲେ । ରୁହୋଲ୍ଲା ଖୋମେନେଇଙ୍କ ମୃତ୍ୟୁ ପରେ ତାଙ୍କୁ ଇରାନର ଦ୍ୱିତୀୟ ସୁପ୍ରିମ ଲିଡର ଅର୍ଥାତ ସର୍ବୋଚ୍ଚ ନେତା ଭାବେ ନିଯୁକ୍ତି କରାଯାଇଥିଲା । ସେବେଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ଏହି ଗୁରୁ ଦାୟିତ୍ୱ ବହନ କରିଆସୁଥିଲେ । ଖାମନେଇଙ୍କ ପାଖରେ ଦେଶର ଚୂଡାନ୍ତ ନିଷ୍ପତ୍ତି ନେବାର କ୍ଷମତା ଥିଲା । ସେ ମୁଖ୍ୟତଃ ସାମରିକ ବଳ, ବିଦେଶ ନୀତି ଓ ଆଞ୍ଚଳିକ ପ୍ରଭାବକୁ ନିୟନ୍ତ୍ରଣ କରୁଥିଲେ । ଇରାକର ସେନା ଓ ଶକ୍ତିଶାଳୀ ଆଇଆରଜିସି (ରିଭୋଲ୍ୟୁସନାରୀ ଗାଡର୍) ତାଙ୍କ ନିର୍ଦ୍ଦେଶରେ ପରିଚାଳିତ ହେଉଥିଲା । ସେହିପରି ସେ ପାଶ୍ଚାତ୍ୟ ଦେଶ, ବିଶେଷ କରି ଆମେରିକା ଓ ଓ ଇସ୍ରାଏଲ ବିରୋଧରେ ଏକ କଠୋର ଆଭିମୁଖ୍ୟ ଗ୍ରହଣ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ । ଆଞ୍ଚଳିକ କ୍ଷେତ୍ରରେ ଥିବା ସିରିଆ, ଇରାକ, ଲେବାନନ ଓ ୟେମେନ ଭଳି ଦେଶରେ ନିଜର ପ୍ରଭାବ ବିସ୍ତାର କରିବା ପାଇଁ ଓ ସେଠାକାର ଗୋଷ୍ଠୀକୁ ସାହାଯ୍ୟ କରିବାରେ ତାଙ୍କର ବଡ଼ ହାତ ଥିଲା । ଖାମନେଇଙ୍କ ଶାସନ କାଳରେ ଇରାନ ଅନେକ ଅନ୍ତର୍ଜାତୀୟ କଟକଣା ଓ ପରମାଣୁ କାର୍ଯ୍ୟକ୍ରମକୁ ନେଇ ବିବାଦର ସମ୍ମୁଖୀନ ହୋଇଥିଲା । ଏବେ ସେ ସବୁ କାହାଣୀରେ ପରିଣତ ହୋଇଛି । ଏବେ ତାଙ୍କ ବିନା ଇରାକକୁ ଆଗକୁ ବଢ଼ିବାର ସମୟ ଉପନୀତ ହୋଇଛି ।

## ଉତ୍ତର ପ୍ରଦେଶର ଏକ ଗାଁରୁ ଇରାନର ଶାସନ ଗାଦି

ବାରାବଙ୍କି,୧।୩(ଏଜେନ୍ସି): ଆୟୋତୁଲ୍ଲା ଖାମନେଇଙ୍କ ମୃତ୍ୟୁ ପରେ ଉତ୍ତରପ୍ରଦେଶର ବାରାବଙ୍କି ଜିଲ୍ଲାର କିନ୍ତୁର ଗାଁ ଏବେ ସାରା ବିଶ୍ୱର ନଜରକୁ ଆସିଛି । ଏହି ଗାଁ ସହିତ ଇରାନର ପ୍ରଥମ ସର୍ବୋଚ୍ଚ ନେତା ତଥା ଖାମନେଇଙ୍କ ଗୁରୁ ଆୟୋତୋଲ୍ଲା ରୁହୋଲ୍ଲା ଖୋମେନେଇଙ୍କ ପୂର୍ବପୁରୁଷଙ୍କର ଗଭୀର ସମ୍ପର୍କ ରହିଛି । ଖୋମେନେଇଙ୍କ ଜେଜେବାପା ସୟଦ ଅହମ୍ମଦ ମୁସାଭି ୧୯୦୦ ଶତାବ୍ଦୀର ପ୍ରାରମ୍ଭରେ ବାରାବଙ୍କିର କିନ୍ତୁର ଗାଁରେ ଜନ୍ମଗ୍ରହଣ କରିଥିଲେ । ସେ ୧୮୩୦ରେ ମସିହାରେ ଧାର୍ମିକ ଯାତ୍ରାରେ ଇରାକର ନଜାଫ ଯାଇଥିଲେ ଓ ସେଠାରେ ସ୍ଥାୟୀ ଭାବେ ରହିଯାଇଥିଲେ । ନିଜର ଭାରତୀୟ ପରିଚୟ ବଜାୟ ରଖିବା ପାଇଁ ସେ ନିଜ ନାମରେ 'ହିନ୍ଦୀ' ଶବ୍ଦ ଯୋଡ଼ିଥିଲେ ଓ ଏହା ଇରାନର ସରକାରୀ ରେକର୍ଡରେ ଆଜି ବି ଲିପିବଦ୍ଧ ହୋଇ ରହିଛି । ଗାଁର ବାସିନ୍ଦାମାନେ ଦାବି କରିଛନ୍ତି ଯେ ୧୯୭୯ ଇରାନ ବିପ୍ଳବର ମୁଖ୍ୟ ନାୟକ ଖୋମେନେଇଙ୍କ ପରିବାର ଏହି ମାଟିର । ଏହି ଗାଁରେ ସେମାନଙ୍କ ପୈତୃକ ଘର ଆଜି ବି ସୁରକ୍ଷିତ ରହିଛି । ମୁସାଭି ପରିବାର ସପ୍ତମ ସିଆ ଇମାମ, ଇମାମ ମୁସା ଅଲ୍- କାଜିମ୍‌ଙ୍କ ବଂଶଧର ବୋଲି କୁହାଯାଏ । ଏହି କାରଣରୁ ଏହି ପରିବାର ସିଆ ଧର୍ମାବଲମ୍ବୀଙ୍କ ମଧ୍ୟରେ ଅତ୍ୟନ୍ତ ସମ୍ମାନଜନକ ସ୍ଥାନ ଅଧିକାର କରିଛି । ଖାମନେଇ ନିଜେ ଖୋମେନେଇଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ । ଯଦିଓ ଖାମନେଇଙ୍କ ଭାରତ ସହିତ କୌଣସି ପ୍ରତ୍ୟେକ୍ଷ ସମ୍ପର୍କ ନଥିଲା । କିନ୍ତୁ ତାଙ୍କ ମାର୍ଗଦର୍ଶକ ଖୋମେନେଇଙ୍କ ପରିବାରର ଚେର ଉତ୍ତର ପ୍ରଦେଶର ଏହି ଛୋଟ ଗାଁରେ ରହିଛି । ଖାମନେଇଙ୍କ ମୃତ୍ୟୁ ପରେ କିନ୍ତୁର ଗାଁରେ ଶୋକର ଛାୟା ଖେଳିଯାଇଥିଲା । ଗାଁର ଅନେକ ପରିବାର ଆଜି ବି ନିଜ ଘରେ ପୂର୍ବପୁରୁଷଙ୍କ ଫଟୋ ରଖି ସେହି ଐତିହାସିକ ସମ୍ପର୍କକୁ ଜୀବନ୍ତ ରଖିଛନ୍ତି ।

**ଖାମନେଇଙ୍କ ଗୁରୁଙ୍କ 'ବାରାବଙ୍କି' ସଂଯୋଗ**

### ଶାସନ ଭାର ସମ୍ଭାଳିବେ ୩ ଜଣିଆ କମିଟି

ତେହେରାନ,୧।୩(ଏଜେନ୍ସି): ସର୍ବୋଚ୍ଚ ନେତା ଖମନେଇଙ୍କ ମୃତ୍ୟୁ ପରେ ଇରାନ ଓ ଇରାନର ଶାସନ ପ୍ରକ୍ରିୟା ବଡ଼ ଧରଣର ପରିବର୍ତ୍ତନ ଦେଇ ଗତି କରୁଛି । ଦେଶରେ ସ୍ଥିରତା ବଜାୟ ରଖିବା ପାଇଁ ଏକ ଅସ୍ଥାୟୀ ନେତୃତ୍ୱ ଦାୟିତ୍ୱ ଗ୍ରହଣ କରିଛନ୍ତି । ଇରାନର ଏହି ପରିବର୍ତ୍ତନର ସମୟ ବା ଟ୍ରାନଜିସନ ଫେଜ୍ ଉପରେ ସାରା ବିଶ୍ୱର ନଜର ରହିଛି । ବର୍ତ୍ତମାନ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିଆନ ଓ ମୁଖ୍ୟ ବିଚାରପତି ଗୋଲାମ- ହୋସେନ ମୋହସିନ- ଏଜେଇ ଏବଂ ଗାର୍ଡିଆନ କାଉନସିଲର ଜଣେ ସଦସ୍ୟ ମିଳିତ ଭାବେ ଦେଶର ଶାସନ ଦାୟିତ୍ୱ ତୁଲାଇବେ । ଖାମନେଇଙ୍କ ପରବର୍ତ୍ତୀ ଉତ୍ତରାଧିକାରୀ ବାଛିବା ପାଇଁ 'ଆସେମ୍ବ୍ଲି ଅଫ୍ ଲିଡରସିପ ଏକ୍ସପର୍ଟ' ଅର୍ଥାତ ଉଚ୍ଚସ୍ତରୀୟ ଧର୍ମଗୁରୁଙ୍କ ଏକ ଗୋଷ୍ଠୀ ଦାୟିତ୍ୱ ଗ୍ରହଣ କରିବେ । ତେବେ ଯୁଦ୍ଧ ସ୍ଥିତି କାରଣରୁ ଏହି ପ୍ରକ୍ରିୟାରେ ବିଳମ୍ବ ହୋଇପାରେ । ଶନିବାର ଆମେରିକା ଓ ଇସ୍ରାଏଲ ପକ୍ଷରୁ ଇରାନର ସାମରିକ ଘାଟି ଓ ସରକାରୀ କାର୍ଯ୍ୟାଳୟ ଉପରେ ବଡ଼ ଧରଣର ଆକ୍ରମଣ କରାଯାଇଥିଲା । ଏଥିରେ ୮୬ ବର୍ଷୀୟ ଖାମନେଇଙ୍କ ସହ ପ୍ରତିରକ୍ଷା ମନ୍ତ୍ରୀ ଓ ସେନା ମୁଖ୍ୟଙ୍କୁ ଟାର୍ଗେଟ କରାଯାଇଥିଲା । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାବିନ ନେତାନ୍ୟାହୁ ପ୍ରଥମେ ଖାମନେଇଙ୍କ ମୃତ୍ୟୁ ଖବର ନିଶ୍ଚିତ କରିଥିଲେ । ଟ୍ରମ୍ପ ଏହାକୁ ନ୍ୟାୟୋଚିତ ପଦକ୍ଷେପ ବୋଲି ବର୍ଣ୍ଣାନ କରିଛନ୍ତି ।

## ନାଗପୁର ବାରୁଦ କାରଖାନାରେ ବିସ୍ଫୋରଣ, ୧୭ ଶ୍ରମିକ ମୃତ

ନାଗପୁର,୧।୩(ଏଜେନ୍ସି): ମହାରାଷ୍ଟ୍ରର ନାଗପୁରସ୍ଥିତ ଏକ ବାରୁଦ ତଥା ବିସ୍ଫୋରକ ପ୍ରସ୍ତୁତି କାରଖାନାରେ ରବିବାର ସକାଳେ ଏକ ବଡ଼ ଧରଣର ବିସ୍ଫୋରଣ ଘଟିଛି । ଏହି ଦୁର୍ଘଟଣାରେ ୧୭ ଜଣ ଶ୍ରମିକ ମୃତ୍ୟୁବରଣ କରିଥିବା ବେଳେ ୧୮ ଜଣ ଆହତ ହୋଇଛନ୍ତି । ନାଗପୁରର କାଟୋଲ ତାଲୁକାର ରାଉଲଗାଁଓରେ ଥିବା 'ଏସ୍‌ବିଏଲ୍ ଏନର୍ଜି ଲିମିଟେଡ' କାରଖାନରେ ଏହି ବିସ୍ଫୋରଣ ଘଟିଛି । ଏହି କମ୍ପାନୀ ତଥା କାରଖାନା ମୁଖ୍ୟତଃ ଖଣି କାର୍ଯ୍ୟ ପାଇଁ ଡେଟୋନେଟର ଓ ଶିଳ୍ପଭିତ୍ତିକ ବିସ୍ଫୋରକ ପ୍ରସ୍ତୁତ କରିଥାଏ । ରବିବାର ସକାଳ ୭ଟାରୁ ୭.୧୫ ମଧ୍ୟରେ ଶ୍ରମିକମାନେ ଡେଟୋନେଟର ତିଆରି କରୁଥିବା ସମୟରେ ହଠାତ ଏକ ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଏହାର ଶବ୍ଦ ବହୁ ଦୂର ପର୍ଯ୍ୟନ୍ତ ଶୁଣାଯାଇଥିଲା । ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ, ଏନଡ଼ିଆରଏଫ୍, ଏସ୍‌ଡିଆରଏଫ୍ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ଆହତମାନଙ୍କୁ ଚିକିତ୍ସା ପାଇଁ ନାଗପୁର ସ୍ଥାନାନ୍ତର କରାଯାଇଛି । କିଛି ଶ୍ରମିକ ଏବେ ଧ୍ୱଂସାବଶେଷ ତଳେ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବନ୍ଦ୍ର ଫଡ଼ନାଭିସ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ଆର୍ଥିକ ସହାୟତା ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀ ମୃତକଙ୍କ ପାଇଁ ୨ ଲକ୍ଷ ଓ ଆହତଙ୍କ ପାଇଁ ୫୦,୦୦୦ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

# ଖାମନେଇଙ୍କୁ ହତ୍ୟା ପାଇଁ ଏମିତି ଟାର୍ଗେଟ କରାଯାଇଥିଲା

**ନୂଆଦିଲ୍ଲୀ,୧।୩ (ଏଜେନ୍ସି):** ଖାମନେଇଙ୍କୁ ହତ୍ୟା କରିବା ପାଇଁ ଆମେରିକା ଓ ଇସ୍ରାଏଲ୍ ଏକ ଅତି ଗୋପନୀୟ ଏବଂ ସମନ୍ୱିତ ଯୋଜନା ପ୍ରସ୍ତୁତ କରିଥିଲେ । 'ଦି ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ' ଅନୁଯାୟୀ, ଇସ୍ରାଏଲ ଯୁଦ୍ଧ ବିମାନଗୁଡ଼ିକ ଖାମନେଇ ରହୁଥିବା କମ୍ପ୍ଲେକ୍ସ ତଥା ବାସଭବନ ଉପରେ ୩୦ଟି ବୋମା ମାଡ଼ କରିଥିଲେ । ଆମେରିକା ଓ ଇସ୍ରାଏଲର ଗୁପ୍ତଚର ସଂସ୍ଥାଗୁଡ଼ିକ ଇରାନର ସାମରିକ ଓ ରାଜନୈତିକ ନେତୃତ୍ୱଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ବିଷୟରେ ସୂଚନା ପାଇଥିଲେ । ଯେତେବେଳେ ଖାମନେଇଙ୍କ ସଠିକ୍ ଅବସ୍ଥିତି ଜଣାପଡ଼ିଥିଲା, ସେତେବେଳେ ଦିନ ଦ୍ୱିପହରରେ ଏହି ଆକ୍ରମଣ କରାଯାଇଥିଲା । କେବଳ ଖାମନେଇ ନୁହନ୍ତି, ବରଂ ଇରାନ ପ୍ରତିରକ୍ଷା ମନ୍ତ୍ରୀ ଅମୀର ନାସିରଜାଦେ ଓ ସେନାମୁଖ୍ୟ ମହମ୍ମଦ ପାକପୁରଙ୍କୁ ମଧ୍ୟ ଏହି ଆକ୍ରମଣରେ ଟାର୍ଗେଟ କରାଯାଇଥିଲା । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଗୁପ୍ତଚର ରିପୋର୍ଟ ମୁତାବକ, ଇରାନ ଆମେରିକୀୟ ଘାଟି ଉପରେ ଆକ୍ରମଣ ଯୋଜନା କରୁଥିଲା । ଫଳରେ ଆମେରିକା ଏହି ପଦକ୍ଷେପ ନେଇଥିଲା । ଇରାନ ଖାମନେଇଙ୍କ ମୃତ୍ୟୁକୁ ନିଶ୍ଚିତ କରିବା ସହ ୪୦ ଦିନିଆ ଜାତୀୟ ଶୋକ ଘୋଷଣା କରିଛି । ଖାମନେଇଙ୍କ ମୃତ୍ୟୁ ପରେ ଇରାନ ପଶ୍ଚିମ ଏସିଆ ତଥା ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ ସାମରିକ ଘାଟିଗୁଡ଼ିକ ଉପରେ ଆକ୍ରମଣ କରିବାକୁ ଚେତାବନୀ ଦେଇଛି । ଏହାର ଜବାବରେ ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଯଦି ଆମେରିକା ଓ ଇସ୍ରାଏଲ ଉପରେ ଆକ୍ରମଣ ହୁଏ, ତେବେ ଇରାନ ପୂର୍ବରୁ କେବେ ଦେଖି ନଥିବା ଭଳି ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ।

**୩୦ଟି ବୋମା ମାଡ଼ରେ ଧ୍ୱଂସ ହେଲା ଖାମନେଇଙ୍କ ବାସଭବନ**



### ଆକ୍ରମଣ ପାଇଁ ଶନିବାର ସକାଳ ବାଛିଲା ଆମେରିକା

**ଦୁବାଇ,୧।୩(ଏଜେନ୍ସି):** ଖାମନେଇଙ୍କୁ ଟାର୍ଗେଟ କରିବା ପାଇଁ ଆମେରିକା ଓ ଇସ୍ରାଏଲ୍ ଅତି ଚତୁରତାର ସହ ସମୟ ନିର୍ଦ୍ଧାରଣ କରିଥିଲେ । ଏହି ଆକ୍ରମଣ ପଛରେ କେତୋଟି ଗୁରୁତ୍ୱପୂର୍ଣ୍ଣ ରଣନୀତି ଥିଲା । ଆମେରିକୀୟ ଅଧିକାରୀଙ୍କ ଅନୁଯାୟୀ, ଖାମନେଇଙ୍କୁ ପ୍ରଥମେ ଆକ୍ରମଣ କରିବା ଜରୁରୀ ଥିଲା । ଯଦି ସେ ସାମାନ୍ୟ ସୁରାକ ପାଇଥାନ୍ତେ, ତେବେ ସେ କୌଣସି ଗୋପନୀୟ ସ୍ଥାନରେ ଲୁଚି ଯାଇଥାନ୍ତେ । ତେଣୁ ତାଙ୍କୁ ସୁଯୋଗ ନ ଦେବା ପାଇଁ ଏହି ସମୟକୁ ବଛାଯାଇଥିଲା । ପ୍ରଥମେ ଶନିବାର ସନ୍ଧ୍ୟାରେ ଖାମନେଇ ନିଜର ଶୀର୍ଷ ପରାମର୍ଶଦାତାଙ୍କ ସହ ବୈଠକ କରିବାର କାର୍ଯ୍ୟକ୍ରମ ଥିଲା । କିନ୍ତୁ ଇସ୍ରାଏଲ ଗୁଇନ୍ଦା ସଂସ୍ଥା ଜାଣିବାକୁ ପାଇଥିଲା ଯେ ଏହି ବୈଠକ ଶନିବାର ସକାଳେ ହେଉଛି । ଫଳରେ ଆକ୍ରମଣର ସମୟ ଆଗୁଆ କରି ଦିନ ଦ୍ୱିପହରରେ ହିଁ କମ୍ପାଉଣ୍ଡ ଉପରେ ବୋମା ମାଡ଼ କରାଯାଇଥିଲା । ଖାମନେଇ ଏକ ସୁରକ୍ଷିତ ସ୍ଥାନରେ ଅଲି ଶାମଖାନି ଓ ଅଲି ଲାରିଜାନିଙ୍କ ସହ ଆଲୋଚନା କରୁଥିବା ବେଳେ ହିଁ ଏହି ଆକ୍ରମଣ ହୋଇଥିଲା । ଏଥିରେ ଖାମନେଇ ଓ ଶାମଖାନିଙ୍କର ମୃତ୍ୟୁ ଘଟିଥିବା ବେଳେ ଲାରିଜାନି ବଞ୍ଚିଯାଇଛନ୍ତି ।

## ଏକ ଶନିବାର ମୃତ୍ୟୁକୁ ହରାଇଥିଲେ; ଆଉ ଏକ ଶନିବାର ହେଲା ମୃତ୍ୟୁ

**ତେହେରାନ,୧।୩(ଏଜେନ୍ସି):** ସର୍ବୋଚ୍ଚ ନେତା ଖାମନେଇଙ୍କ ମୃତ୍ୟୁ ସହ ଇରାନରେ ଏକ ଦୀର୍ଘ ଦଶନ୍ଧିର ଶାସନକାଳ ଓ ଯୁଗର ଅନ୍ତ ଘଟିଛି । ଶନିବାର ସହ ଖାମନେଇଙ୍କ ମୃତ୍ୟୁର ସଂଯୋଗ ରହିଛି । ୪୫ ବର୍ଷ ପୂର୍ବେ ୧୯୮୧ ଜୁନ୍ ୨୭ରେ ଏକ ମସଜିଦ୍‌ରେ ଭାଷଣ ଦେଉଥିବା ସମୟରେ ଖାମନେଇଙ୍କୁ ହତ୍ୟା କରିବାକୁ ଚେଷ୍ଟା କରାଯାଇଥିଲା । ସେଦିନ ଥିଲା ଶନିବାର । ଏକ ଟେପ ରେକର୍ଡରେ ବୋମା ବିସ୍ଫୋରଣ ହେବା ଫଳରେ ତାଙ୍କର ଡାହାଣ ହାତ ସବୁଦିନ ପାଇଁ ପକ୍ଷାଘାତ ହୋଇଯାଇଥିଲା । ଏହି ଘଟଣାର ୪୫ ବର୍ଷ ପରେ ପୁଣି ଏକ ଶନିବାର ଦିନ (୨୦୨୬ ଫେବୃଆରୀ ୨୮/ ମାର୍ଚ୍ଚ ୧) ଆକ୍ରମଣରେ ତାଙ୍କର ପ୍ରାଣହାନୀ ଘଟିଛି । ୧୯୮୯ରେ ସୁପ୍ରିମ ଲିଡର ହେବା ପରେ ସେ ଇରାନରେ କଠୋର ଇସ୍‌ଲାମିକ ନିୟମ ଲାଗୁ କରିଥିଲେ । ୧୯୯୯, ୨୦୦୯, ୨୦୧୯ ଏବଂ ନିକଟରେ ମହସା ଅମିନଙ୍କ ମୃତ୍ୟୁ ପରେ ହୋଇଥିବା 'ଓମ୍ୟାନ, ଲାଇଫ୍, ଫ୍ରିଡମ୍' ଆନ୍ଦୋଳନକୁ ଅତି ନିର୍ଦ୍ଦୟ ଭାବେ ଦମନ କରିଥିଲେ । ଖାମନେଇ ସବୁବେଳେ ଆମେରିକା ସହ ଆଲୋଚନା କରିବାକୁ ବିରୋଧ କରୁଥିଲେ । ତାଙ୍କର ଆମେରିକା ସହ ସନ୍ଧି କରିବା ନିରର୍ଥକ ଥିଲା । ମୃତ୍ୟୁ ପୂର୍ବରୁ ସେ ଚେତାବନୀ ଦେଇଥିଲେ ଯେ ଇରାନ ଉପରେ ଆକ୍ରମଣ ହେଲେ ଏହା ଏକ ବଡ଼ ଆଞ୍ଚଳିକ ଯୁଦ୍ଧରେ ପରିଣତ ହେବ । ୧୯୮୯ରେ ଖୋମେନେଇଙ୍କ ମୃତ୍ୟୁପରେ ଯେତେବେଳେ ତାଙ୍କୁ ସର୍ବୋଚ୍ଚ ନେତାଭାବେ ନିଯୁକ୍ତ କରାଗଲା, ସେ ନିଜେ ଏହାକୁ ବିରୋଧ କରି କହିଥିଲେ ଯେ, ସେ ଏହି ପଦବୀ ପାଇଁ ଯୋଗ୍ୟ ନୁହଁନ୍ତି । କିନ୍ତୁ ଏହାପରେ ସେ ଇରାନର ଶକ୍ତିଶାଳୀ ନେତା ଭାବେ ଉଭା ହୋଇଥିଲେ । ଖାମନେଇ ସବୁବେଳେ କଡ଼ା ସୁରକ୍ଷା ବଳୟ ଭିତରେ ରହୁଥିଲେ । ୧୯୮୯ ପରେ ସେ କେବେବି ଦେଶ ବାହାରକୁ ଯାଇ ନ ଥିଲେ । ୧୯୮୯ରେ ସେ ଶେଷଥର ପାଇଁ ଉତ୍ତର କୋରିଆ ଗସ୍ତ କରିଥିଲେ । ଏହା ତାଙ୍କର ଶେଷ ବିଦେଶ ଗସ୍ତ ଥିଲା । ଏହା ସତ୍ତ୍ୱେ ଆମେରିକା ଓ ଇସ୍ରାଏଲ କିପରି ତାଙ୍କର ଠିକ୍ ସ୍ଥାନ ଚିହ୍ନଟ କରି ହତ୍ୟା କଲେ, ତାହା ସାରା ବିଶ୍ୱ ପାଇଁ ଏକ ବଡ଼ ପ୍ରଶ୍ନ ହୋଇଛି ।

## ଆମେରିକୀୟ ଘାଟି, ଜାହାଜ ଉପରେ ଇରାନର ପ୍ରଳୟଙ୍କରୀ ଆକ୍ରମଣ

ତେହେରାନ,୧।୩(ଏଜେନ୍ସି): ସର୍ବୋଚ୍ଚ ନେତା ଖାମନେଇଙ୍କ ମୃତ୍ୟୁର ପ୍ରତିଶୋଧ ନେବା ପାଇଁ ଇରାନର 'ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କୋର' (ଆଇଆରଜିସି) 'ଅପରେସନ ଟ୍ରୁ ପ୍ରମିସ-୪'ର ପଞ୍ଚମ ପର୍ଯ୍ୟାୟ ଆରମ୍ଭ କରିଛି । ଆଇଆରଜିସ ଚେତାବନୀ ଦେଇ କହିଛି ଯେ, ଶତ୍ରୁମାନଙ୍କ ପାଇଁ ନର୍କର ଦ୍ୱାର ଖୋଲା ରହିବ । ଏହି ଆକ୍ରମଣରେ ଆମେରିକାର ସାମରିକ ଘାଟି ଓ ଯୁଦ୍ଧ ଜାହଜଗୁଡ଼ିକୁ ଟାର୍ଗେଟ କରାଯାଇଛି । କୁଏତରେ ଥିବା ଆମେରିକୀୟ ବେସ୍‌କୁ ମଧ୍ୟ ଟାର୍ଗେଟ କରାଯାଇଛି । କୁଏତର ମୁବାରକ ଅଞ୍ଚଳରେ ଥିବା ଆମେରିକୀୟ ନୌସେନା ଘାଟି ଉପରେ ୪ଟି ବାଲିଷ୍ଟିକ ମିସାଇଲ ଓ ୧୨ଟି ଡ୍ରୋନ ମାଡ଼ କରାଯାଇଛି । ଏଥିରେ ବ୍ୟାପକ ଭିତ୍ତିଭୂମି ନଷ୍ଟ ହେବା ସହ ଅନେକ ଆମେରିକୀୟ ସୈନ୍ୟ ମୃତାହତ ହୋଇଥିବା ଦାବି କରାଯାଇଛି । ସେହିପରି ଦୁବାଇର ଜେବେଲ ଅଲିଠାରେ ଆମେରିକୀୟ ଜାହାଜ ପାଇଁ ଗୋଳାବାରୁଦ ନେଇ ଯାଉଥିବା ଏକ ଜାହାଜକୁ ଡ୍ରୋନ ବ୍ୟବହାର କରି ଅଚଳ କରିଦିଆଯାଇଛି । ସେହିପରି ଭାରତ ମହାସଗରରେ ଇନ୍ଧନ ନେଇ ଯାଉଥିବା ଆମେରିକାର ଏକ କମ୍ବାଟ ସପୋର୍ଟ ସିପ୍‌କୁ ଇରାନର 'କାଦର-୩୮୦' ମିସାଇଲ ଦ୍ୱାରା ଧ୍ୱଂସ କରିଦିଆଯାଇଛି । ଦୁବାଇ ବିମାନ ବନ୍ଦରକୁ ମଧ୍ୟ ସାମୟିକ ଭାବେ ବନ୍ଦ କରିଦିଆଯାଇଛି । ଦୁବାଇ ଓ ଦୋହାରେ ପ୍ରବଳ ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳିଛି । ଇରାନ ଏହି ଆକ୍ରମଣ ମାଧ୍ୟମରେ ପଡୋଶୀ ଦେଶଗୁଡ଼ିକୁ ସତର୍କ କରାଇଛି ଯେ ଆମେରିକାକୁ ସାହାଯ୍ୟ କଲେ ପରିଣାମ ଭୟଙ୍କର ହେବ । ଆଇଆରଜିସି ତରଫରୁ କୁହାଯାଇଛି ଯେ ଶତ୍ରୁଙ୍କ ପାଇଁ ନର୍କ ଦ୍ୱାର ଖୋଲା ରହିବ । ସେମାନେ ଏହାକୁ ଇତିହାସର ସବୁଠାରୁ ଭୟଙ୍କର ଆକ୍ରମଣ ବୋଲି ଅଭିହିତ କରିଛନ୍ତି । ଇରାନ ପକ୍ଷରୁ ଆକ୍ରମଣରେ ବିଶ୍ୱର ଅନ୍ୟତମ ବ୍ୟସ୍ତବହୁଳ ଦୁବାଇ ବିମାନବନ୍ଦରର ଏକ ଟର୍ମିନାଲ ବା କନକୋର୍ସ କ୍ଷତିଗ୍ରସ୍ତ ହୋଇଛି । ଦୁବାଇର 'ବୁର୍ଜ ଅଲ ଆରବ' ହୋଟେଲ ଉପରେ ମଧ୍ୟ ଆକ୍ରମଣ ହୋଇଛି ।

**ହର୍ମୁଜରେ ତୈଳ ଟ୍ୟାଙ୍କର ଉପରେ ଇରାନର ଆକ୍ରମଣ**

ଇତିମଧ୍ୟରେ ଇରାନ ପକ୍ଷରୁ ହର୍ମୁଜ ପ୍ରଣାଳୀରେ ଏକ ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ କରାଯାଇଛି । ଏହି ଘଟଣା ସମଗ୍ର ଉପସାଗରୀୟ ଅଞ୍ଚଳରେ ଯୁଦ୍ଧର ଆତଙ୍କକୁ ଆହୁରି ବଢ଼ାଇ ଦେଇଛି । ଏହି ତୈଳ ଟ୍ୟାଙ୍କର 'ସ୍କାଇଲାଇଟ୍'କୁ ଓମାନ ମୁସାନ୍ଦମ ଉପକୂଳ ନିକଟରେ ଅକ୍ରମଣ କରାଯାଇଥିଲା । ଆକ୍ରମଣ ପରେ ଟ୍ୟାଙ୍କରଟି ସମୁଦ୍ରରେ ବୁଡ଼ିଯାଉଛି ।

## ପାକିସ୍ତାନରେ ଆମେରିକୀୟ ଦୂତାବାସ ଆକ୍ରମଣ ଉଦ୍ୟମ, ୧୨ ମୃତ

**ନୂଆଦିଲ୍ଲୀ,୧।୩(ଏଜେନ୍ସି):** ଇରାନର ସର୍ବୋଚ୍ଚ ନେତା ଆୟୋତୁଲ୍ଲା ଅଲି ଖାମନେଇଙ୍କ ମୃତ୍ୟୁ ପରେ ପାକିସ୍ତାନର ବନ୍ଦର ସହଜର କରାଚିରେ ପ୍ରବଳ ଉତ୍ତେଜନା ଦେଖା ଦେଇଛି । ଏହି ଘଟଣାକୁ ନେଇ ସିଆ ସଂଗଠନଗୁଡ଼ିକ ପକ୍ଷରୁ ଆମେରିକା ବିରୋଧରେ ପ୍ରଦର୍ଶନ କରାଯାଉଥିବା ବେଳେ ହିଂସାକାଣ୍ଡ ଘଟି ୧୨ ଜଣ ଲୋକ ମୃତ୍ୟୁ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି । କରାଚିସ୍ଥିତ ଆମେରିକୀୟ ଦୂତାବାସ ଭିତରେ ପଶିବାକୁ ଚେଷ୍ଟା କରୁଥିବା ଆନ୍ଦୋଳନକାରୀଙ୍କ ଉପରକୁ ଆମେରିକୀୟ ମାରିନ ସୁରକ୍ଷାକର୍ମୀମାନେ ଗୁଳି ଚଳାଇଥିବା ସୂଚନା ମିଳିଛି । ଏଥିରେ ୧୨ ଜଣ ପ୍ରାଣ ହରାଇଥିବା ବେଳେ ୩୦ରୁ ଅଧିକ ଆହତ ହୋଇଛନ୍ତି । ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ପରେ ଖାମନେଇଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ଏହି ପ୍ରତିବାଦ ଆରମ୍ଭ ହୋଇଥିଲା । ପୁଲିସ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଲୁହବୁହା ଗ୍ୟାସ ପ୍ରୟୋଗ କରିବା ସହ ପ୍ରମୁଖ ରାସ୍ତାଗୁଡ଼ିକୁ ସିଲ୍ କରିଦେଇଛି । କନସୁଲେଟ୍ ବା ଦୂତାବାସ ଅଞ୍ଚଳରେ ଅତିରିକ୍ତ ବଳ ମୁତୟନ କରାଯାଇଛି । କେବଳ କରାଚି ନୁହେଁ, ଲାହୋର ଓ ସ୍କାର୍ଦୁ ପରି ସହରରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସ୍କାର୍ଦୁରେ ଲୋକେ ମିଳିତ ଜାତିସଂଘ (ୟୁଏନ୍)ର କାର୍ଯ୍ୟାଳୟରେ ନିଆଁ ଲଗାଇଦେଇଛନ୍ତି ।

## ଇରାନରେ ବି ବିଫଳ ହେଲା ଚୀନ୍‌ର ଏୟାର ଡିଫେନ୍ସ ସିଷ୍ଟମ

**ତେହେରାନ,୧।୩(ଏଜେନ୍ସି):** ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣରେ ଇରାନର ସହରଗୁଡ଼ିକ ଛାରଖାର ହେବା ପରେ, ଇରାନର ବାୟୁ ପ୍ରତିରକ୍ଷା ପ୍ରଣାଳୀ (ଏୟାର ଡଫେନ୍ସ ସିଷ୍ଟମ)ର କ୍ଷମତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିଶେଷ କରି ଚୀନ୍‌ଠାରୁ କିଣାଯାଇଥିବା ଏଚ୍‌କ୍ୟୁ-୯ବି ସିଷ୍ଟମ ଶତ୍ରୁ ପକ୍ଷର ମିସାଇଲ ରୋକିବାରେ ବିଫଳ ହୋଇଥିବା ସ୍ପଷ୍ଟ ହୋଇଛି । ଇରାନ ନିଜର ତୈଳ ବଦଳରେ ଚୀନଠାରୁ ଏହି ଅତ୍ୟାଧୁନିକ ପ୍ରତିରକ୍ଷା ପ୍ରଣାଳୀ କ୍ରୟ କରିଥିଲା । ପୂର୍ବରୁ ପାକିସ୍ତାନରେ ମଧ୍ୟ ଭାରତର 'ଅପରେସନ ସିନ୍ଦୂର' ସମୟରେ ଏହି ସିଷ୍ଟମ ଫେଲ୍ ମାରିଥିଲା । ବର୍ତ୍ତମାନ ଇରାନରେ ଏହାର ଖରାପ ପ୍ରଦର୍ଶନ ଚୀନର ପ୍ରତିରକ୍ଷା ଟେକ୍ନୋଲୋଜି ଉପରେ ସନ୍ଦେହ ସୃଷ୍ଟି ହୋଇଛି । ଏଚ୍‌କ୍ୟୁ- ୯ବି ହେଉଛି ଚୀନର ଏକ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ବାୟୁ ପ୍ରତିରକ୍ଷା ପ୍ରଣାଳୀ । ଏହାର ଲକ୍ଷ୍ୟଭେଦ କ୍ଷମତା ୧୬୦ କିମି ଏବଂ ୫୦ କିମି ଉଚ୍ଚତାରେ ଶତ୍ରୁପକ୍ଷର ବିମାନ ଓ ମିସାଇଲ୍‌କୁ ଖସାଇ ଖସାଇ ଦେଇପାରେ ବୋଲି ଦାବି କରାଯାଏ । ଏହା ଏକାସାଙ୍ଗରେ ୧୦୦ଟି ଲକ୍ଷ୍ୟକୁ ଟ୍ରାକ କରିପାରିବ । ଇରାନ ନିଜର ପରମାଣୁ କେନ୍ଦ୍ର ଓ ତେହେରାନ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏଚ୍‌କ୍ୟୁ-୯ବି ମୁତୟନ କରିଥିଲା । ଏହା ସହିତ ରୁଷର ଏସ୍-୩୦୦ ଓ ସ୍ୱାଦେଶୀ ବାଭର-୩୭୩ ମଧ୍ୟ ଥିଲା । କିନ୍ତୁ କେହି ବି ଆମେରିକା- ଇସ୍ରାଏଲର ଶକ୍ତିଶାଳୀ ଆକ୍ରମଣକୁ ରୋକି ପାରିଲେ ନାହିଁ । ଇରାନର ୩୧ଟିରୁ ୨୦ଟିରୁ ଅଧିକ ରାଜ୍ୟ ଆକ୍ରମଣ ଦ୍ୱାରା ପ୍ରଭାବିତ ହୋଇଛି ।

ବ୍ୟବସାୟୀ ରାହୁଲ ହତ୍ୟାକାଣ୍ଡ

# ସାଙ୍ଗଙ୍କୁ ବଞ୍ଚାଇବାକୁ ଯାଇ ଜୀବନ ଗଲା

ଭୁବନେଶ୍ୱର, ୧।୩ (ସମିସ): ବ୍ୟବସାୟୀ ରାହୁଲ ମହାରଣା ହତ୍ୟାକାଣ୍ଡ ଉପରୁ ପରଦା ହଟିଛି। ମାତ୍ର ୧୨ଘଣ୍ଟା ମଧ୍ୟରେ ପୁଲିସ ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିବା ସହ ଅଭିଯୁକ୍ତ ଦାଦା ଓ ୨ ପୁତୁରାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି, କଟକ ଜିଲ୍ଲା କାନପୁର ଥାନା ମାନପୁରର ସମରେନ୍ଦ୍ର ବେହେରା ଓରଫ୍ ମୁନା(୨୦), ତା'ର ବଡ଼ଭାଇ ସଂଗ୍ରାମ ବେହେରା ଓରଫ୍ କୁନା (୨୪) ଓ ସେମାନଙ୍କ ଦାଦା ସଂଗ୍ରାମ କେଶରୀ ବେହେରା ଓରଫ୍ ଶତୁରା (୩୭)। ସଂଗ୍ରାମ ୧୨୦ ବାଟାଲିୟନରେ ଯବାନ ହୋଇଥିବା ବେଳେ ଜମ୍ମୁ କାଶ୍ମୀରରେ କାର୍ଯ୍ୟରତ ଥିଲେ। ସେମାନଙ୍କଠାରୁ ଦୁଇଟି ବାଇକ୍ ଓ ଛୁରି ଜବତ ହୋଇଛି। ସାମାନ୍ୟ ବଚସାରୁ ଏଭଳି ଜଘନ୍ୟ କାଣ୍ଡ ଘଟିଛି। ବନ୍ଧୁ ଶିବଙ୍କୁ ବଞ୍ଚାଇବାକୁ ଯାଇ ରାହୁଲ ପ୍ରାଣ ହରାଇଛନ୍ତି ବୋଲି ଜଣାଯାଇଛି।

ପୁଲିସ ସୂଚନା ମୁତାବକ, ଯବାନ ସଂଗ୍ରାମଙ୍କ ପରିବାର ଓ ବଡ଼ ପୁତୁରା କୁନା ଜିଜିପି କଲୋନୀରେ ଭଡ଼ାରେ ରହୁଛନ୍ତି। ସଂଗ୍ରାମ ଛୁଟିରେ ଆସିଥିବାରୁ ସାନ ପୁତୁରା ମୁନା ମଧ ଭୁବନେଶ୍ୱର ଆସିଥିଲା। ଗତକାଲି ସନ୍ଧ୍ୟାରେ



■ ଦାଦା, ୨ ପୁତୁରା ମିଶି ମାରିଦେଲେ
■ ଯବାନଙ୍କ ସମେତ ୩ ଗିରଫ
■ ଦୁଇଟି ବାଇକ୍ ଓ ଛୁରି ଜବତ
■ ଅଭିଯୁକ୍ତଙ୍କ ହେବ ଟିଆଇ ପରେଡ୍
■ ଚକ୍ଷୁଦାନ କଲେ ମୃତକଙ୍କ ପରିବାର

ପାଣ୍ଡରା ଅଞ୍ଚଳର ରାହୁଲ, ଶିବ, ସଚିନ ଓ ବବୁଲ ଜିଜିପି କଲୋନୀସ୍ଥିତ ସ୍କୁଲ୍ ପଡ଼ିଆରେ ବସିଥିଲେ। ସେଇ ପାଖରେ ସଂଗ୍ରାମ ଓ ତାଙ୍କ ଦୁଇ ପୁତୁରା କୁନା ଓ ମୁନା ମଧ ବସିଥିଲେ। ଫୋନ୍ ଆସିବାରୁ ରାହୁଲଙ୍କ ସାଙ୍ଗ ଶିବ କଥା ହୋଇ ହୋଇ ସଂଗ୍ରାମଙ୍କ ଆଡ଼କୁ ପଳାଇଥିଲେ। ଶିବ ଫୋନ ଯୋଗେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି କଥାବାର୍ତ୍ତା ହେଉଥିବାରୁ ସଂଗ୍ରାମ ଏହାକୁ ବିରୋଧ କରିଥିଲେ। ଫଳରେ ଶିବ ଓ ସଂଗ୍ରାମଙ୍କ ମଧ୍ୟରେ ବଚସା ହୋଇଥିଲା। ସଂଗ୍ରାମ, ମୁନା ଓ କୁନା ମିଶି ଶିବଙ୍କୁ ଗୋଇଠା ଓ ମୁଥ ମାରିଥିଲେ। ରାହୁଲ ପାଟିତୁଣ୍ଡ ଶୁଣି ନିଜ ସାଙ୍ଗ ଶିବଙ୍କୁ ବଞ୍ଚାଇବାକୁ ଯାଇଥିଲେ। ସଂଗ୍ରାମ ଓ କୁନା ମିଶି ରାହୁଲଙ୍କୁ ଧରି ପକାଇଥିବା ବେଳେ ମୁନା ପାଖରେ ରଖିଥିବା ଛୁରିରେ ତାଙ୍କୁ ଆକ୍ରମଣ କରିଥିଲା। ରାହୁଲ କାକୁତିମିନତି ହେଉଥିବା ବେଳେ ମୁନା ତାଙ୍କ ଛାତି, ବେକ ଓ ହାତକୁ ଛୁରି ଭୁସି ଚାଲିଥିଲା। ରାହୁଲ ପଡ଼ିଯିବା ପରେ ଅଭିଯୁକ୍ତମାନେ ଛାଡ଼ି ପଳାଇଥିଲେ। ସେପଟେ, ରାହୁଲଙ୍କ ସାଙ୍ଗ ତାଙ୍କୁ ଉଦ୍ଧାର କରି ଗୋଟିଏ ପରେ ଗୋଟିଏ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରୁ କ୍ୟାପିଟାଲ ହସ୍ପିଟାଲକୁ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସେପଟେ ଖବର ପାଇ ମଞ୍ଚେଶ୍ୱର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସ୍କୁଲ୍ ପ୍ରବେଶ ପଥରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରି ୩ ଅଭିଯୁକ୍ତ ବ୍ୟବହାର କରିଥିବା ଦୁଇଟି ଗାଡ଼ିକୁ ଚିହ୍ନଟ କରିଥିଲା। ଗାଡ଼ିରୁ ନମ୍ବରରୁ ମିଳିଥିବା ଠିକଣା କଟକ କାନପୁରର ହୋଇଥିବାରୁ ଅଭିଯୁକ୍ତଙ୍କୁ ତୁରନ୍ତ ଧରିବା ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ହେଲେ ସେଥିରୁ ମିଳିଥିବା ମୋବାଇଲ ନମ୍ବରର ଲୋକେସନ୍ ସ୍ଥାନୀୟ ଅଞ୍ଚଳରେ ଦେଖାଇଥିଲା। ପୁଲିସ ଭଡ଼ା ଘରେ ଚଢ଼ଉ କରି ସଂଗ୍ରାମ, ମୁନା ଓ କୁନାକୁ ଗିରଫ କରିଥିଲା। ରାହୁଲଙ୍କ ସାଙ୍ଗ ସଚିନ କୁମାର ନାୟକଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିବା ସହ ସହ ୩ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। କ୍ୟାପିଟାଲ ହସପିଟାଲରେ ମୃତଦେହ ବ୍ୟବଚ୍ଛେଦ କରି ପରିବାରଲୋକଙ୍କୁ ହସ୍ତାନ୍ତର କରିଥିଲା। ହତ୍ୟା ଭଳି ସମ୍ବେଦନଶୀଳ ମାମଲା ହୋଇଥିବାରୁ ଘଟଣାକୁ ପୁଲିସ ଗୁରୁତ୍ୱ ଦେବା ସହ ପ୍ରମାଣ ସଂଗ୍ରହ କରୁଛି। ଏଥିଲାଗି ଅଭିଯୁକ୍ତମାନଙ୍କ ଟିଆଇ ପରେଡ୍ କରାଯିବ ବୋଲି ପୁଲିସ କହିଛି।

ସାଇବର ଅପରାଧୀଙ୍କ ପାଇଁ କାଳ ସାଜିଛି 'ସାଇବର କବଚ'

# ୨୮୧ ଗିରଫ, ୨୨ ହଜାରରୁ ଊର୍ଦ୍ଧ୍ୱ ଆକାଉଣ୍ଟ ଯାଞ୍ଚ

କଟକ, ୧।୩ (ସମିସ): ରାଜ୍ୟରେ ସାଇବର ଠକେଇ ଉପରେ ରୋକ୍ ଲଗାଇବା ପାଇଁ ଓଡ଼ିଶା ପୁଲିସ ଏକ ଶକ୍ତିଶାଳୀ ରଣନୀତି ପ୍ରସ୍ତୁତ କରିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶବାହାଦୂରଖୁରାନିଆଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶରେ ଆରମ୍ଭ ହୋଇଥିବା 'ଅପରେସନ୍ ସାଇବର୍ କବଚ' ମାଧ୍ୟମରେ ସାଇବର ଠକେଇରେ ବ୍ୟବହୃତ ମ୍ୟୁଲ୍ ବା ବେନାମୀ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଟାର୍ଗେଟ୍ କରାଯାଇଛି। ସମଗ୍ର ରାଜ୍ୟରେ ଏ ପର୍ଯ୍ୟନ୍ତ ମୋଟ

■ ଡିଜିପିଙ୍କ ନିର୍ଦ୍ଦେଶରେ ରାଜ୍ୟବ୍ୟାପୀ ପୁଲିସର ବଡ଼ ଆହ୍ୱାନ
■ ଠାବ ହେଲା ୭୦୦ରୁ ଅଧିକ ବେନାମୀ ବ୍ୟାଙ୍କ ଆକାଉଣ୍ଟ

୨୨,୪୫୫ଟି ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଥିବା ବେଳେ ଏହି ପ୍ରକ୍ରିୟାରେ ୨୮୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେହିପରି ମ୍ୟୁଲ୍ ଆକାଉଣ୍ଟ ସମ୍ପର୍କିତ ୭୬୦ଟି ମାମଲା ସମେତ ଏଟିଏମ୍ ଓ ଚେକ୍ ଜରିଆରେ ଟଙ୍କା ଉଠାଣ ଏବଂ ନକଲି ସିମ୍ କାରବାର ସହ ଜଡ଼ିତ ଏକାଧିକ ନୂଆ ମାମଲା ରୁଜୁ ହୋଇଛି। ଏହି ଅଭିଯାନରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପୁଲିସ ବେଶ୍ ସକ୍ରିୟ ଭୂମିକା ଗ୍ରହଣ କରିଛି। ରାଉରକେଲା ଜିଲ୍ଲା ପୁଲିସ୍ ସର୍ବାଧିକ ୩୭ଟି ମାମଲା ରୁଜୁ କରିଥିବା ବେଳେ ଢେଙ୍କାନାଳରେ ୧୨୫ଟି, ବାଲେଶ୍ୱରରେ ୧୧୪ଟି ଏବଂ ବରଗଡ଼ରେ ୧୦୯ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରାଯାଇଛି। ସେହିପରି, ଗଞ୍ଜାମ ପୁଲିସ ୪ଜଣଙ୍କୁ ଗିରଫ କରିଥିବା ବେଳେ ନୟାଗଡ଼ ପୁଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। କଟକ, ଯାଜପୁର, ପୁରୀ, ଝାରସୁଗୁଡ଼ା, ସମ୍ବଲପୁର ଓ କେନ୍ଦୁଝର ପରି ଜିଲ୍ଲାଗୁଡ଼ିକରେ ମଧ ବେନାମୀ ଆକାଉଣ୍ଟ ଯାଞ୍ଚ ସହ ସନ୍ଦିଗ୍ଧଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି। ମୋଟାମୋଟି ଭାବେ ରାଜ୍ୟର ୫,୦୯୨ ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ପୁଲିସ ପକ୍ଷରୁ ନୋଟିସ୍ ପଠାଯାଇ ଘଟଣାର ତଦନ୍ତ ଜାରି ରହିଛି।

ସାଇବର ଅପରାଧମୁକ୍ତ ଓଡ଼ିଶା ଗଠନ ପାଇଁ ରାଜ୍ୟ ପୁଲିସ ସର୍ବଦା ପ୍ରତିଶ୍ରୁତିବଦ୍ଧ ବୋଲି ଡିଜିପି ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି। ବିଶେଷକରି ଲୋକମାନଙ୍କୁ ପ୍ରଲୋଭିତ କରି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଠକେଇ ଟଙ୍କା କାରବାରରେ ବ୍ୟବହାର କରୁଥିବା ମ୍ୟୁଲ୍ ଆକାଉଣ୍ଟ ହୋଲ୍ଡରଙ୍କ ଉପରେ ନଜର ରଖାଯାଇଛି। ଆଗାମୀ ଦିନରେ ଏହି ଅଭିଯାନକୁ ଆହୁରି କଡ଼ାକଡ଼ି କରାଯିବ ଏବଂ କୌଣସି ବି ପରିସ୍ଥିତିରେ ଅପରାଧୀଙ୍କୁ ଛଡ଼ାଯିବ ନାହିଁ। ରାଜ୍ୟବାସୀଙ୍କୁ ନିଜର ବ୍ୟାଙ୍କ ସୂଚନା ଗୋପନ ରଖିବାକୁ ଏବଂ ସାଇବର ଠକେଇର ଶିକାର ହେଲେ ତୁରନ୍ତ ୧୯୩୦ ନମ୍ବରରେ ଜଣାଇବାକୁ ପୁଲିସ ପରାମର୍ଶ ଦେଇଛି।

ଦଶମ ଶ୍ରେଣୀ ପ୍ରଶ୍ନପତ୍ରରେ ତ୍ରୁଟି

# ଗୋଟିଏ ପ୍ରଶ୍ନରେ ଦୁଇଟି ସମାନ ଅପ୍‌ସନ୍

ଭୁବନେଶ୍ୱର, ୧।୩ (ସମିସ): ଦଶମ ଶ୍ରେଣୀ ପରୀକ୍ଷା ପ୍ରଶ୍ନପତ୍ରରେ ଗୁରୁତର ତ୍ରୁଟି ପରିଲକ୍ଷିତ ହୋଇଛି। ଗତ ୨୮ ତାରିଖରେ ଅନୁଷ୍ଠିତ ସାମାଜିକ ବିଜ୍ଞାନ ପ୍ରଶ୍ନପତ୍ରରେ ଗୋଟିଏ ପ୍ରଶ୍ନର ୪ଟି ଅପସନ୍ ମଧ୍ୟରୁ ୨ଟି ଅପସନ୍ ସମାନ ରହିଛି। ଫଳରେ କିଛି ଛାତ୍ରଛାତ୍ରୀ ଗୋଟିଏ ଉତ୍ତର ବାଛିଥିବା ବେଳେ ଆଉ କିଛି ଉଭୟ ଅପସନ୍‌କୁ ଉତ୍ତର ଦେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି।

ସୂଚନା ଅନୁଯାୟୀ, ସାମାଜିକ ବିଜ୍ଞାନ ପରୀକ୍ଷା ସେଟ୍-ବି' ର ୧୦ ନମ୍ବର ପ୍ରଶ୍ନରେ 'ଭାରତରେ କେଉଁ ମସିହାରେ ରାଜ୍ୟ ପୁନର୍ଗଠନ ଆୟୋଗ ଗଠିତ ହୋଇଥିଲା' ବୋଲି ପଚରାଯାଇଛି। ତାହାର ଅପସନ୍ ସି' ଓ ଡି'ରେ ୧୯୫୬ ରହିଛି। ଏହାର ପ୍ରକୃତ ଉତ୍ତର ମଧ ୧୯୫୬ ହେଉଥିବାରୁ କେଉଁ ଅପସନ୍‌କୁ ଛାତ୍ରଛାତ୍ରୀମାନେ ଉତ୍ତର ଦେବେ, ସେନେଇ

■ ଗ୍ରେସ୍ ମାର୍କ ଦାବି କଲେ ଛାତ୍ରଛାତ୍ରୀ ଓ ଶିକ୍ଷକ
■ ଆସନ୍ତାକାଲି ମନ୍ତବ୍ୟ ଦେବି: ବୋର୍ଡ ସଭାପତି

ଦ୍ୱନ୍ଦ୍ୱରେ ପଡ଼ିଥିଲେ। କିଛି ପିଲା ଅପସନ୍ ସି'କୁ ଗୋଲ୍ ବୁଲାଇଥିବା ବେଳେ ଆଉ କିଛି ଅପସନ୍ ଡି'ରେ ଗୋଲ ବୁଲାଇଛନ୍ତି। ଆଉ କିଛି ଛାତ୍ରଛାତ୍ରୀ ଉଭୟ ସି' ଓ ଡି'ରେ ଗୋଲ ବୁଲାଇଛନ୍ତି। ତେବେ କେଉଁ ଅପସନ୍‌କୁ ଠିକ୍ ଦର୍ଶାଇ ବୋର୍ଡ ମାର୍କିଂ କରିବ, ସେନେଇ ପରୀକ୍ଷାର୍ଥୀ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଏଣୁ, ଏହାକୁ ବିଚାର କରି ଗ୍ରେସ୍ ମାର୍କ ଦେବାକୁ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଦାବି କରିଛନ୍ତି। ଏହି ଅଭିଯୋଗ ସମ୍ପର୍କରେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି ଯେ ଆଜି ଛୁଟି ଥିବାରୁ ଏ ସମ୍ପର୍କରେ କିଛି କହିବେ ନାହିଁ। ଆସନ୍ତାକାଲି ଏ ସମ୍ପର୍କରେ ମତ ରଖିବେ। ମାତ୍ର ପ୍ରଶ୍ନପତ୍ରରେ ତ୍ରୁଟି ହୋଇଥିବା ବା ପିଲାଙ୍କୁ ଗ୍ରେସ୍ ମାର୍କ ପ୍ରଦାନ କରାଯିବା ସମ୍ପର୍କରେ କୌଣସି ମନ୍ତବ୍ୟ ଦେଇ ନାହାନ୍ତି।

# ଡ୍ୟୁଟି ବେଳେ ଚାଲିଗଲା ଫାର୍ମାସିଷ୍ଟଙ୍କ ଜୀବନ

କ୍ଷତିପୂରଣ ସହ ସ୍ତ୍ରୀଙ୍କୁ ଚାକିରି ଦାବିରେ ପରିବାରର ବିକ୍ଷୋଭ



କେନ୍ଦୁଝର, ୧।୩ (ସମିସ): କେନ୍ଦୁଝର ଜିଲ୍ଲା ପଦ୍ମପୁର ଅଞ୍ଚଳର ସୁଶୀଲ କୁମାର ସାହୁ କେନ୍ଦୁଝର ଡିଏମ୍ଏଫ୍ ଦ୍ୱାରା ପରିଚାଳିତ ଆମ୍ବୁଲାନ୍ସରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟ କରୁଥିଲେ। ସେ କାର୍ଯ୍ୟରତ ଥିବା ସମୟରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ପରିବାରଲୋକଙ୍କ ଅଭିଯୋଗ ଅନୁସାରେ, ଶନିବାର ଅପରାହ୍ଣରେ ସୁଶୀଲ ପାଟଣାରେ ଜଣେ ରୋଗୀଙ୍କୁ ଛାଡ଼ି ଫେରୁଥିବା ସମୟରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ କେନ୍ଦୁଝର ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୁଶୀଲଙ୍କ ଗୋଟିଏ ଝିଅ ଥିବା ବେଳେ ସେ ୯ମ ଶ୍ରେଣୀରେ ପଢ଼ୁଛି। ସୁଶୀଲ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କ ପରିବାରଲୋକେ ଉପଯୁକ୍ତ କ୍ଷତିପୂରଣ ସହ ତାଙ୍କ ସ୍ତ୍ରୀଙ୍କୁ ଚାକିରି ଦାବିରେ ଅଡ଼ି ବସିଥିଲେ। ଲିଖିତ ପ୍ରତିଶ୍ରୁତି ନ ପାଇବା ପର୍ଯ୍ୟନ୍ତ ମୃତଦେହ ଉଠାଉନଥିଲେ। ଏନେଇ କେନ୍ଦୁଝର ଧରଣୀଧର ମେଡିକାଲ କଲେଜର ମ୍ୟାନେଜର ପରିବାରଲୋକଙ୍କ ସହିତ ଆଲୋଚନା କରିଥିଲେ। ପରେ ପଦ୍ମପୁରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ଦନ୍ତା ଆକ୍ରମଣରେ ଜଣେ ମୃତ

ନାରଦପୁର,୧।୩(ସମିସ): ଚମ୍ପୁଆ ରେଞ୍ଜ ଅଧୀନ ବାଲିବନ୍ଧ ସେକ୍ସନ୍ ହୀରାପୁର ଗ୍ରାମରେ ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ, ବାହାଦୁଲା ଓରାମ (୫୬)। ତାଙ୍କ ଘର ମନୋହରପୁର ଗ୍ରାମରେ। ଗତ ରାତିରେ ଦନ୍ତାଟି ଜଙ୍ଗଲରୁ ବାହାରି ହୀରାପୁର ଗାଁ ଦେଇ ଯାଉଥିଲା। ଏହି ସମୟରେ ବାହାଦୁଲା ତା' ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ବନ ବିଭାଗ କର୍ମଚାରୀ ତାଙ୍କୁ ପ୍ରଥମେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ଓ ସେଠାରୁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଟ୍ରିବ୍ୟୁନାଲଙ୍କ ଓଡ଼ିଶା ଗସ୍ତକୁ ବିରୋଧ

ଭୁବନେଶ୍ୱର,୧।୩(ସମିସ): ମହାନଦୀ ଜଳବିବାଦର ସମାଧାନ ନାମରେ ଟ୍ରିବ୍ୟୁନାଲର ସଦସ୍ୟମାନେ ପାରିବାରିକ ଗସ୍ତରେ ଓଡ଼ିଶା ଆସି ବିଳାସମୟ ପିକ୍‌ନିକ୍ କରୁଛନ୍ତି ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ ଅଭିଯୋଗ କରିଛି। ସଂଗଠନ କହିଛି ଯେ ଏହି ଗସ୍ତରେ ଟ୍ରିବ୍ୟୁନାଲଙ୍କ ପରିବାର ସଦସ୍ୟ ଆସିଥିବା ବେଳେ ସେମାନେ ବିଭିନ୍ନ ସ୍ଥାନ ପରିଦର୍ଶନ କରୁଛନ୍ତି। ରବିବାର ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବହକ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ସଂଗଠନ ପକ୍ଷରୁ ଭୁବନେଶ୍ୱରସ୍ଥିତ ମେ' ଫେୟାର ହୋଟେଲ୍ ସାମନାରେ ପ୍ରତିବାଦ କରାଯିବା ସହ ମହାନଦୀ ପାଇଁ ଟ୍ରିବ୍ୟୁନାଲ ଏବଂ କେନ୍ଦ୍ର ସରକାରଙ୍କୁ ନିଦରୁ ଉଠାଇବା ପାଇଁ ରାଜ୍ୟର ପଲ୍ଲୀଠୁ ଦିଲ୍ଲୀ ପର୍ଯ୍ୟନ୍ତ ଲଢ଼େଇ ଜୋରଦାର୍ ହେବ ବୋଲି କୁହାଯାଇଛି।

ସଂଗଠନ କହିଛି ଯେ ମହାନଦୀ ଟ୍ରିବ୍ୟୁନାଲ ମାର୍ଚ୍ଚ ୨ ପର୍ଯ୍ୟନ୍ତ ୫ ଦିନ ଧରି ଓଡିଶା ଗସ୍ତରେ ଅଛନ୍ତି। ପୂର୍ବରୁ ୨୦୨୩ରେ ଟ୍ରିବ୍ୟୁନାଲଙ୍କ ଗସ୍ତରେ ଓଡିଶା ସରକାରଙ୍କର ୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ମହାନଦୀ ଟ୍ରିବ୍ୟୁନାଲଙ୍କ ଗସ୍ତ ପିକ୍‌ନିକ୍ ପାଇଁ ନୁହଁ; ପ୍ରଣୟର ମାଙ୍ଗଳିକ ବୋଲି ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟଙ୍କ ଉକ୍ତିକୁ ମଧ ମହାନଦୀ ବଞ୍ଚାଅ ଆନ୍ଦୋଳନ ନାପସନ୍ଦ କରିଛି। କାରଣ ଆସିଥିବା ଟ୍ରିବ୍ୟୁନାଲର ୧୦ଜଣ ସଦସ୍ୟଙ୍କ ଭିତରୁ ୪ଜଣ ସେମାନଙ୍କ ପରିବାର ଲୋକ ଏବଂ ସେମାନେ ବୁଲୁଥିବା ସ୍ଥାନ ଭିତରୁ ହୀରାକୁଦକୁ ଛାଡ଼ିଦେଲେ ଅନ୍ୟ ସ୍ଥାନଗୁଡିକର ମହାନଦୀ ସ୍ଥିତି ଆକଳନ ସହ କୌଣସି ସଂପର୍କ ନାହିଁ। ରାଜ୍ୟ ସରକାରଙ୍କ ବିଳାସପୂର୍ଣ୍ଣ ଅତିଥି ଭବନ ଥିବା ବେଳେ ଫାଇଭ ଷ୍ଟାର ହୋଟେଲରେ ଟ୍ରିବ୍ୟୁନାଲଙ୍କ ରହଣି କ'ଣ ପାଇଁ ବୋଲି ସଂଗଠନ ପ୍ରଶ୍ନ କରିଛି।

ଅନ୍ୟପଟରେ ଛତିଶଗଡ଼ ଆପୋଷ ସମାଧାନ ପାଇଁ ଓଡ଼ିଶାକୁ ସହଯୋଗ ଦେଉନାହିଁ। କାରଣ ଛତିଶଗଡ଼ ଏପର୍ଯ୍ୟନ୍ତ ଓଡିଶା ପରି କମିଟି ଗଠନ କରିନି। ତେଣୁ ଟ୍ରିବ୍ୟୁନାଲ ମଧ୍ୟବର୍ତ୍ତୀକାଳୀନ ଅନ୍ତରୀଣ ଆଦେଶରେ ଅଣ-ମୌସୁମୀ ସମୟରେ ମହାନଦୀର ନିତାନ୍ତ ଆବଶ୍ୟକ ପାଣି ଛାଡିବାକୁ ଛତିଶଗଡ଼କୁ ନିର୍ଦ୍ଦେଶ ଦେବାକୁ ସଂଗଠନ ଆଜି ପ୍ରତିବାଦରେ ଦାବି କରିଛି। କଲମା ବ୍ୟାରେଜରେ ନଦୀର ତଣ୍ଟି ଚିପି ପାଣି ସମ୍ପୂର୍ଣ୍ଣ ବନ୍ଦ କରିବାରୁ ନିବୃତ ରହିବାକୁ ଛତିଶଗଡ଼କୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆବାହକ ସୁଦର୍ଶନ ଦାସ କହିଛନ୍ତି। ଟ୍ରିବ୍ୟୁନାଲ ଗସ୍ତରେ ପାଣି ଅଭାବରୁ ପ୍ରଭାବିତ

■ 'ମହାନଦୀ ବଞ୍ଚାଅ ଆନ୍ଦୋଳନ'ର ଜୋର୍‌ଦାର୍ ପ୍ରତିବାଦ
■ ଆବଶ୍ୟକ ପାଣି ଛାଡ଼ିବାକୁ ଅନ୍ତରୀଣ ଆଦେଶ ଦାବି

ଅଂଚଳ ନ ଯାଇ ହୀରାକୁଦ ଡ୍ୟାମ୍, ଡେବ୍ରିଗଡ଼ ଜଙ୍ଗଲ, ସମଲେଇ, ପୁରୀ ଜଗନ୍ନାଥ, ଲିଙ୍ଗରାଜ, ରାମଚଣ୍ଡୀରେ ବୋଟିଂ, କୋଣାର୍କ ଓ ଚିଲିକା ସି' ମାଉଥ୍ ବୁଲିବା ସହ ବୋଟିଂର କାର୍ଯ୍ୟକ୍ରମ ରହିଛି। ଏହା ପିକ୍‌ନିକ୍, ଏସ୍କର୍ସନ ବା ବିଳାସମୟ ଭ୍ରମଣ ନୁହେଁ ତ ଆଉ କ'ଣ ବୋଲି ସଂଗଠନ ପ୍ରଶ୍ନ କରିଛି। ମେଫେୟାରଠାରେ ଆଜିର ପ୍ରତିବାଦରେ ସଂଗଠନର ସହ ଆବାହକ ବାସୁଦେବ ଭଞ୍ଜ, ମୁଖପାତ୍ର ପ୍ରସନ୍ନ ବିଶୋଇ, ଫରୱାର୍ଡ ବ୍ଲକ ନେତା ଜ୍ୟୋତି ମହାପାତ୍ର, ଏନ୍‌ଏଚ୍‌ଆରସି କୋର୍ ମେମ୍ବର ମନୋଜ ଜେନା ପ୍ରମୁଖ ସାମିଲ ହୋଇଛନ୍ତି।




# ୫,୩୭୦ ବିଦ୍ୟାଳୟରେ ହେବ ଏଆଇ ଶ୍ରେଣୀଗୃହ

ନିଅଣ୍ଟିଆ ଭିତ୍ତିଭୂମି ମଧ୍ୟରେ ଏପରି ଯୋଜନାକୁ ଅଭିଭାବକଙ୍କ ନାପସନ୍ଦ

ଭୁବନେଶ୍ୱର, ୧।୩ (ସମିସ): ରାଜ୍ୟରେ ଶିକ୍ଷାଦାନ ପାଇଁ ପର୍ଯ୍ୟାପ୍ତ ଶିକ୍ଷକ ନାହାନ୍ତି। ହାଇସ୍କୁଲରେ ଲାଇବ୍ରେରୀ, ଲାବରାଟୋରୀ, ସ୍ମାର୍ଟ କ୍ଲାସରୁମ୍ ପରି ଅତ୍ୟାଧୁନିକ ବ୍ୟବସ୍ଥା ହୋଇଥିଲେ ମଧ ତହିଁରେ ତାଲା ଝୁଲିଲାଣି। ଏହାକୁ ବ୍ୟବସ୍ଥିତ କରିବା ପୂର୍ବରୁ କୃତ୍ରିମ ବୁଦ୍ଧିମତା (ଏଆଇ) ପରିଚାଳିତ ଭର୍ଚୁଆଲ୍ ଶ୍ରେଣୀଗୃହ ଯୋଡ଼ିବାକୁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଆଇସିଟି ଏବଂ ଡିଜିଟାଲ ପଦେକ୍ଷେପ ଅଧୀନରେ ରାଜ୍ୟର ୫,୩୭୦ ବିଦ୍ୟାଳୟରେ ଏହି ବ୍ୟବସ୍ଥା ଲାଗୁ କରିବାକୁ ରୂପରେଖ ପ୍ରସ୍ତୁତ ହୋଇଛି। ଇତିମଧ୍ୟରେ ଓକାକ୍ ପକ୍ଷରୁ ଟେଣ୍ଡର୍ ମଧ ଶେଷ ହୋଇଛି। ମାତ୍ର ରାଜ୍ୟର ନିଅଣ୍ଟିଆ ଭିତ୍ତିଭୂମି ମଧ୍ୟରେ ଶତାଧିକ କୋଟି ଟଙ୍କା ଖର୍ଚ୍ଚ କରି ଡିଜିଟାଲ ଓ ଏଆଇ ପରିଚାଳିତ ଭର୍ଚୁଆଲ ଶ୍ରେଣୀଗୃହ କିପରି ସଫଳ ହେବ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି।

ଏହି ପ୍ରକଳ୍ପ ଅଧୀନରେ ୪ଟି ମୁଖ୍ୟ ଷ୍ଟୁଡିଓ ସହ ୮ଟି ଜୋନାଲ ସ୍ତରୀୟ ଷ୍ଟୁଡିଓ ରହିବ। ଫାଇବର୍ ଓ ସାଟେଲାଇଟ୍ ଇଣ୍ଟରନେଟ୍ ସଂଯୋଗ ମାଧ୍ୟମରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରାଯିବ। ଓଡ଼ିଆ ସମେତ ଇଂରାଜୀ ଭାଷାରେ ଡିଜିଟାଲ କଣ୍ଟେଣ୍ଟ, ଶିକ୍ଷକଙ୍କ ଦକ୍ଷତା ବିକାଶ, ଏଆଇ ଆଧାରିତ ଭର୍ଚୁଆଲ ଶ୍ରେଣୀଗୃହ, ଇଣ୍ଟରାକ୍ଟିଭ୍ ଫ୍ଲାଟ୍ ପ୍ୟାନେଲ୍, ଡିଜିଟାଲ୍ ମୂଲ୍ୟାୟନ ଡିଭାଇସ୍, ଛାତ୍ର ଆପ୍, କାର୍ଯ୍ୟଦକ୍ଷତା ଆନାଲିଟିକ୍ସ ଡ୍ୟାସବୋର୍ଡ ପରି ବିଭିନ୍ନ ପ୍ରକାର ଭିତ୍ତିଭୂମି ରହିବ। ଯେଉଁ ସଂସ୍ଥା ଏହାର ଦାୟିତ୍ୱ ନେବ, ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ ଆସନ୍ତା ୫ବର୍ଷ ପାଇଁ ନେବ ବୋଲି ଟେଣ୍ଡର୍‌ରେ କୁହାଯାଇଛି। ଗ୍ରାମାଞ୍ଚଳ ବିଦ୍ୟାଳୟଗୁଡ଼ିକରେ ଏନେଇ ଆବଶ୍ୟକ ଭିତ୍ତିଭୂମି ସହ ଇଣ୍ଟରନେଟ୍ ଉପଲବ୍ଧ କରାଯିବ। ବ୍ରଡ୍‌କାଷ୍ଟିଂ ଷ୍ଟୁଡିଓ, ଏଆଇ ପରିଚାଳନା ଭର୍ଚୁଆଲ କ୍ଲାସରୁମ୍ ସହ ଡିଜିଟାଲ ମୂଲ୍ୟାୟନ, ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ଓଡ଼ିଆ ଓ ଇଂରାଜୀ ମାଧ୍ୟମରେ ଡିଜିଟାଏ କଣ୍ଟେଣ୍ଟ ଆଦି ପ୍ରସ୍ତୁତ କରିବାକୁ ଗଣଶିକ୍ଷା ବିଭାଗ ଲକ୍ଷ୍ୟ ରଖିଛି।

ସରକାରଙ୍କ ଏହି ପଦକ୍ଷେପ ସମ୍ପର୍କରେ ଉତ୍କଳ ଅଭିଭାବକ ସଂଘ ସଭାପତି କୃଷ୍ଣଚନ୍ଦ୍ର ପତି କହିଛନ୍ତି ଯେ ରାଜ୍ୟର ନିଅଣ୍ଟିଆ ଶୈକ୍ଷିକ ଭିତ୍ତିଭୂମି ମଧ୍ୟରେ ହଜାରେରୁ ଅଧିକ କୋଟି ଟଙ୍କା ବିନିଯୋଗ କରି ଏଆଇ ଆଧାରିତ ଶିକ୍ଷା ଯୋଜନା ଆଶ୍ଚର୍ଯ୍ୟ କରୁଛି। ରାଜ୍ୟରେ ନୂତନ ସରକାର ଆସିବା ପରେ ବର୍ଷେ ହେଲା ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ କେବଳ ଘୋଷଣାରେ ଚାଲିଛି। କେଉଁଠି ମଧ ଭିତ୍ତିଭୂମି ବିକଶିତ ହୋଇପାରୁନି। ଏହା ସତ୍ତ୍ୱେ ଏହି ଯୋଜନା ଏକ ବାହାସ୍ଫୋଟ ବୋଲି କହିବା ସହ କୌଣସି ଏକ କମ୍ପାନିଙ୍କୁ ଅହେତୁକ ଅନୁକମ୍ପା ଦେଖାଇବାକୁ ଏହି ପ୍ରକଳ୍ପ ନକ୍ସା ପ୍ରସ୍ତୁତ କରାଯାଇଥିବା ସେ ଆଶଙ୍କା ବ୍ୟକ୍ତ କରିଛନ୍ତି। ସେହିପରି ଓଡ଼ିଶା ଅଭିଭାବକ ମହାସଂଘ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଶୋୟୀ କହିଛନ୍ତି ଯେ ବିଦ୍ୟାଳୟରେ ସରକାର ଶିକ୍ଷକ ନିଯୁକ୍ତ କରିପାରୁନାହାନ୍ତି। ବଜେଟ୍ ଅନୁଯାୟୀ ଖର୍ଚ୍ଚ ମଧ କରିପାରୁ ନାହାନ୍ତି। ଏହି ମୌଳିକ ଆବଶ୍ୟକତା ପୂରଣ କରିବା ପୂର୍ବରୁ ଏଆଇ ଆଧାରିତ ଶିକ୍ଷାଦାନ ଯୋଜନା ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିଦେବ ବୋଲି ସେ ଆଶଙ୍କା ବ୍ୟକ୍ତ କରିଛନ୍ତି।



ସକାଳ
THE SAKALA



■ ସାହିତ୍ୟ ଦର୍ପଣର ବାର୍ଷିକୋତ୍ସବ

## ସାହିତ୍ୟ ହୃଦୟର କଥା କହିଲେ କାଳଜୟୀ ହୁଏ'



**ଧର୍ମଶାଳା,୧।୩(ସମିସ):** ସାହିତ୍ୟ ହୃଦୟର କଥା କହିଲେ କାଳଜୟୀ ହୁଏ। ଯେଉଁ ସାହିତ୍ୟ ମାଟି ଆଉ ମଣିଷର ଜୟଗାନ କରେ ସେ ସାହିତ୍ୟ ସର୍ବକାଳୀନ ସାହିତ୍ୟ ହୁଏ ବୋଲି ବିଶିଷ୍ଟ ବକ୍ତା ମାନେ ମତ ପ୍ରକାଶ କରିଛନ୍ତି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଆଜି ଧର୍ମଶାଳା ଷ୍ଟାଡିୟମ୍ ପରିସରରେ ସାହିତ୍ୟ ଦର୍ପଣ ପତ୍ରିକାର ୨୬ତମ ବାର୍ଷିକ ସାରସ୍ୱତ ଉତ୍ସବ ତ୍ରିଲୋଚନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କବି ଅଭୟ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ଜୀବନର ପୂର୍ଣ୍ଣତା ହିଁ ସାହିତ୍ୟ ପାଇଁ ଖୋରାକ ଯୋଗାଏ ବୋଲି ଶ୍ରୀ ନାୟକ କହିଥିଲେ। ଆଜିର ଆର୍ଟିଫିସିଆଲ୍ ଟେକ୍ନୋଲୋଜି ସାହିତ୍ୟ ପାଇଁ ଆହ୍ୱାନ ସୃଷ୍ଟି କରିପାରେ। ତାକୁ ପ୍ରତିହତ କରି ପତ୍ରିକା ଦ୍ୱାରା ଲେଖକ ଟିଏ ସମୃଦ୍ଧ ହେବ ନିଶ୍ଚୟ। ଏହି ଉତ୍ସବରେ ବିଶିଷ୍ଟ କବି ଧନଞ୍ଜୟ ସ୍ୱାଇଁ, ସମାଜସେବୀ ମିନତୀ ସାହୁ ପ୍ରମୁଖ ଯୋଗ ଦେଇ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କ ରେ ଆଲୋଚନା କରିଥଲେ। ଏହି ଅବସର ରେ ସମସ୍ତ ଅତିଥି ସାହିତ୍ୟ ଦର୍ପଣ ପତ୍ରିକା ଉନ୍ମୋଚନ କରିଥଲେ। ସାମଗ୍ରୀକ ସାହିତ୍ୟ କୃତୀ ପାଇଁ କବି ଡ. ସଂଘମିତ୍ରା ରାଏଗୁରୁଙ୍କୁ ସମ୍ମାନଜନକ ସାହିତ୍ୟ ଦର୍ପଣ ପୁରସ୍କାର ସ୍ୱରୂପ ନଗଦ ପାଞ୍ଚ ହଜାର ଟଙ୍କା, ଉତ୍ତରୀୟ ଓ ଫଳକ ପ୍ରଦାନ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ କବି ରାଜୀବ ପାଣି, ଗାଳ୍ପିକା ସ୍ମୃତି ପଟ୍ଟନାୟକ, କବି ବୃନ୍ଦାବନ ଦାସ, ପ୍ରାବନ୍ଧିକ ଗିରିଜା ଶଙ୍କର ସେଠୀ, ଘୋଷକ ଅବିନାଶ ଷଡ଼ଙ୍ଗୀଙ୍କୁ ସାହିତ୍ୟ ଦର୍ପଣ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି କବି ପଲ୍ଲବୀ ନାୟକଙ୍କୁ ଯୁବ ପ୍ରତିଭା ସମ୍ମାନ, ବ୍ରହ୍ମାନନ୍ଦ ସାହୁଙ୍କୁ ସଫଳ ଉଦ୍ୟୋଗୀ ସମ୍ମାନ ପ୍ରଦାନ କରାଯାଇଥିଲା। ସଂପାଦକ ବିମଳ ପତି ସ୍ୱାଗତ ଅଭିଭାଷଣ ଓ ବିବରଣୀ ପ୍ରଦାନ କରିଥଲେ। କବି ପିନାକୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କବି ସୁଚେତା ନନ୍ଦ, ମମତାମୟୀ ଦାଶ ମାନପତ୍ର ପାଠ କରିଥଲେ। ପୂର୍ବାହ୍ନରେ କବିତା ଓ ବଂଶୀ ଗୀତର ଯୁଗଳବନ୍ଦି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ କବି ସୁଚେତା ମିଶ୍ର। ବିଶିଷ୍ଟ ଗାଳ୍ପିକ ପ୍ରକାଶ ମହାପାତ୍ର ବଂଶୀ ବାଦନ କରି ସମସ୍ତଙ୍କୁ ଚମତ୍କୃତ କରିଥିବା ବେଳେ ବିଶିଷ୍ଟ ସଂଳାପ ଲେଖକ ବିଜୟ ମଲ୍ଲଙ୍କ ସଂଯୋଜନାରେ ଡ. ଦିଲ୍ଲୀପ ସ୍ୱାଇଁ, ଛବିରାଣି ପତି, ଖଗେଶ୍ୱର ମହାନ୍ତି, ଶ୍ରୀହରି ଧଳ, ରାଜକିଶୋର ପାଢ଼ୀ, ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ମିରୀନା ମହାନ୍ତି, ନଳିନୀ ବେହେରା, ଅମରେଶ ବିଶ୍ୱାଳ, ଅମିୟ ରଞ୍ଜନ ମହାପାତ୍ର, ମୋହିତ ଚକ୍ରବର୍ତ୍ତୀ, ପଦ୍ମଜା ଶରଣ, ନିରୂପମା ବେହେରା, ଅମିତା ମହାନ୍ତି, ପ୍ରେମାନନ୍ଦ ଖଣ୍ଡୁଆଳ, ଶୁଭଶ୍ରୀ ପ୍ରଭା ସ୍ୱାଇଁ, ଶୁଭଶ୍ରୀ ଦାସ ପ୍ରମୁଖ କବିତା ପାଠ କରିଥଲେ। ଶେଷରେ କବି ଶୁଭଶ୍ରୀ ପ୍ରଭା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରମୋଦ ରାଉତ, ସୁଶାନ୍ତ କୁମାର ସାହୁ, ସେକ ଆଲ୍ଲାଉଦିନ, ସୁଶାନ୍ତ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## କୃଷକ ସମ୍ବାଦ ବଜେଟ ଶୀର୍ଷକ ଆଲୋଚନାଚକ୍ର



**ବରୀ,୧।୩(ସମିସ):** ବରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରୁଦ୍ରପୁର ହାଇସ୍କୁଲ ଖେଳ ପଡ଼ିଆଠାରେ ବିଜେପି ପକ୍ଷରୁ ଜିଲ୍ଲାସ୍ତରୀୟ କୃଷକ ସମ୍ବାଦ ବଜେଟ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସମ୍ପାଦକ ରତିକାନ୍ତ ରାଜବଂଶୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସମ୍ପାଦକ ବିକ୍ରମ କେଶରୀ ରାଉତରାୟ, ଅନ୍ୟତମ ଅତିଥି ଭାବେ ଉପସଭାପତି ହୃଷୀକେଶ ଜେନା, ଜିଲ୍ଲା କୃଷକ ମୋର୍ଚ୍ଚା ଉପସଭାପତି ସୌଭାଗ୍ୟନନ୍ଦ ମିଶ୍ର, ମୃତ୍ୟୁଞ୍ଜୟ ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ମହାରଣା, ଲକ୍ଷ୍ମୀଧର ପତି, ଦୀପକ ରାଉତ, ଆଲୋକ ନାୟକ, ପ୍ରଦୀପ ଜେନା, ଅଶୋକ ଓଝା, ମିଥୁନ କୁଣ୍ଡୁ, ଆଶୁ ବାରିକ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥଲେ।

## ଏସ୍‌ବିଆଇର ନୋଟ ବଦଳ ମେଳା




ଯାଜପୁର,୧।୩(ସମିସ): ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ମୁଖ୍ୟ ଶାଖା ପକ୍ଷରୁ ଯାଜପୁର ସହର ପୌରପାଳିକା କାର୍ଯ୍ୟାଳୟ ନିକଟରେ ଏକ ନୋଟ ବଦଳ ମେଳା ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଯାଜପୁର ଟାଉନ ଶାଖାର ମୁଖ୍ୟ ପ୍ରବନ୍ଧକ ଶ୍ରୁତିରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଲୋକରଞ୍ଜନ ରଣ ରଣରାହୁ, ମେଳାଟିକୁ ଆନୁ ଉପମହାପ୍ରବନ୍ଧକ ଆଲୋ ରଶ୍ମିରଞ୍ଜନ ସାହୁ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ।

## ଯୁବ ସମାଜସେବୀ ସମ୍ବର୍ଦ୍ଧିତ

**କୟାଁଗୋଲା,୧।୩(ସମିସ):** ଦଶରଥପୁର ବ୍ଲକର ସମାଜସେବୀ ପ୍ରଶାନ୍ତ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ ପ୍ରଦାନ କରାଯାଇଛି। ପ୍ରଶାନ୍ତ ବିଭିନ୍ନ ସମାଜସେବା ସହ ଜଡିତ ଥିବାରୁ ସେଥିପାଇଁ ତାଙ୍କୁ ଗୌରାଙ୍ଗପୁର ଅନୁଷ୍ଠିତ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ନବକଳେବର ଉତ୍ସବରେ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଲୋକଙ୍କୁ ସହାୟତା ହାତ ବଢ଼ାଉ ଥିବା ପଞ୍ଚସଖା ସେବା ସଂଗଠନର ସଭାପତି ଅଛନ୍ତି।

## ଜଳିଗଲା ଶହ ଶହ ଚାଷ ଜମି

**ପାଣିକୋଇଲି,୧।୩(ସମିସ):** ଦୀର୍ଘ ମାସ ହେବ ସ୍ଥାନୀୟ ଅଞ୍ଚଳରେ ବର୍ଷା ହୋଇନାହିଁ। ସବୁଠି ଶୁଖିଲା ହିଁ ଶୁଖିଲା। ନାଳ ପୋଖରୀ ଶୁଖା ପଡିଛି। ଏପରିସ୍ଥଳେ ଚାଷ ଜମି ମଧ୍ୟ ଶୁଖିଯାଇଛି। ମେସିନ ସାହାଯ୍ୟରେ ଧାନ କଟା ଯୋଗୁ ସମସ୍ତ ଚାଷ ଜମିରେ କୁଟା ଭର୍ତ୍ତି ହୋଇରହିଛି। ଏପରିସ୍ଥଳେ କେହି ଦୁର୍ବୃତ୍ତ ଚାଷ ଜମିରେ ନିଆଁ ଲଗାଇ ଦେଇଥିଲା। ଯାହା କ୍ରମଶଃ ବ୍ୟାପି ଶହ ଶହ ଏକର ଜମି ଜଳିବାରେ ଲାଗିଥିଲା। ଯାହା ଫଳରେ ଗୋରୁଗାଇ ଦୌଡ଼ା ଦୌଡି ହୋଇ ଘରମୁହାଁ ହୋଇଥିଲେ। ଫଳରେ ନିଆଁର ପାଖରେ ଥିବା ମୁଳରି, ଧନପୁର, ଆଲିଆ, ବେଗନା ଆଦି ଗ୍ରାମର ଗ୍ରାମବାସୀ ଭୟଭୀତ ହୋଇଥିଲେ। ଲୋକମାନଙ୍କ ଦ୍ୱାରା ନିଆଁ ନିୟନ୍ତ୍ରଣ ନହେବାରୁ ଶେଷରେ ଅଗ୍ନୀଶମ ବାହିନୀର ସହାୟତା ନିଆଯାଇଥିଲା। ବରୁଣ୍ଡାଇ, ଯାଜପୁରରୋଡ ଅଗ୍ନିଶମ ବାହିନୀର ବହୁ ଚେଷ୍ଟା ଓ ଦୀର୍ଘ ସମୟ ପରେ ନିଆଁକୁ ଆୟତ୍ତ କରଥିଲା।

### ସମବାୟ ସମିତି ସମ୍ପାଦକଙ୍କ ଶୋଷଣ

# ଚାଷୀଙ୍କୁ ଭରସା ଗଛ ଛାଇ

କବାଟବନ୍ଧ,୧।୩(ସମିସ):





ସମବାୟ ସମିତି ସମ୍ପାଦକଙ୍କ ଶୋଷଣ କୌଶଳରେ ଚାଷୀ ମାନେ ଅସ୍ତବ୍ୟସ୍ତ। ଚାଷୀଙ୍କ କାନ୍ଧରେ ବନ୍ଧୁକ ରଖି ଚାଷୀଙ୍କୁ ଶିକାର କରୁଛନ୍ତି ସମବାୟ ସମିତିର ସମ୍ପାଦକ ମାନେ। ଜିଲ୍ଲାରେ ଧାନ ମଣ୍ଡି ଏବଂ ଚାଷୀ ଅସନ୍ତୋଷ ଶୀର୍ଷରେ ଥିବା ବେଳେ ଧର୍ମଶାଳା ବ୍ଲକରେ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ଏବଂ ଚାଷୀମାନଙ୍କ ଠାରୁ ଟଙ୍କା ଆଦାୟ ସହିତ କଟ୍‌ନୀ ଛଟ୍‌ନୀ ସରକାରଙ୍କୁ ଅଡୁଆରେ ପକାଇଛି। ସମବାୟ ସମିତିର ସମ୍ପାଦକମାନଙ୍କ ଭୂମିକାକୁ ନେଇ ସନ୍ଦେହ ରହିଥିବା ବେଳେ ଧର୍ମଶାଳା ବ୍ଲକର ବିଭିନ୍ନ ସମବାୟ ସମିତିର ସମ୍ପାଦକ ଚାଷୀଙ୍କୁ ମୋହରା କରି ମାଲାମାଲ ହେଉଛନ୍ତି। ବିଭିନ୍ନ ମଣ୍ଡିରେ ଚାଷୀମାନେ ଧାନ ବିକ୍ରି କରିବା ପାଇଁ ଅଦ୍ୟାବଧି ଟୋକନ ପାଇନାହାଁନ୍ତି। ସେ ଦିଗରେ ସମ୍ପାଦକ ମାନେ ଆଦୌ ଚିନ୍ତା କରୁ ନଥିବା ବେଳେ ଚାଷୀଙ୍କୁ କେମିତି ଶୋଷଣ କରି ନିଜେ ଟଙ୍କା ରୋଜଗାର କରିବେ ସେଥିପାଇଁ ନୂଆ କୌଶଳ ଅବଲମ୍ବନ କରିଛନ୍ତି। ଟୋକନ ପାଇ ମଣ୍ଡିରେ ଧାନ ବିକ୍ରି କରିବାକୁ ଯାଉଥିବା ଚାଷୀମାନଙ୍କ ଠାରୁ ସମ୍ପାଦକ ମାନେ ଟଙ୍କା ଆଦାୟ କରିବାର ନୂଆ ତରିକା ଆପଣାଇଛନ୍ତି। ପ୍ରୋକ୍ୟୁରମେଣ୍ଟ କମିଟି କୁଆଡ଼େ ଗଲାଣି; ମାତ୍ର ସମ୍ପାଦକ ମାନେ ଚାଷୀମାନଙ୍କୁ ନେଇ ନିଜେ କମିଟି କରି ଖାତାକଲମ ଧରାଇ ଟଙ୍କା ଆଦାୟ କରିବାର ଦାୟିତ୍ୱ ଦେଇ ଦେଇଥିବା ଅଭିଯୋଗ ହୋଇଛି। ଦାୟିତ୍ୱରେ ଚାଷୀ ଧାନ ବିକ୍ରି କରିବେ, ଚାଷୀ ଟଙ୍କା ଆଦାୟ କରିବେ ମଧ ଚାଷୀ। ଯଦି କେହି ସମବାୟ ସମ୍ପାଦକଙ୍କୁ ପ୍ରଶ୍ନ କରେ ତେବେ ଅତି ଚତୁରତାର ସହିତ 'ମୁଁ ଜାଣି ନାହିଁ; ଚାଷୀ ଧାନ ଦେଉଛନ୍ତି। ଚାଷୀ ଦାୟିତ୍ୱରେ ଅଛନ୍ତି କହି ଖସି ଯାଉଛନ୍ତି। ଯାହାକି ସମ୍ପାଦକମାନେ ସମ୍ପୂର୍ଣ୍ଣ ଧୁଆ ମୂଳା ଅର୍ଥାତ ଦୁର୍ନୀତି ମୁକ୍ତ ବୋଲି ନିଜେ ନିଜେ ପ୍ରମାଣ ଦେଉଛନ୍ତି। ମଣ୍ଡିରେ ସମ୍ପାଦକଙ୍କ ଦେଖା ମିଳୁ ନ ଥିବା ବେଳେ ଘରେ ବସି ଆଦାୟ ଟଙ୍କାର ଭାଗ ନେଉଛନ୍ତି। ଅନ୍ୟ ପଟରେ ବିଭାଗୀୟ ଅଧିକାରୀ ମାନେ ନିଜେ ମଧ୍ୟ ନିଜ ନିଜର ଭାଗ ନେଉଥିବା ଅନୁମାନ କରାଯାଉଛି। ବ୍ଲକର ମଧୁସୂଦନପୁର ସମବାୟ ସମିତି, ରେଖିଦେଇପୁର ସମବାୟ ସମିତି, ତାଳଜଙ୍ଗ ସମବାୟ ସମିତି, ଏଣ୍ଡଳବା ସମବାୟ ସମିତି ଆଦିରେ ବ୍ୟାପକ ଅବ୍ୟବସ୍ଥା ଦେଖା ଦେଇଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ନୀରବତା ଏବଂ ଶୂନ୍ୟ କାର୍ଯ୍ୟାନୁଷ୍ଠାନ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି। ମଣ୍ଡି ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ ମଧ୍ୟ ଅଫିସରେ ବସି ସମ୍ପାଦକଙ୍କ ଫୋନ କଲକୁ ଚାହିଁଛନ୍ତି। ଏଭଳି ସ୍ଥିତିରେ କେବଳ ଚାଷୀ ହିଁ ବଳି ପଡୁଛି। ମୁହଁ ଖୋଲିଲେ ଧାନ ବିକ୍ରି କରି ପାରିବନାହିଁ ଏହି କାରଣରୁ ସହିବାକୁ ବାଧ୍ୟ ହେଉଛୁ ବୋଲି କିଛି ଚାଷୀ ନାମ ଗୋପନ ରଖି କହିଛନ୍ତି। ଅନେକ ସମବାୟ ସମିତିର ସମ୍ପାଦକ ମାନେ ଅଘୋଷିତ ଦଲାଲ ମଧ୍ୟ ନିଯୁକ୍ତି କରିଛନ୍ତି। ମାତ୍ର ଧାନ ମଣ୍ଡି ପରିଚାଳନା ପାଇଁ ଗଠନ ହୋଇଥିବା ତଥା ଦାୟିତ୍ୱରେ ଥିବା ଅଧିକାରୀ ମାନେ ମଧ୍ୟ ଏ ଦିଗରେ ତଦାରଖ କରୁ ନାହାଁନ୍ତି। ଯାହାକି ଚାଷୀ ମାନଙ୍କ ଠାରୁ ଟଙ୍କା ଆଦାୟ କରିବା ପାଇଁ ସୁଯୋଗ କରିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଉକ୍ତ କାର୍ଯ୍ୟରେ ବେଆଇନ କାର୍ଯ୍ୟ ରେ ଥିବା ସମ୍ପାଦକ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି।

## ନୀଳପଥର ବୋଝେଇ ଟାଟା ମ୍ୟାଜିକ୍ ଜବତ

**ଟମକା,୧।୩(ସମିସ):** ଟମକା ବନ ବିଭାଗ ଶନିବାର ଏକ ନୀଳପଥର



ବୋଝେଇ ଟାଟା ମ୍ୟାଜିକ୍ ଜବତ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଜଣେ ରାଜସ୍ଥାନୀ ମାଫିଆ ଓ ତାହାର ସହଯୋଗୀକୁ ଅଟକ ରଖିଥିବା ସୂଚନା ମିଳିଛି। ତେବେ ମାଫିଆ ଜଣଙ୍କ ବେଶ କିଛି ବର୍ଷ ହେବ ବନବିଭାଗର ନିଦ ହଜାଇ ଦେଇଥିବା ବେଳେ ବନ ବିଭାଗ ଏନେଇ ଅଧିକ ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନା ମୁତାବକ କାଳିଆପାଣି ଖଣି ଅଞ୍ଚଳପଟୁ ଏକ ମ୍ୟାଜିକ୍ (ନଂ. ଓଆର-୦୨-ବିୱାଇ-୪୧୮୮)ରେ ନୀଳ ପଥର ବୋଝେଇ ହୋଇ ଟମକା ଆଡକୁ ଆସୁଥିବା ବନ ବିଭାଗ ସୂଚନା ପାଇଥିଲା। ଏନେଇ ବନାଞ୍ଚଳ ଅଧିକାରୀ ଏସିଏଫ୍ କିଶୋର ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ବନ ବିଭାଗ କର୍ମଚାରୀ ଏହାର ପିଛା କରି ଟମକା ଛକରୁ ଉକ୍ତ ଗାଡିକୁ ଧରିବାର ସଫଳ ହୋଇଥିଲେ। ଗାଡିରେ ଲକ୍ଷାଧିକ ଟଙ୍କାର ନୀଳପଥର ରହିଥିବା ବେଳେ ଗାଡିରେ ଥିବା ରାଜସ୍ଥାନୀ ମାଫିଆ କୁଲଦୀପ ସିଂ ଏବଂ ତାର ସହଯୋଗୀ ବରଗଡ ଜିଲ୍ଲାର ଭି ରାଜୁବାବୁକୁ ଅଟକ ରଖି ବନ କାର୍ଯ୍ୟାଳୟକୁ ଆଣିଥିଲେ। ତେବେ ଅଭିଯୁକ୍ତ କୁଲଦୀପ ଏହି ନୀଳପଥର ଚୋରା ଚାଲାଣର ମାଷ୍ଟରମାଇଣ୍ଡ ହୋଇଥିବା ବେଳେ ସେ ଭୁବନେଶ୍ୱରରେ ରହି ଏହି ଚୋରାଚାଲାଣ କରୁଥିବା ସୁଚନା ମିଳିଛି। ବନ ବିଭାଗ ଏନେଇ ଅଧିକ ତଦନ୍ତ ଜାରି ରଖିଥିବା ସୁଚନା ମିଳିଛି।

## ପିକ୍‌ଅପକୁ ଧକ୍କା ଦେଲା ହାଇୱା

**ପାଣିକୋଇଲି,୧।୩(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଥାନାର ଅନତୀଦୂର ଟ୍ରମା କେୟାର ସମ୍ମୁଖରେ ପିକଅପ ସହ ହାଇୱା ଦୁର୍ଘଟଣା ହେବାରୁ ଉଭୟ ଚାଳକ ଆହତ ହୋଇଛନ୍ତି। ପ୍ରକାଶଯେ ପାଣିକୋଇଲି ଟ୍ରମା କେୟାର ନିକଟରେ ରାଜପଥ ଉପରେ ଏକ ପିକ୍‌ଅପ୍ ବ୍ରେକ୍ ଡାଉନ ହୋଇ ରାସ୍ତା ଉପରେ ଅଟକି ରହିଥିଲା। ଆଜି ମଧ୍ୟାହ୍ନରେ ପାଣିକୋଇଲି ପଟୁ ଭଦ୍ରକ ଅଭିମୁଖେ ଯାଉଥିବା ଏକ ପାଉଁଶ ବୋଝେଇ ହାଇୱା ତାକୁ ଧକ୍କା ଦେଇ ରାସ୍ତା ମଝି ଡିଭାଇଡ ରପରେ ଚଢି ଯାଇଥିଲା। ଅନ୍ୟପଟେ ଧକ୍କା ଖାଇ ପିକଅପଟି ଓଲଟି ପଡିଥିଲା। ଫଳରେ ଉଭୟ ଗାଡି ଦୁର୍ଘଟଣାର ସମ୍ମୁଖିନ ହେବା ସହ ଚାଳକ ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଓ ପୁଲିସ ପହଞ୍ଚି ହାଇୱା ଡ୍ରାଇଭରକୁ ଗାଡି ମଧ୍ୟରୁ ଉଦ୍ଧାର କରିଥିଲେ। ଫଳରେ ଯାତାୟତ କିଛି ସମୟ ପାଇଁ ବ୍ୟାହାତ ହୋଇଥିଲା। ପୁଲିସ ଗାଡି ଦୁଇଟିକୁ ଉଠାଇ ଗାଡି ଚଳାଚଳ ସ୍ୱଭାବିକ କରିଥିଲା।

## ଘରୁ ରାଗି ଆସିଥିବା ଶିଶୁ ଉଦ୍ଧାର

**ପାଣିକୋଇଲି,୧।୩(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତର ତେଲିଆ ଗ୍ରାମରୁ ଆଜି ଘରୁ ରାଗି ପଳାଇଆସିଥିବା ଜଣେ ଶିଶୁଙ୍କୁ ଉଦ୍ଧାର କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ପ୍ରକାଶଯେ ସକାଳ କୁହୁଡିର ସୁଯୋଗ ନେଇ ଘରୁ ରାଗି ପରଦେଶୀ ଗଡିଆ ଗ୍ରାମର ଆଦିବାସୀ ସାହିର ଏକ ପିଲା ଘରୁ ପଳାଇ ଅସି ତେଲିଆ ଗ୍ରମାରେ ପହଞ୍ଚିଥିଲା। କିଛି ଯୁବକ ତାକୁ ଅଟକାଇ ପଚାରିବାରୁ ସେ ତାର ଠିକଣା କହିନଥିଲା। ତେଣୁ ସେମାନେ ଆମେ ଆପଣଙ୍କ ପାଇଁ ହେଲଫିଂଗ ଗ୍ରୁପକୁ ଜଣାଇଥିଲେ। ସଭାପତି ଅଶୋକ କୁମାର ଦାସ ସେଠାରେ ପହଞ୍ଚି ପିଲାଟି ଠାରୁ ସବୁ ଜାଣିବା ପରେ ତାର ପରିବାରକୁ ଡାକି ହସ୍ତାନ୍ତର କରିଥିଲେ।

## ଠାକୁରାରେ ଅଷ୍ଟପ୍ରହର ନାମଯଜ୍ଞ

**ଜେନାପୁର,୧।୩(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ପୁରୁଣା ବଉଳମାଳ ଗ୍ରାମ ପଞ୍ଚାୟତ ଅଧୀନରେ ଠାକୁରା ଗ୍ରାମରେ ୪୭ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି। ପୂର୍ବ ପରମ୍ପରା ଅନୁଯାୟୀ ଅଧିବାସ ସନ୍ଧ୍ୟାରେ କଳସଧାରୀ ଓ ସଙ୍କୀର୍ତ୍ତନ ମଣ୍ଡଳୀର ସଦସ୍ୟମାନେ ଗାଆଁ ପରିକ୍ରମା ପୂର୍ବକ ଦ୍ୱାର ଦ୍ୱାର ଯାଇ ଭିକ୍ଷା ମାଗଣ କରିଥିଲେ। ନାମଯଜ୍ଞରେ ଠାକୁରା ସଙ୍କୀର୍ତ୍ତନ ମଣ୍ଡଳୀ ସହିତ ଚଢ଼କ ମରା, ସାତମାଣ, ଭରତପୁର, ବାଉଁଶ ଅଣ୍ଟା, ପନ୍ଥୁରୀ, କରଡାବଣିର ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ନଗର କୀର୍ତ୍ତନ ଶୋଭାଯାତ୍ରା ଅତି ମନୋରମ ଥିଲା। ନଗର କୀର୍ତ୍ତନ ପରେ ଦଧି ଭାଣ୍ଡ ଭଞ୍ଜନ ହୋଇଥିଲା। ଏହି ଅଷ୍ଟପ୍ରହର ନାମଯଜ୍ଞରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ଏସ୍‌ୟୁସିଆଇ ପକ୍ଷରୁ ପ୍ରତିବାଦ ସଭା

**ଯାଜପୁର,୧।୩(ସମିସ):** ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଯାଜପୁର ଠାରେ ଜିଲ୍ଲା ସମ୍ପାଦକ ସୁରେନ୍ଦ୍ର ମଲ୍ଲିକ ଏବଂ ରାଜ୍ୟ ଅଫିସ୍ ସମ୍ପାଦକ ସ୍ୱର୍ଣ୍ଣପ୍ରଭା ନାୟକଙ୍କ ନେତୃତ୍ୱରେ ଇରାନ ଉପରେ ସାମରିକ ଆକ୍ରମଣ ପ୍ରତିବାଦରେ ଏକ ଶୋଭାଯାତ୍ରା ଓ ସଭା ଅନୁଷ୍ଠିତ ହୋଇଯାଇଛି। ପାର୍ଟିର କର୍ମୀ ସମର୍ଥକ ମେଡିକାଲ ଛକରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ବିରଜା ମହିଳା କଲେଜ ଛକ ଠାରେ ରାଜ୍ୟ କମିଟି ସଭ୍ୟ ସୁବାସ ମଲ୍ଲିକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ରାଜ୍ୟ ସମ୍ପାଦକ ମଣ୍ଡଳୀର ସଦସ୍ୟ ଅଶୋକ ମିଶ୍ର, ଜିଲ୍ଲା କମିଟି ସଭ୍ୟ ବୀର କିଶୋର ନାୟକ, ସୁଲୋଚନା ପ୍ରଧାନ, ଅଭିମନ୍ୟୁ ମଲ୍ଲିକ ଏବଂ ସଂଗଠକ ରାଜଶ୍ରୀ ମହାନ୍ତି, ପ୍ରଫୁଲ୍ଲ ମଲ୍ଲିକ, ନିମାଇଁ ସାହୁ, ବିଷ୍ଣୁ ଚରଣ ବେହେରା, ମମତା ସେଠୀ ପ୍ରଭୃତି ଯୋଗଦେଇଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା



**ଜେନାପୁର,୧।୩(ସମିସ):** ଧର୍ମଶାଳା ବ୍ଲକ ମଧୁପୁରଗଡ଼ ପଞ୍ଚାୟତ ଅନ୍ତର୍ଗତ ଚଢ଼େଇଧରା ସ୍ଥିତ ଜଗନ୍ନାଥଜିଉ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁକାନ୍ତ କୁମାର ରାଉତ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀ ଅନାଦି ମଲିକଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଆଜି ଅନୁଷ୍ଠିତ ହୋଇଯାଇଛି। ଜଣେ ଅଧ୍ୟାପକ ଭାବରେ ଦୀର୍ଘ ୩୬ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଅଧ୍ୟାପନା କାର୍ଯ୍ୟ କରିବା ସହ ଅଧ୍ୟକ୍ଷ ଦାୟିତ୍ୱରେ ରହି ଶ୍ରୀ ରାଉତ ବିଦାୟ ନେଇଥିବା ବେଳେ ଶନିବାରଠାରୁ ଅଧ୍ୟକ୍ଷ ଭାବେ ଶିକ୍ଷା ବିଭାଗର ଅଧ୍ୟାପକ ଅକ୍ଷୟ କୁମାର ସାମଲ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହିଅବସରରେଅକ୍ଷୟକୁମାରସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଅବସର କାଳୀନ ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ଚିତ୍ତରଞ୍ଜନ ଦାସ, ଅଟକ ବିହାରୀ ବଳ, ପ୍ରଭାତ କୁମାର ଦାସ, ଦୁର୍ଗେଶ ନନ୍ଦିନୀ ସାମଲ, ଅଜୟ କୁମାର ମିଶ୍ର, ଉମେଶ ଚନ୍ଦ୍ର ଦୋରା ପ୍ରମୁଖ ଯୋଗ ଦେଇଥିଲେ। ଜଗନ୍ନାଥଜିଉ ମହାବିଦ୍ୟାଳୟ ପୁରାତନ ସଂସଦ ତରଫରୁ ପ୍ରତିଷ୍ଠାତା ତଥା ସାଧାରଣ ସମ୍ପାଦକ ମାନସ ରଞ୍ଜନ ବିଶ୍ୱାଳ, ଉପସଭାପତି ପ୍ରବୋଧ ମିଶ୍ର, ସମ୍ପାଦକ ଗଙ୍ଗାଧର ଓଝା ଏବଂ ସାମ୍ବାଦିକ ବସନ୍ତ କୁମାର ନାୟକ, ପୁରାତନ ପରିଚାଳନା କମିଟି ସଭ୍ୟ ବେଣୁଧର ପରିଡ଼ା, ବିଜୟ ବଳ ପ୍ରମୁଖ ଉପସ୍ଥିତ ହୋଇ ଉଭୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଜିର ଅବସର କାଳୀନ ସମ୍ବର୍ଦ୍ଧନା ସଭାକୁ କଲେଜର କର୍ମଚାରୀ ବିଧୁ ଭୂଷଣ ସଂଗ୍ରାମ ସିଂ, ପ୍ରଦୀପ କୁମାର ସିଂ, କାଳନ୍ଦୀ ଦାସ, ଏସ ଆଇଚ, ଯତୀନ୍ଦ୍ର ନାୟକ, ବିରଜା ପ୍ରସାଦ ବାରିକ, ଅଭିମନ୍ୟୁ ଜେନା, ସିନ୍ଧୁ ନନ୍ଦିନୀ, ମାମିନା ରାଉତ, କୋଦଣ୍ଡ ଘଡେଇ, ପ୍ରଦୀପ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ମୁକ୍ତାକାଶ ନାଟକ ଉଦ୍‌ଯାପିତ

**ପାଣିକୋଇଲି,୧।୩(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତର ଓଟିନ୍ଦା ଗ୍ରାମର ସଙ୍କଟମୋଚନ ମହାରାଜଙ୍କ ବାର୍ଷିକ ଉତ୍ସବ ନିମନ୍ତେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁକ୍ତାକାଶ ମଞ୍ଚ ଉଦ୍‌ଯାପନୀ ଉତ୍ସବରେ 'ହେ ମଣିଷ କାନ୍ଦିବ ଆସ' ମଞ୍ଚସ୍ଥ ହୋଇଯାଇଛି। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ମହେନ୍ଦ୍ର ଭାରତୀ, ସଂଗୀତ ନିର୍ଦ୍ଦେଶକ ଉମେଶ କୁମାର ଓ ନୃତ୍ୟ ନିର୍ଦ୍ଦେଶକ ରମେଶ ସାହୁଙ୍କ ଦ୍ୱାରା ଆୟୋଜିତ ନାଟକ ଦର୍ଶକଙ୍କୁ ବାନ୍ଧି ରଖିବାରେ ସହାୟକ ହୋଇଥିଲା। ଏହି ଅବସରରେ ମଞ୍ଚ କଳାକାରମାନଙ୍କୁ ନେଇ ନରୁ ଓଝାଙ୍କ ସଞ୍ଚାଳନାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସୁବାସ ଧଳ, ଗଦାଧର ସାହୁ, ଶଶିଭୂଷଣ ସେନାପତି, ଦୀପକ ମାଝୀ ପ୍ରମୁଖ ପୂର୍ବରୁ ଆୟୋଜିତ ନୃତ୍ୟ ସଂଗୀତ ପ୍ରତିଯୋଗୀତାରେ ଭାଗଦେଇଥିବା କୃତୀ ପ୍ରତିଯୋଗୀ ଶିଳ୍ପୀମାନଙ୍କୁ ମଞ୍ଚରେ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ହରେକୃଷ୍ଣ, ପଦ୍ମନାଭ, ପ୍ରମୋଦ, ସୁରଜିତ, ପ୍ରଶାନ୍ତ, ଉମେଶ, ସତ୍ୟଜିତ, ସମୀର, ଅର୍ଜ୍ଜୁନଙ୍କ ସମେତ ସମସ୍ତ ସଦସ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭୋଟକା ନାଳର ପୁନଃରୁଦ୍ଧାର ଭିତ୍ତିପ୍ରସ୍ତର ସ୍ଥାପନ

କୁଆଖିଆ,୧।୩(ସମିସ):



କୋରେଇ ବିଧାୟକ ଆକାଶ ଦାସନାୟକ ରସୁଲପୁର ବ୍ଲକର ଭୋଟକା ଠାରେ ଭୋଟକା ନାଳର ପୁନଃରୁଦ୍ଧାର ଓ ଡାଲୁ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର କରିଛନ୍ତି। ଜଳ ସମ୍ପଦ ବିଭାଗର ଜଳ ନିକାଶ ଯୋଜନାରେ ଏହି ପ୍ରକଳ୍ପ ପାଇଁ ଜିଲ୍ଲା ଜଳସେଚନ ବିଭାଗ ପକ୍ଷରୁ ୬୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବାକୁ ବ୍ୟୟ ଅଟକଳ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଭୋଟକା ଏବଂ ପାଖ ପଞ୍ଚାୟତ ମାନଙ୍କରେ କୃଷି କ୍ଷେତ୍ରକୁ ପାଣି ଯୋଗାଇବା ସମ୍ଭବ ହେବ, ଏହି ପ୍ରକଳ୍ପ ପାଇଁ ବହୁ ଦିନରୁ ଗ୍ରାମବାସୀ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଯନ୍ତ୍ରୀ ଦେବସ୍ମିତା ଦାସ, ଏସ୍‌ଡିଓ ପୂର୍ଣ୍ଣଚନ୍ଦ୍ର ନାୟକ, ବିଧାୟକଙ୍କ ପ୍ରତିନିଧି ପ୍ରହଲ୍ଲାଦ ପଣ୍ଡା, ବିଧାୟକଙ୍କ ମିଡିଆ ପ୍ରତିନିଧି ପଦ୍ମଲୋଚନ ନାୟକ, ଜିଲ୍ଲାପରିଷଦ ସଭ୍ୟ ଶିଶିର ମହାନ୍ତି, ଭୋଟକା ସରପଞ୍ଚ ସ୍ମୃତିରେଖା ରାଉତ, ବରିଷ୍ଠ ବିଜେପି ନେତା ଗୋପୀନାଥ ପତି, ମଣ୍ଡଳ ସଭାପତି ବିନୋଦ ମହାରଣା, ସୁବାସ ନାୟକ, ହିମାଂଶୁ ବେହୁରିଆ, ଭୋଟକା ବିଜେପି ସଭାପତି ନରେଶ ଆଇଚ, ରଞ୍ଜନ ଦେଓ, କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଯୁବ ବିଜେପି ନେତା ସଞ୍ଜୟ ରାଉତ ଏବଂ ଅନିଲ ସାମନ୍ତରାୟ, ଅନ୍ୟ ମାନଙ୍କ ମଧ୍ୟରେ ମହେଶ୍ୱର ରାଉତ, ଅନୁରୁଦ୍ଧ ଦାସ, ଅମର ରାଉତ, ରତ୍ନାକର ମଲିକ, ଦିଲୀପ ପରିଡା, ପିତାମ୍ବର ସ୍ୱାଇଁ, ଅଶୋକ ମଲିକ, ପ୍ରମୁଖ ବହୁ ବିଜେପିର ଶତାଧିକ କର୍ମୀ ଯୋଗଦେଇଥିଲେ।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ. ଡ଼. ମାୟା ନନ୍ଦ
ଆବିର୍ଭାବ : ୧୩.୦୭.୧୯୫୦
ତିରୋଧାନ : ୨୦.୦୨.୨୦୨୬

ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ
ସିଦ୍ଧାର୍ଥ ଏବଂ ଅର୍ଚ୍ଚନା , ସଂଘମିତ୍ରା ଏବଂ ବିଜୟ, ସବ୍ୟସାଚୀ ଏବଂ ରଶ୍ମୀ , ବରୁଣ, ଶ୍ରେୟାସ୍, କେତଭ୍, ଶିବାନୀ, ଅନୁଷ୍କା, ଓମ୍ ଏବଂ ବନ୍ଧୁ ବାନ୍ଧବ ଓ ପରିବାରବର୍ଗ।

ଯାଜପୁରରେ ଏଚ୍‌ପିଭି ଟିକାକରଣ ଶୁଭାରମ୍ଭ

# ଜିଲ୍ଲାର ୧୪, ୪୯୬ କିଶୋରୀଙ୍କୁ ଦିଆଯିବ ଟିକା



**ଯାଜପୁର, ୧।୩(ସମିସ)**

ଯାଜପୁର ଜିଲ୍ଲାରେ ଏଚ୍‌ପିଭି (ହ୍ୟୁମାନ୍ ପାପିଲୋମା ଭାଇରସ୍) ଟିକାକରଣ ଅଭିଯାନର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏମ୍‌ସିଏଚ୍ ଭବନ ପରିସରରେ ଅନୁଷ୍ଠିତ ହୋଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଡା. ସଂଯୁକ୍ତା ପଣ୍ଡା, ଡିଏମଓ ସୁପରିଣ୍ଟେଣ୍ଡେଣ୍ଟ ଡା. ହାଁସଦା, ପେଡ଼ିଆଟ୍ରିକ ବିଶେଷଜ୍ଞ ଡା. ଜେଜେ ମିଶ୍ର, ଡା. ଏଚ୍‌କେ ରାଉଳ, ନର୍ସିଂ ଅଫିସର, ଏଏନ୍‌ଏମ, ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀମାନେ, ୧୪ ବର୍ଷର କିଶୋରୀ ବାଳିକାମାନେ ଓ ସେମାନଙ୍କର ଅଭିଭାବକ ମାନେ ଏହି ଶୁଭାରମ୍ଭରେ ଯୋଗ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର କହିଲେ ଏହି ଏଚ୍‌ପିଭି ଟିକାକରଣ ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି କିଶୋରୀମାନଙ୍କୁ ଏଚ୍‌ପିଭି ସଂକ୍ରମଣରୁ ସୁରକ୍ଷା ଦେବା, ଯାହା ଜରାୟୁ ଗ୍ରୀବା କର୍କଟର ପ୍ରମୁଖ କାରଣ। ଜିଲ୍ଲାରେ ୧୪ ବର୍ଷ ବୟସ୍କ ମୋଟ ୧୪, ୪୯୬ ଜଣ କିଶୋରୀଙ୍କୁ ଏହି ଅଭିଯାନ ଅଧୀନରେ ଟିକା ପ୍ରଦାନ କରାଯିବ।

ଏହି ଅଭିଯାନରେ ପ୍ରତ୍ୟେକ କିଶୋରୀଙ୍କୁ ଗାର୍ଡାସିଲ-୪ ଟିକାର କେବଳ ଏକମାତ୍ର ଡୋଜ୍ ଦିଆଯିବ। ଏହି ଟିକାକରଣ ଅଭିଯାନକୁ ପର୍ଯ୍ୟାୟକ୍ରମେ ସମଗ୍ର ଜିଲ୍ଲାରେ ଚାଲୁ କରାଯିବ। ଜିଲ୍ଲାର ୧୦ଟି ବ୍ଲକ, ଯାଜପୁର ରୋଡ, ଯାଜପୁର ଟାଉନ ମୁଖ୍ୟାଳୟ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗ୍ରାମ୍ୟସ୍ତରର ଉପ-ସ୍ୱାସ୍ଥ୍ୟ କେନ୍ଦ୍ର ମାଧ୍ୟମରେ ଟିକାକରଣ କାର୍ଯ୍ୟକ୍ରମ ଚାଲିବ। ଏହି ଟିକାକରଣ ଅଭିଯାନ ସମୟସୀମା ମାର୍ଚ୍ଚରୁ ମେ' ପର୍ଯ୍ୟନ୍ତ ଚାଲୁ ରହିବ।

ରବି ଲାବଣ୍ୟ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଜାରକାକୁ ହରାଇ ରାଛିପୁର ଚାମ୍ପିଅନ



**ଧର୍ମଶାଳା, ୧।୩(ସମିସ):** ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଦନାମଠ ଖେଳ ପଡ଼ିଆଠାରେ ଚାଲିଥିବା ତୃତୀୟ ରବି ଲାବଣ୍ୟ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଜାରକା ଜିତୁ ଏକାଦଶ ଓ ରାଛିପୁର ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଜିତୁ ଏକାଦଶକୁ ହରାଇ ରାଛିପୁର ଦଳ ଚାମ୍ପିଆନ ହୋଇଛି। ରାଛିପୁର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ୱିକେଟ ହରାଇ ୨୯୩ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଜିତୁ ଏକାଦଶ ଦଳ ୧୬ ଓଭରରେ ସମସ୍ତ ୱିକେଟ ହରାଇ ୧୫୯ ସଂଗ୍ରହ କରି ପରାଜିତ ହୋଇଥିଲା। ଚାମ୍ପିଆନ ରାଛିପୁର ଦଳକୁ ପୁରସ୍କାର ସ୍ୱରୂପ ଟ୍ରଫି ସହ ନଗଦ ୧୦ ହଜାର ଟଙ୍କା ଏବଂ ରନର୍ସ ଅପ୍ ଦଳକୁ ଟ୍ରଫିସହ ୭୦୦୦ ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। ରାଜ୍ ମିଶ୍ରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ପିତାମ୍ବର ରାଉତଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ, ଦେବାଶିଷ ମହାରଣାଙ୍କୁ ବେଷ୍ଟ ବୋଲର ଭାବେ ପୁରସ୍କୃତ କରାଯାଇଥିଲା। ଦିଲକ ଜେନା ଓ ମୃତ୍ୟୁଞ୍ଜୟ ବରାଳ ଏହି ମ୍ୟାଚକୁ ପରିଚାଳନା କରିଥିଲେ। ଅନୁଷ୍ଠାନର ସଭାପତି ବଳଭଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଯାଜପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସିତିକଣ୍ଠ କାନୁନ୍‌ଗୋ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଚାମ୍ପିଅନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ଚିକିତ୍ସାରେ ଅବହେଳା ଯୋଗୁଁ ରୋଗୀ ମୃତ୍ୟୁ ଅଭିଯୋଗ

## ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା

**ତୁରୁମୁଙ୍ଗା,୧।୩(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ଯୋଗୁଁ ରୋଗୀର ମୃତ୍ୟୁ ହୋଇଥିବାରୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଛି। ମୃତକ ହେଲେ ତେଲକୋଇ ଥାନା ମାଲଦା ଗ୍ରାମର ଭୂୟାଁ ମୁଣ୍ଡା। ତାଙ୍କଘର ହାତୀ ଭାଙ୍ଗି ଦେଇଥିବାରୁ ୬ ମାସ ହେଲା ଘଟଗାଁ ଥାନା ରାମଚନ୍ଦ୍ରପୁର ଗ୍ରାମର ଶ୍ୱଶୁର ଘରେ ସ୍ତ୍ରୀ ପିଲା ଛୁଆଙ୍କ ସହ ରାହୁଥିଲେ। ଜ୍ୱରରେ ପୀଡ଼ିତ ହୋଇ ଗୁରୁତର ହେବାରୁ ପରିବାରଲୋକେ ଶନିବାର ରାତିରେ ପାଟଣା ମେଡିକାଲକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଚିକିତ୍ସା ପରେ



ଅବସ୍ଥା ଗୁରୁତର ହେବାରୁ ଡାକ୍ତର କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ, ମାତ୍ର କେନ୍ଦୁଝର ନେବାପାଇଁ ଦେଢ଼ଘଣ୍ଟା ଧରି ଅପେକ୍ଷା କରିଥିଲେ ମଧ୍ୟ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ଯୋଗୁଁ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ଡାକ୍ତଖାନା କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ରୋଗୀର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ ଆଣିଥିବା ବେଳେ ଚିକିତ୍ସା କରିଥିବା ଡାକ୍ତର ନିରଞ୍ଜନ ସାହୁ ଚିକିତ୍ସାରେ କୌଣସି ଅବହେଳା କରି ନ ଥିବା କହିଥିଲେ। ସେ କାହାରିକୁ ଦୁର୍ବ୍ୟବହାର କରିନଥିବା କହିଥିବାବେଳେ ରାତି ୧୨ଟାରେ ୨ ଜଣ ନିଶାସକ୍ତ ଯୁବକ ଆସି ପ୍ରଥମେ ସିକ୍ୟୁରିଟି ପରେ ଡାକ୍ତରଙ୍କୁ ଦୁର୍ବ୍ୟବହାର କରିଥିବା କହିଥିଲେ। ଘଟଣାକୁ ନେଇ ଉତ୍ତେଜନା ଦେଖା ଦେଇଥିବା ବେଳେ ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା। ଅପରାହ୍ନ ୪ ଟାପରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏନେଇ ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

▸▸ ବିନା ଫଳକରେ ଚାଲିଛି କାଡ଼ା ନାଳ ମରାମତି କାମ

## କାମ କେନ୍ଦୁଝର ଜିଲ୍ଲାରେ, କାର୍ଯ୍ୟାଳୟ ଭଦ୍ରକରେ

**ହାଟଡ଼ିହୀ,୧।୩(ସମିସ):** କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକର ବିଭିନ୍ନ ପାଣି ପଞ୍ଚାୟତରେ ଏବଂ କାଡ଼ା ନାଳ କାମ ଜୋରସୋରରେ ଚାଲିଛି। ବିଭିନ୍ନ ସ୍ଥାନର କାମ ଗୁଡ଼ିକରେ ଠିକା ନେଇଥିବା ମିସ୍ତ୍ରୀ ଓ ଲେବର ମାନଙ୍କ ଦ୍ୱାରା କାମ ଚାଲୁଛି। ଅନେକ ସମୟରେ କାମ ସ୍ଥାନରେ ଠିକାଦାରଙ୍କ ଉପସ୍ଥିତି ମଧ୍ୟ ଦେଖିବାକୁ ମିଳୁନାହିଁ। ଚଳିତବର୍ଷ କେଉଁ ପାଣି ପଞ୍ଚାୟତରେ କାର୍ଯ୍ୟ ଚାଲିଛି ଜାଣିବା ସମ୍ବନ୍ଧରେ ଗଣମାଧ୍ୟମ ପ୍ରତିନିଧି ଫୋନ୍ କଲେ ମଧ୍ୟ ସମ୍ପୃକ୍ତ କାର୍ଯ୍ୟର କନିଷ୍ଠଯନ୍ତ୍ରୀ ଆଦୌ ଫୋନ୍ କଲ୍ ଗ୍ରହଣ କରୁ ନାହାନ୍ତି । ଧର୍ମକୁ ଆଖିଠାର ମାରି କେବଳ ମିସ୍ତ୍ରୀ ଓ ଲେବରଙ୍କ ତତ୍ତ୍ୱାବଧାନରେ ହିଁ କାମ ଚାଲିଛି। କେନ୍ଦୁଝର ଜିଲ୍ଲାରେ କାମ ଚାଲୁଥିବା ବେଳେ ଏହାର ମୁଖ୍ୟ କାର୍ଯ୍ୟାଳୟ ଭଦ୍ରକ ଜିଲ୍ଲାରେ ଅବସ୍ଥିତ । କାର୍ଯ୍ୟ ଆରମ୍ଭରୁ ଶେଷ ଯାଏଁ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ କିମ୍ବା ସହକାରୀ ଯନ୍ତ୍ରୀଙ୍କ ପାଦ ପଡୁନାହିଁ। ଭଦ୍ରକ ଜିଲ୍ଲାରେ ଅଫିସ ଥିବାରୁ ଯନ୍ତ୍ରୀମାନେ ୩୦କିମି ଦୂରତା ଅତିକ୍ରମ କରି ଆସିବାକୁ ମନ ବଳାନ୍ତି ନାହିଁ କି କୌଣସି କାମର ସଠିକ୍ ତଦାରଖ କରନ୍ତି ନାହିଁ। ଯାହାଫଳରେ ସରକାରୀ ଅର୍ଥ ଖର୍ଚ୍ଚ ହେଉଥିଲେ ବି ସଠିକ୍ ଢ଼ଙ୍ଗରେ ବିନିଯୋଗ ହେଉଛି କି ନାହିଁ ଜଣାପଡୁନାହିଁ। କାର୍ଯ୍ୟଶେଷ ପରେ ଫଳକ ଲାଗୁଥିବାବେଳେ ଆରମ୍ଭରୁ ଶେଷ ଯାଏଁ ବିନା ଫଳକରେ କାମ ଚାଲୁଛି। କାଡ଼ା ନାଳ ମରାମତି କାମ ଆଳରେ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ବାଟ ମାରଣା କରାଯାଉଥିବା ଅଭିଯୋଗ ହୋଇଛି। ଏଭଳି କାର୍ଯ୍ୟପ୍ରତି ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଚ୍‌ପିଭି. ଟିକାକରଣ

**କେନ୍ଦୁଝର,୧।୩(ସମିସ):** କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ଦ୍ୱାରା ଏଚପିଭି. ଟୀକାକରଣର ଶୁଭାରମ୍ଭ ହୋଇଯାଇଛି। ବିଧାୟକ ଶ୍ରୀ ନାଏକ ନିଜ ବକ୍ତବ୍ୟରେ କହିଥିଲେ ଯେ ହ୍ୟୁମାନ ପାପିଲୋମା ଭାଇରସ (ଏଚ.ପି.ଭି.) ଟୀକାକରଣ ମହିଳାମାନଙ୍କର ଜରାୟୁ ଗ୍ରୀବା କର୍କଟ ରୋଗର ପ୍ରତିରୋଧ ପାଇଁ ସୁରକ୍ଷା ପ୍ରଦାନ କରିଥାଏ। ଏହି ଟୀକା କେବଳ ୧୪-୧୫ ବର୍ଷ ବୟସର ସୁସ୍ଥ କିଶୋରୀମାନଙ୍କୁ ଦିଆଯିବ। ଏହା ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ସମେତ ଉପଖଣ୍ଡ ଚିକିତ୍ସାଳୟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ପ୍ରଦାନ କରାଯିବ। ଏହି ସମାରୋହରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିନୋଦ ବିହାରୀ ମିଶ୍ର ଏଚ.ପି.ଭି. ଟିକାକରଣ ବିଷୟରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିପିଏଚଓ ଡା ପୁରୁଷୋତ୍ତମ ମହାନ୍ତ, ଏଡିପିଏଚଓ(ପରିବାର କଲ୍ୟାଣ) ଡା.ଲକ୍ଷ୍ମୀଧର ମହାନ୍ତ, ଡା.ଅଶୋକ କୁମାର ନାଏକ, ରୋଟାରୀ କ୍ଲବର ସଭାପତି ହରିହର ମହାନ୍ତ, ସମ୍ପାଦକ ବିଜୟ କୁମାର ବେହେରା, ସଦସ୍ୟ ବିଜୟ ଏନ କାପୁର, ଡିପିଏଚସିଓ ଭରତ କୁମାର ସାହୁ, ଡିଭିଏଲଏମ ଗୋବିନ୍ଦ ଚନ୍ଦ୍ର ମିଶ୍ର, ଆଇସିଏ ଚିତ୍ତରଞ୍ଜନ ଜେନା, ଏଏମ୍ ସିପି ପ୍ରସନ୍ନ କୁମାର ଦେବତ୍ତା, ଏସ୍‌ଏ ବୃନ୍ଦାବନ ସାହୁ, ଏଚ.ଏମ୍ ରଞ୍ଜନା ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ନିତ୍ୟରଞ୍ଜନ ବରାଳ ପରିଚାଳନା କରିବା ସହିତ ସଭା କାର୍ଯ୍ୟ ସଞ୍ଚାଳନ କରିଥିଲେ।

# ବିଜେଡି ପକ୍ଷରୁ ସାଂଗଠନିକ ବୈଠକ




**ଧର୍ମଶାଳା, ୧।୩(ସମିସ):** ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ହାଟପଡ଼ିଆ ନିକଟରେ ବିଜେଡି ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବ୍ଲକ ବିଜେଡି ସଭାପତି ପ୍ରସନ୍ନ କୁମାର ରାଉତ ସଭାପତିତ୍ୱରେ ଅନୁଷ୍ଠିତ ସାଂଗଠନିକ ବୈଠକରେ ଧର୍ମଶାଳା ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ୨୪ ବର୍ଷର ଶାନ୍ତ ଧର୍ମଶାଳାକୁ ଆଜି ଅଶାନ୍ତ ଭିତରକୁ ଠେଲି ଦିଆଯାଇଛି। ଏଣୁ ସମସ୍ତେ ସଂଗଠିତ ହୋଇ ପଞ୍ଚାୟତ ନିର୍ବାଚନରେ ଜବାବ ଦେବାକୁ ଶ୍ରୀ ବଳବନ୍ତରାୟ ଆହ୍ୱାନ ଦେଇଛନ୍ତି। ସାଙ୍ଗଠନିକ ବୈଠକରେ ୧୪ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ସରପଞ୍ଚ ସନ୍ଧ୍ୟାରାଣୀ ନାୟକ, ବରିଷ୍ଠ ନେତା ଦୁଃଶାସନ ନାୟକ, ଉତ୍ତମ କୁମାର ଦାସ, ରାଜକିଶୋର ମହାନ୍ତି, ଅମରେନ୍ଦ୍ର ରାୟ, ବିଜେଡି ନେତ୍ରୀ ମମତା ଦଣ୍ଡପାଟ, ବ୍ଲକ ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ ପ୍ରମୁଖଙ୍କ ସମେତ ବହୁ ଯୁବ, ଛାତ୍ର, ମହିଳା ଓ ଶତାଧିକ ଦଳୀୟ କର୍ମୀ ସାମିଲ ହୋଇଥିଲେ।

# ଗୋରୁ ଚମଡ଼ା ଜବତ; ୨ ଗିରଫ

**କର୍ଯ୍ୟାଁଗୋଲା, ୧।୩(ସମିସ):** ଆଜି ଦଶରଥପୁର ଥାନା ଅଞ୍ଚଳରେ ଦୁଇ ଗାଈ ଚମଡ଼ା ଏବଂ ଗୋମାଂସ ବ୍ୟବସାୟୀକୁ ଦଶରଥପୁର ପୁଲିସ ଗିରଫ କରିଛି। ସୂଚନା ମୁତାବକ ଆଜି ଗୋପାଳପୁର ଗ୍ରାମର ମିର୍ ଅଲିମନ ଓ ମିର ଅକ୍ତର ଅହିୟାସ ଏରିଆ କିଛି ଗୋରୁ ଚମଡ଼ା ଏବଂ ମାଂସ ନେଇ ଫେରୁଥିବା ସମୟରେ ଦଶରଥପୁର ବ୍ଲକର ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ତରପଦା ପଞ୍ଚାୟତ ଖୋସାଲପୁର



ଠାରେ ୨ ବ୍ୟବସାୟୀଙ୍କୁ ଅଟକାଇଥିଲେ। ଏହାପରେ ଦଶରଥପୁର ଥାନାକୁ ଖବର ଦେବାରୁ ଏସ୍‌ଆଇ ଦୁଷ୍ମନ୍ତ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ଦୁଇ ବେଆଇନ ଚମଡ଼ା ତଥା ଗୋମାଂସ ବେପାରୀଙ୍କୁ ୫୬/୨୬ ରେ ମାମଲା ରୁଜୁ କରି ଗିରଫ କରି ଅଦାଲତ ଚାଲାଣ କରିଥିଲେ। ଏ ନେଇ ଦଶରଥପୁର ଥାନା ଏସ୍‌ଆଇ ଶ୍ରୀଯୁକ୍ତ ଦାସ ସୂଚନା ଦେଇଥିଲେ।

# ଶିଶୁ ବିଦ୍ୟାମନ୍ଦିରରେ ରକ୍ତଦାନ ଶିବିର

**ମଙ୍ଗଳପୁର, ୧।୩(ସମିସ):** ଦଶରଥପୁର ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ମଙ୍ଗଳପୁର ବଜାରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପୁରାତନ ଛାତ୍ରସଂସଦ ପକ୍ଷରୁ ରକ୍ତଦାନ ଶିବିର ଓ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ପରିସରରେ ରବିବାର ଏହି ରକ୍ତଦାନ ଶିବିରର ଉଦ୍‌ଘାଟନୀ ସଭାରେ ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଆଚାର୍ଯ୍ୟ ଆଲୋଚନା କରିବା ସହ ପୁରାତନ ଛାତ୍ରଛାତ୍ରୀଙ୍କ ଏମିତି ପ୍ରୟାସକୁ ପ୍ରଶଂସା କରିଥିଲେ। କଟକ ରେଡ୍‌କ୍ରସ ପକ୍ଷରୁ ରକ୍ତ ସଂଗ୍ରହ କରିଥିଲେ। ଆୟୋଜକଙ୍କ ସହ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ରକ୍ତଦାନ କରିଥିଲେ। ମୋଟ ୭୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପୁରାତନ ଛାତ୍ରସଂସଦ ସଂଯୋଜକ ରଶ୍ମିରଞ୍ଜନ ସାହୁ, ସହସମ୍ପାଦକ ବନ୍ଦନା ବନ୍ଦିତା



ଅଧ୍ୟକ୍ଷତା କରିଥିବା ବେଳେ ପୁରାତନ ଛାତ୍ରସଂସଦର ସଭାପତି ସ୍ମୃତିରଞ୍ଜନ ସାମଲ ସଂଯୋଜନା କରିଥିଲେ। ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ଦିଗମ୍ବର ସାହୁ, ସମାଜସେବୀ ସରୋଜ ବିଶ୍ୱାଳ, କଟକ ରେଡ୍‌କ୍ରସ ସଭ୍ୟ ମିହିର ପରିଡ଼ା, ଉପସଭାପତି ଦିଲୀପ ସାମଲ, ସମ୍ପାଦକ କୈଳାସ ସାମଲ, କୋଷାଧ୍ୟକ୍ଷ ରବୀନ୍ଦ୍ର ପୃଷ୍ଟି, ଉପଦେଷ୍ଟା ପ୍ରବୀର ରାୟ, ଅଶୋକ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାନ ସମ୍ପର୍କରେ ସାମଲ, ସବ୍ୟସାଚୀ ନାୟକ, ସତ୍ୟଓଁକାର ମହାପାତ୍ର, ଅବିନାଶ ସାମଲ, ଶୁଭାଶିଷ ମହାପାତ୍ର, ସନ୍ଦୀପ ସତ୍ୟଜିତ ବେହେରା, ଯୋଗମାୟା ନାୟକ, ଐଶ୍ୱର୍ଯ୍ୟା ରାୟ, ସୋମ୍ୟରଞ୍ଜନ ସାମଲ, ସମ୍ବିତ କୁମାର ମଲ୍ଲିକ, ଚନ୍ଦନ ରାୟ, ଶିବାଶିଷ ପୃଷ୍ଟି, ଆଦିତ୍ୟ ହୋତା, ଚିନ୍ମୟ ଦାସ, ସ୍ନେହାଞ୍ଜନା ବିଶ୍ୱାଳ, ରାଜେଶ୍ୱରୀ ମଲ୍ଲିକ, ପ୍ରୀତିପ୍ରଜ୍ଞା ନାୟକ, ପ୍ରିୟଙ୍କା ସାମଲ, ଅଂଶୁଲିପ୍ସା ବାରିକଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।

ସ୍ମୃତିଲିପିର ୩୧ତମ ବାର୍ଷିକ ଉତ୍ସବ ସମାରୋହ

# ସାହିତ୍ୟକୁ ସମୃଦ୍ଧ କରିବାରେ ଲେଖକଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର, ୧।୩(ସମିସ)**



ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାରେ ଲେଖକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ ଆଜି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଓଡ଼ିଆ ଜାତିର ସ୍ୱାଭିମାନକୁ ରକ୍ଷା କରିବା ପ୍ରତିଟି ଓଡ଼ିଆଙ୍କର କର୍ତ୍ତବ୍ୟ ବୋଲି 'ସ୍ମୃତିଲିପି' ସାହିତ୍ୟ ପତ୍ରିକାର ୩୧ତମ ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। 'ଚଲାପଥ'ର ପ୍ରତିଷ୍ଠାତା ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ହଳଧର ଧୀରଙ୍କ ସଭାପତିତ୍ୱରେ ଭୁବନେଶ୍ୱର ବୁଦ୍ଧମନ୍ଦିରରେ ଅନୁଷ୍ଠିତ ଉତ୍ସବକୁ ବର୍ଷିୟାନ ସମାଜସେବୀ, ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)ର ସଭାପତି ପଦ୍ମଚରଣ ନାୟକ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ବରେଣ୍ୟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ଓ ସ୍ତମ୍ଭକାର ଦାଶ ବେନ୍‌ହୁର, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ କାର୍ଯ୍ୟନିର୍ବାହୀ ସମ୍ପାଦକ ଦୟାନିଧି ନାୟକ, ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ ପଦ୍ମାକର ଗୁରୁ ପ୍ରମୁଖ ଯୋଗଦେଇ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ମୃତିଲିପିର ସମ୍ପାଦକ ଭୁବନମୋହନ ମହାନ୍ତି ପତ୍ରିକାର ଅଭିବୃଦ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ଗୀତାଶ୍ରୀ ପ୍ରିୟମ୍ବଦା ମଞ୍ଚ ପରିଚାଳନା କରିଥିବା ବେଳେ ଇଂ. ଡ. ଲଡୁକିଶୋର ପଡ଼ିଆରୀଙ୍କ ସଭାପତିତ୍ୱରେ ଓ ଡ. ଅଜୟ କୁମାର ଜେନା, କବି ପ୍ରତିଭା ସାହୁ, କବି ବିଷ୍ଣୁପ୍ରିୟା ପ୍ରିୟଦର୍ଶିନୀଙ୍କ ସଂଯୋଜନାରେ ୪୧ ଜଣ କବି ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ। ଏହି ଉତ୍ସବରେ ଡ. ମାନସୀ କରଙ୍କ 'ଜୀବନ ସଞ୍ଜ', ଗାଳ୍ପିକ ପ୍ରକାଶ ଚନ୍ଦ୍ର ସାହୁଙ୍କ 'କିଏ ରାଧା କିଏ ମିରା' ଗଳ୍ପ ସଂକଳନ ଓ 'ଲାଜ' କବିତା ସଂକଳନ, ପ୍ରତିଭା ସାହୁଙ୍କର କବିତା ସଂକଳନ 'ପ୍ରୀୟାର ନାଁ ଚନ୍ଦ୍ରଭାଗା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ରଜନୀ ରଣସିଂହ ଓ ଡକ୍ଟର ଗୀତାଶ୍ରୀ ପ୍ରିୟମ୍ବଦା ପୁସ୍ତକଗୁଡ଼ିକର ସମୀକ୍ଷା କରିଥିଲେ।

ପତ୍ରିକା ପକ୍ଷରୁ ପ୍ରଦତ୍ତ ଆଇନୀଜୀବୀ ପ୍ରଫୁଲ କୁମାର ଧଳ ସ୍ମୃତି ସମ୍ମାନ କବି ଶ୍ୱେତା ରାଉତ, ଅବଦୁଲ୍ ସତ୍ତାର ସେବା ସ୍ମୃତି ସମ୍ମାନ ସାହିତ୍ୟିକ ସଂଗଠକ ତଥା ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ, ରଜନୀ ମିଶ୍ର ସ୍ମୃତି ସମ୍ମାନ କବି ଇଂ. ସରୋଜ କୁମାର ମହାପାତ୍ର ଓ ରୀନା ମହାପାତ୍ର ସ୍ମୃତି ସମ୍ମାନ ସୁସଂଗଠିକା ସରୋଜିନୀ ପତି ପାଇଥିଲେ। ସେହିପରି ସ୍ମୃତିଲିପି ପ୍ରତିଭା ସମ୍ମାନ ଡ. ପ୍ରମୋଦିନୀ ହୋତା, ଡ. ରଘୁ ସାହୁ, ଆଇନଜୀବୀ କବୀର କୁମାର ଜେନା, କଣ୍ଠଶିଳ୍ପୀ ସାଇଶ୍ରୀ ବିଶ୍ୱଜୀତା ରାୟ, ଡ. ଗୀତାଞ୍ଜଳୀ ପୃଷ୍ଟି, ସଞ୍ଜୀବ କୁମାର ଦେଓ, ଗୋଲକ ବିହାରୀ ବେହେରା, ଧ୍ରୁବ ଚରଣ ସେଠୀ, ବଂଶୀଧର ସାହୁ, ଇଂ.ଫକିର ମୋହନ ସାହୁ, ସୌମ୍ୟରଞ୍ଜନ ପରିଡ଼ା, ଝରଣା ମଲ୍ଲିକ, ପଣ୍ଡିତ ରଜନୀକାନ୍ତ ତ୍ରିପାଠୀ, ଶ୍ରୀମତୀ ବସନ୍ତମଞ୍ଜରୀ ଦାସ, ଶାନ୍ତନୁ କୁମାର ରାଉତ, ବିଶ୍ୱନାଥ ପାଢ଼ୀ ପ୍ରମୁଖଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ ସୁଶ୍ରୀ ମିନାକ୍ଷୀ ପ୍ରିୟଦର୍ଶନୀ ମହାନ୍ତି, ଲଗ୍ନଜିତ୍ ମହାନ୍ତି, ନବଘନ ସ୍ୱାଇଁ ପ୍ରମୁଖ। ଶେଷରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଶରତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ସକାଳ
THE SAKALA




# ସମ୍ପାଦକୀୟ



ବାର୍ଦ୍ଧକ୍ୟରେ ଜୀବନର କେତେବର୍ଷ କାଟିଲେ ତାହାର ଗଣନା ଅପେକ୍ଷା ବାକି ଥିବା ବର୍ଷଗୁଡ଼ିକରେ ଜୀବନ କେମିତି କାଟିବେ ସେହି ଚିନ୍ତା ଅଧିକ ମହତ୍ତ୍ୱ ରଖେ।
-ଆବ୍ରାହାମ୍ ଲିଙ୍କନ୍

## ଯୁଦ୍ଧ ବିଶ୍ୱବ୍ୟାପୀ ନ ହେଉ

ଆଶଙ୍କା ଅନୁରୂପ ଆମେରିକା ସହଯୋଗରେ ଇସ୍ରାଏଲ୍ ଇରାନ୍ ଉପରେ ଆକ୍ରମଣ କରିବା ସହିତ ବିଧିବଦ୍ଧ ଭାବେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆରମ୍ଭ ହୋଇଛି। ଇସ୍ରାଏଲ୍‌ର କ୍ଷେପଣାସ୍ତ୍ର ମାଡ଼ରେ ଇରାନ୍ ରାଜଧାନୀ ତେହେରାନ୍‌ର ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଜୀବନହାନି ସମ୍ପର୍କିତ ନିର୍ଦ୍ଦିଷ୍ଟ ସୂଚନା ମିଳିପାରିନାହିଁ। ଅପରପକ୍ଷରେ ଇରାନ୍‌ର କ୍ଷେପଣାସ୍ତ୍ରମାନ କାତାର, ବାହାରିନ୍, କୁଏତ୍ ଓ ୟୁଏଇର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଭେଦ କରିଛି। ଯୁଦ୍ଧର ସଦ୍ୟତମ ଅଗ୍ରଗତି ସୂଚନା ଆଧାରରେ ପ୍ରାରମ୍ଭିକ ଫଳାଫଳ ଆମେରିକା-ଇସ୍ରାଏଲ୍ ସପକ୍ଷରେ ଯାଇଛି। ଇରାନ୍‌ର ସର୍ବମାନ୍ୟ ନେତା ଇମାମ୍ ଆୟାତୋଲ୍ଲା ଅଲି ଖେମିନି ଓ ତାଙ୍କ ଉତ୍ତରାଧିକାରୀ ପୁତ୍ରକୁ ହତ୍ୟା କରିବା ପାଇଁ ଆମେରିକା-ଇସ୍ରାଏଲ୍‌ର ପ୍ରାରମ୍ଭିକ ଲକ୍ଷ୍ୟ ପ୍ରାୟତଃ ପୂରଣ ହୋଇଛି। ରିପୋର୍ଟ ମୁତାବକ ଇସ୍ରାଏଲ୍‌ର ଲକ୍ଷ୍ୟଭେଦୀ ବିମାନ ଆକ୍ରମଣରେ ଖେମିନିଙ୍କ ସମେତ ତାଙ୍କର ସବୁଠାରୁ ବିଶ୍ୱସ୍ତ ଓ ଶକ୍ତିଶାଳୀ ଇସ୍‌ଲାମିକ୍ ରିପବ୍ଲିକ୍ ଗାର୍ଡ କପ୍ସ୍(ଆଇଆରଜିସି) ର ମୁଖ୍ୟ ମେଜର ଜେନେରାଲ୍ ମହମ୍ମଦ ପାକ୍‌ପୌର, ପ୍ରତିରକ୍ଷା ପରିଷଦ ସଚିବ ଅଲି ଶାମ୍‌ଖାରି, ଶତାଧିକ ସାମରିକ ଓ ପ୍ରଶାସନିକ ଅଧିକାରୀ, ପରମାଣୁ ବୈଜ୍ଞାନିକ ନିହତ ହୋଇଛନ୍ତି। ଇରାନ୍‌ର ଶାସନ କ୍ଷମତା ଅକ୍ତିଆର କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ୍ ନାଗରିକଙ୍କୁ ଆହ୍ୱାନ ଦେଇଛନ୍ତି।

ଅପରପକ୍ଷରେ ଇରାନ୍ ଏବେ ଏକପ୍ରକାର ମୁରବିବିହୀନ ହୋଇଯାଇଛି। ତେଣୁ ଇରାନ୍ ଆତ୍ମସମର୍ପଣ କରିବ କିମ୍ବା ପ୍ରତିଆକ୍ରମଣ ଜୋରଦାର କରିବ ଏବଂ ନୀତିଗତ ନିଷ୍ପତ୍ତି କିଏ ନେବ ତାହା ଉପରେ ଯୁଦ୍ଧର ଭବିଷ୍ୟତ ଓ ଫଳାଫଳ ନିର୍ଭର କରୁଛି। ଏହାପୂର୍ବରୁ ଗତ ବର୍ଷ ଜୁନ୍ ମାସରେ ବାରଦିନିଆ ଯୁଦ୍ଧରେ ଇରାନ୍‌ର ବାଲିଷ୍ଟିକ୍ କ୍ଷେପଣାସ୍ତ୍ରମାନ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବାୟୁପ୍ରତିରକ୍ଷା ପ୍ରଣାଳୀ ଭାବେ ମାନ୍ୟତାପ୍ରାପ୍ତ ଇସ୍ରାଏଲ୍‌ର 'ଆଇରନ୍ ଡ୍ରୋମ୍'କୁ ଅନାୟାସରେ ଭେଦ କରିପାରିଥିଲା। ଯଦି ଇରାନ୍ ଉପରେ ଆକ୍ରମଣ ହୁଏ ତେବେ ଇସ୍ରାଏଲ୍ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯିବ ବୋଲି ଖେମିନି ଏହାପୂର୍ବରୁ ଧମକ ଦେଇଥିଲେ। ଏହାଛଡ଼ା କାତାରରେ ଆମେରିକାର ସର୍ବବୃହତ୍ ବୈଦେଶିକ ଆଣବିକ ପ୍ରକଳ୍ପ କାର୍ଯ୍ୟକ୍ଷମ ଥିବାରୁ ସ୍ୱାଭାବିକ ଭାବେ କାତାର ଇରାନ୍ ଆକ୍ରୋଶର ଶିକାର ହେବ। ତେଣୁ ଇରାନ୍‌ର ପ୍ରତିଆକ୍ରମଣ ଯେତେ ଭୟଙ୍କର ହେବ ଯୁଦ୍ଧର ବିଭୀଷିକା ସେତେ ଉଗ୍ର ହେବ।

ଏହି ଯୁଦ୍ଧ କେତେଦିନ ପର୍ଯ୍ୟନ୍ତ ଚାଲିବ, ତାହା ଅନିଶ୍ଚିତ। ଏହା କିନ୍ତୁ ନିଶ୍ଚିତ ଯେ ଏହି ଅଞ୍ଚଳର ଯୁଦ୍ଧରେ ମଧ୍ୟପ୍ରାଚ୍ୟ ଏବଂ ସେଠାକାର ନାଗରିକ ହିଁ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ। ଯଦି ଯୁଦ୍ଧ ଜାରି ରହେ ତେବେ ତାହାର ନିଆଁ ସାରା ବିଶ୍ୱକୁ ବ୍ୟାପିପାରେ। ଏହାର ତତ୍କାଳ ଓ ପ୍ରତ୍ୟକ୍ଷ ପ୍ରଭାବରେ ସାମୁଦ୍ରିକ ବାଣିଜ୍ୟର ସୁଗମ ପଥ ହର୍ମୁଜ୍ ପ୍ରଣାଳୀକୁ ଇରାନ୍ ବନ୍ଦ କରିଦେଲେ ୟୁରୋପ ସମେତ କେତେକ ମଧ୍ୟଏସୀୟ ଓ ୟୁରେସୀୟ ରାଷ୍ଟ୍ରରେ ତୈଳସଙ୍କଟ ସୃଷ୍ଟି ହେବ। ଏଥିସହିତ ବହିଃବାଣିଜ୍ୟରେ ବ୍ୟାଘାତ ସୃଷ୍ଟି ହେଲେ ଦରଦାମ ଆହୁରି ବଢ଼ିବ, ଖାଦ୍ୟ ଓ ସ୍ୱାସ୍ଥ୍ୟ ସେବାରେ ସଙ୍କଟ ସୃଷ୍ଟି ହେବ। ତେଣୁ ଏହି ଯୁଦ୍ଧର ପରୋକ୍ଷ ପ୍ରଭାବରେ ଅବଶିଷ୍ଟ ବିଶ୍ୱ ମଧ୍ୟ କ୍ଷତିଗ୍ରସ୍ତ ହେବ। ଏବେ ଇସ୍ରାଏଲ୍‌କୁ ଆମେରିକା ପ୍ରତ୍ୟକ୍ଷ ସମର୍ଥନ ଦେଇଆସୁଛି। ଏହି ଦୃଷ୍ଟିରୁ ଯଦି ଇସ୍ରାଏଲ୍-ଇରାନ୍ ଯୁଦ୍ଧ ଆହୁରି ଅଧିକ ଉଗ୍ର ହୁଏ ତେବେ ପୃଥିବୀର ମହାଶକ୍ତିମାନେ ଦୁଇଭାଗରେ ବିଭକ୍ତ ହୋଇଯିବାର ଆଶଙ୍କାକୁ ଏଡ଼ାଇ ଦେଉ ହେଉ ନାହିଁ। କାରଣ ଇରାନ୍‌କୁ ପରୋକ୍ଷ ସମର୍ଥନ ଦେଇ ଆସୁଥିବା ଚୀନ୍, ରୁଷ୍, ଉତ୍ତର କୋରିଆ ଓ ତୁର୍କୀ ଭଳି ଆମେରିକା-ବିରୋଧୀ ରାଷ୍ଟ୍ରମାନେ ଇସ୍ରାଏଲ୍ ବିରୋଧରେ ଇରାନ୍‌କୁ ପ୍ରତ୍ୟକ୍ଷ ସହାୟତା ଦେଇପାରନ୍ତି, ଯାହା ପୁଣି ଏକ ବିଶ୍ୱଯୁଦ୍ଧର ଆଶଙ୍କା ସୃଷ୍ଟି କରିଛି।

ଏ ପୃଷ୍ଠଭୂମିରେ ଭାରତର ବାଣିଜ୍ୟ-ଅର୍ଥନୀତି ମଧ୍ୟ ସୁରକ୍ଷିତ ରହିପାରିବ ନାହିଁ। ଭାରତର ତୈଳ ଚାହିଦାର ୮୮ ପ୍ରତିଶତ ଆମଦାନୀ ଉପରେ ନିର୍ଭର କରୁଥିବା ବେଳେ ହର୍ମୁଜ୍ ପ୍ରଣାଳୀ ଦେଇ ଏହାର ୪୦% ଆସୁଛି। ତେଣୁ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତିରେ ବିଶ୍ୱ ବଜାରରେ ଯଦି ଅଶୋଧିତ ତୈଳ ଦର ବ୍ୟାରେଲ୍ ପିଛା ୧ ଡଲାର ମଧ୍ୟ ବୃଦ୍ଧି ଘଟେ ତାହାର ବୋଝ ଭାରତ ପାଇଁ ବହୁଗୁଣିତ ହେବ। ସାମ୍ପ୍ରତିକ ସ୍ଥିତିରେ ଭାରତ ପାଇଁ ସବୁଠାରୁ ଉଦ୍‌ବେଗ ହେଉଛି ମଧ୍ୟପ୍ରାଚ୍ୟରେ ପ୍ରବାସୀ ଭାରତୀୟଙ୍କ ସୁରକ୍ଷା। ସେହି ଅଞ୍ଚଳରେ ପ୍ରାୟ ୯୦ ଲକ୍ଷ ପ୍ରବାସୀ ଭାରତୀୟ ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୧୮ ହଜାର ଇସ୍ରାଏଲ୍‌ରେ ଏବଂ ୧୦ ହଜାର ଇରାନ୍‌ରେ ବିଭିନ୍ନ କାମଧନ୍ଦାରେ ନିୟୋଜିତ ଅଛନ୍ତି। ତେଣୁ ଯୁଦ୍ଧ ଆରମ୍ଭ ହେଲେ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କାର୍ଯ୍ୟ ଭାରତ ପାଇଁ ଆହ୍ୱାନ ହେବ। ସେମାନେ ଭାରତ ଫେରିଆସିଲେ ଅର୍ଥର ବହିଃସ୍ରୋତ ଗୁରୁତର ବାଧାପ୍ରାପ୍ତ ହୋଇପାରେ। ଏକପକ୍ଷରେ ଇନ୍ଧନମୂଲ୍ୟ ବୃଦ୍ଧି ଜନିତ ମୁଦ୍ରାସ୍ଫୀତି, ଅନ୍ୟପକ୍ଷରେ ଅର୍ଥାଭାବ ଦେଶର ଅଭିବୃଦ୍ଧିକୁ ବ୍ୟାହତ କରିପାରେ। ସର୍ବୋପରି ଯଦି ଯୁଦ୍ଧରେ ଚାବାହାର ବନ୍ଦର କ୍ଷତିଗ୍ରସ୍ତ ହୁଏ ତେବେ ସେଥିରେ ବିପୁଳ ନିବେଶ କରିଥିବା ଭାରତ ହିଁ ସର୍ବାଧିକ କ୍ଷତି ସହିବ।

ଯୁଦ୍ଧର ଫଳାଫଳ ଓ ଅଗ୍ରଗତି ଅପେକ୍ଷା ଏବେ ଏହି ଯୁଦ୍ଧର ପୃଷ୍ଠଭୂମି ଓ କାରଣ ସମ୍ପର୍କରେ ଏକ ସିଂହାବଲୋକନ କରାଯାଉ। ଇରାନ୍‌କୁ ସମ୍ପୂର୍ଣ୍ଣ ରୂପେ ଆଣବିକନିରସ୍ତ୍ର କରିବା ଏହି ଯୁଦ୍ଧର ଏକମାତ୍ର କାରଣ ବୋଲି ଆମେରିକା-ଇସ୍ରାଏଲ୍ ଘୋଷଣା କରିଥିବା ବେଳେ ବାସ୍ତବତା କିନ୍ତୁ ଭିନ୍ନ। କାରଣ ଆନ୍ତର୍ଜାତିକ ଶକ୍ତି ସଂସ୍ଥାର ବିଶେଷଜ୍ଞମାନେ ବହୁବାର ଇରାନ୍‌ରେ ତଦାରଖ କରି ଆଣବିକ ଅସ୍ତ୍ର ନିର୍ମାଣର ଭିତ୍ତିଭୂମି ସେଠାରେ ନଥିବା ରିପୋର୍ଟ ଦେଇଛନ୍ତି। ଏହାଛଡ଼ା ଆଣବିକ ଶକ୍ତିକୁ କେବଳ ଶାନ୍ତିପୂର୍ଣ୍ଣ ଉପଯୋଗ କରାଯାଉଛି ବୋଲି ଇରାନ୍ ମଧ୍ୟ ବାରମ୍ବାର ଦୋହରାଇଆସୁଛି। ତଥାପି ଇସ୍ରାଏଲ୍‌ର ପ୍ରରୋଚନାରେ ଆମେରିକା ଇରାନ୍ ବିପକ୍ଷରେ ଯୁଦ୍ଧ ପାଇଁ ଏକପ୍ରକାର ବାଧ୍ୟ ହୋଇଛି କହିଲେ ଚଳେ। କେତେକ ବିଶେଷଜ୍ଞଙ୍କ ମତରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମ୍ପର୍କରେ କିଛି ଗୁପ୍ତତଥ୍ୟ ଇସ୍ରାଏଲ୍‌ର ଗୁଇନ୍ଦା ସଂସ୍ଥା ମୋସାଡ୍ ପାଖରେ ରହିଛି। ତେଣୁ ତାହାକୁ ନେଇ ଇସ୍ରାଏଲ୍ ଟ୍ରମ୍ପଙ୍କୁ ଏକପ୍ରକାର ବ୍ଲାକ୍‌ମେଲ୍ କରୁଥାଇପାରେ। ଇରାକ୍ ଘାତକ ଅସ୍ତ୍ର ପ୍ରସ୍ତୁତ କରୁଥିବା ନେଇ ଇସ୍ରାଏଲ୍‌ର ଗୁଇନ୍ଦା ତଥ୍ୟ ଆଧାରରେ ୨୦୦୩ରେ ମଧ୍ୟ ଆମେରିକା ଇରାକ୍ ଉପରେ ଆକ୍ରମଣ କରିଥିଲା। କିନ୍ତୁ ଯୁଦ୍ଧରେ ସଦ୍ଦାମ ହୁସେନ୍‌ଙ୍କ ପରାଜୟ ପରେ ବ୍ୟାପକ ଖୋଳତାଡ଼ ସତ୍ତ୍ୱେ ରିପୋର୍ଟ ମୁତାବକ ସେଭଳି କୌଣସି ଘାତକ ଅସ୍ତ୍ର ମିଳିଲା ନାହିଁ। ତେଣୁ ଇସ୍ରାଏଲ୍ କଥାରେ ଆମେରିକାର ଇରାନ୍ ଆକ୍ରମଣ କେତେଦୂର ଗ୍ରହଣୀୟ ତାହା ବିଚାରଯୋଗ୍ୟ। ବରଂ ଏହି ଯୁଦ୍ଧ ଶୀଘ୍ର ବନ୍ଦ ହେଲେ ବିଶ୍ୱ ପାଇଁ ମଙ୍ଗଳମୟ ହେବ।

# ନିରଙ୍କୁଶ ଜନାଦେଶ ବନାମ ନିରଙ୍କୁଶ କ୍ଷମତା

**ଗୌରୀପ୍ରସାଦ ମହାପାତ୍ର**

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ଜନପ୍ରତିନିଧି ସଭାରେ ମୋଟ ଆସନ ସଂଖ୍ୟାର ଦୁଇ-ତୃତୀୟାଂଶ କିମ୍ବା ତା'ଠାରୁ ଅଧିକ ଭୋଟ ମିଳିଲେ ତାହାକୁ 'ନିରଙ୍କୁଶ ଜନାଦେଶ' କୁହାଯାଏ। ଭାରତ ପରି ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏବଂ ବହୁଦଳୀୟ ସଂସଦୀୟ ବ୍ୟବସ୍ଥାରେ ନିରଙ୍କୁଶ ଜନାଦେଶ ଚିରସ୍ଥାୟୀ ବିକାଶ ପାଇଁ ଶୁଭଙ୍କର। ସଂସ୍କାରମୂଳକ ପଦକ୍ଷେପ, ଦୀର୍ଘମିଆଦୀ ଯୋଜନା, ପରୀକ୍ଷାନିରୀକ୍ଷା ଆଦି କେବଳ ସଂଖ୍ୟାଗରିଷ୍ଠ ସରକାରରେ ହିଁ ସମ୍ଭବ। ଅପରପକ୍ଷରେ ସଂଖ୍ୟାଲଘୁ ସରକାର ପ୍ରାୟତଃ ଗୋଷ୍ଠୀତନ୍ତ୍ର ଦ୍ୱାରା ପରିଚାଳିତ ହେଉଥିବାରୁ ସଂସ୍କାରଗତ ଦୃଢ଼ ନିଷ୍ପତ୍ତି ନେବାର ଅଧିକାରରୁ ବଞ୍ଚିତ ରହିବା ସ୍ୱାଭାବିକ। ତେଣୁ ସଂଖ୍ୟାଲଘୁ ସରକାର ଉଭୟ ଅର୍ଥନୈତିକ ଓ ସାମାଜିକ ବିକାଶର ପରିପନ୍ଥୀ ବୋଲି କୁହାଯାଏ। କିନ୍ତୁ ନିରଙ୍କୁଶ ଜନାଦେଶ ପାଇଥିବା ରାଜନୈତିକ ଦଳ ଭିତରେ ଯେତେବେଳେ ନିରଙ୍କୁଶ କ୍ଷମତା ବଳୟ ସୃଷ୍ଟି ହୁଏ, ତାହା ଉଭୟ ଦଳୀୟ ଓ ରାଷ୍ଟ୍ରୀୟ ଗଣତନ୍ତ୍ରର ଭବିଷ୍ୟତ ପ୍ରତି ବିପଦ ସୃଷ୍ଟି କରେ। ନିରଙ୍କୁଶ କ୍ଷମତା ମଧ୍ୟ ଅନେକ ସମୟରେ ଭୁଲ୍ ଓ ଦେଶଅହିତ ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ପ୍ରୋତ୍ସାହିତ କରେ। ସ୍ୱାଧୀନୋତ୍ତର ଭାରତରେ ବିଗତ ଶତାବ୍ଦୀର ପଚାଶ ଦଶକର ଅପରିଣାମଦର୍ଶୀ ବୈଦେଶିକ ନୀତି, ସତୁରୀ ଦଶକର ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା ଏବଂ ଚଳିତ ଶତାବ୍ଦୀର ଦ୍ୱିତୀୟ ଦଶକରେ ବିମୁଦ୍ରାକରଣ ନିଷ୍ପତ୍ତି, ତୃତୀୟ ଦଶକରେ ନୂଆ କୃଷି ଆଇନ(ପ୍ରତ୍ୟାହୃତ) ଆଦି ଏହାର ଅଳ୍ପ କେତୋଟି ଉଦାହରଣ।

ବିନମ୍ରତାର ସହିତ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଆମ ସମ୍ବିଧାନ କେବଳ ନିର୍ବାଚନରେ ବହୁମତ ପାଇଥିବା ରାଜନୈତିକ ଦଳକୁ କ୍ଷମତା ଅର୍ପଣ କରିଛି, ମାତ୍ର ଦଳଗୁଡ଼ିକୁ ନିୟନ୍ତ୍ରଣ କରିବା କ୍ଷେତ୍ରରେ ନିରବ ରହିଛି। ନିର୍ବାଚନରେ ହାରିଯାଇଥିବା ରାଜନୈତିକ ଦଳର ସଦସ୍ୟମାନେ ଯେତେ ଜ୍ଞାନୀ, ଗୁଣୀ, ଦୂରଦ୍ରଷ୍ଟା ଓ ପ୍ରତିଭାବାନ ହୁଅନ୍ତୁ ନା କାହିଁକି ଅତିକମ୍‌ରେ ପରବର୍ତ୍ତୀ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଶାସନ, ପ୍ରଶାସନ ଓ ନୀତି ନିର୍ଦ୍ଧାରଣରେ ସେମାନଙ୍କ ମତ, ପ୍ରସ୍ତାବ ଓ ବିଚାରର କୌଣସି ଗୁରୁତ୍ୱ ନଥାଏ। ଶାସନତନ୍ତ୍ର ଗତାନୁଗତିକ ରୀତିରେ ବିରୋଧୀଙ୍କ ମତକୁ ଉଦ୍ଦେଶ୍ୟମୂଳକ ଭାବେ ହେୟଜ୍ଞାନ ଓ ଅଗ୍ରାହ୍ୟ କରିଚାଲିଥାଏ। ଯଦି ଆମ ସମ୍ବିଧାନ ବ୍ରିଟିଶ୍ ଢାଞ୍ଚା ବଦଳରେ ଆମେରିକୀୟ ଢାଞ୍ଚାରେ ପ୍ରସ୍ତୁତ ହୋଇଥା'ନ୍ତା, ତେବେ ନିର୍ବାଚିତ ରାଜନୈତିକ ଦଳ ଏବଂ ଏହାର ମୁଖ୍ୟଙ୍କୁ ଏକଚାଟିଆ ନିରଙ୍କୁଶ କ୍ଷମତା କାର୍ଯ୍ୟକାରୀ କରିବାର ଅଧିକାରରୁ ବଞ୍ଚିତ କରିଥା'ନ୍ତା। ଆମେରିକୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ରାଜ୍ୟମାନେ କେନ୍ଦ୍ର ପାଖରେ ନୁହେଁ, ବରଂ ସେମାନଙ୍କ ଭୋଟରଙ୍କ ପାଖରେ ଉତ୍ତରଦାୟୀ। ରାଜ୍ୟମାନେ ସ୍ୱାଧୀନ ଭାବରେ ସେମାନଙ୍କର ନିଜସ୍ୱ ନିର୍ବାଚନ ପ୍ରକ୍ରିୟା ଅନୁପାଳନ କରିବାକୁ ଅଧିକାରପ୍ରାପ୍ତ। ସେଠାରେ ଶାସନର ସର୍ବୋଚ୍ଚ ଶାସନକର୍ତ୍ତା ରାଷ୍ଟ୍ରପତି ମଧ୍ୟ ନିରଙ୍କୁଶ କ୍ଷମତାସମ୍ପନ୍ନ ନୁହନ୍ତି। ଅନେକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ସଂସ୍ଥା ରାଷ୍ଟ୍ରପତି ଓ କଂଗ୍ରେସ ଅଧୀନରେ ବିଭକ୍ତ ହୋଇ ପରିଚାଳିତ ହୁଏ। ଏହାଦ୍ୱାରା ନିର୍ବାଚନରେ ବହୁମତ ପାଇ ନ ଥିବା ଦଳର ନେତାମାନଙ୍କର ସ୍ୱର ଓ ମତକୁ ମଧ୍ୟ ବିଭାଜିତ ଶାସନ ପ୍ରକ୍ରିୟା, ପ୍ରଶାସନ ଓ ନୀତି ନିର୍ଦ୍ଧାରଣରେ ଯଥାଯଥ ସମ୍ମାନ ମିଳେ।

ଆମ ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁସାରେ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଓ ରାଜ୍ୟରେ ମୁଖ୍ୟମନ୍ତ୍ରୀମାନେ ଶାସନର ସର୍ବେସର୍ବା ହୋଇଥିବାରୁ ସେମାନଙ୍କ ନିଷ୍ପତ୍ତି ହିଁ ଚୂଡ଼ାନ୍ତ ଏବଂ ଶାସନ-ପ୍ରଶାସନ ତାହାକୁ କାର୍ଯ୍ୟକାରୀ କରିବାକୁ ବାଧ୍ୟ। ଏହି ସାମ୍ବିଧାନିକ ବ୍ୟବସ୍ଥାର ସୁଯୋଗ ନେଇ ନିରଙ୍କୁଶ ଶାସନ କ୍ଷମତାରେ ଥିବା ଦଳୀୟ ଓ ସଂସଦୀୟ ମୁଖ୍ୟମାନେ ଦେଶ ଓ ଲୋକହିତ ପାଇଁ ଅନୁପଯୁକ୍ତ ହେଉ ପଛକେ ନିଜ ଦଳକୁ ସୁହାଇବା ପରି ନୀତିନିୟମ ମାନ ପ୍ରଣୟନ କରିଚାଲନ୍ତି ଏବଂ ଆଇନ କାନୁନକୁ ନିଜ ଇଚ୍ଛା ମତେ ମୋଡ଼ି ମକଚି ଦିଅନ୍ତି। ବିରୋଧୀ ଓ ବିପକ୍ଷଙ୍କ ଉପରେ ପ୍ରତିଶୋଧପରାୟଣ ହୋଇ କିମ୍ବା ସେମାନଙ୍କୁ ହଇରାଣ ହରକତ କରିବା ବା ବିପଦରେ ପକାଇବା ଭଳି ଆଇନ ପ୍ରଣୟନ କରନ୍ତି ଏବଂ ସରକାରୀ ସଂସ୍ଥାଗୁଡ଼ିକର ଦୁରୁପଯୋଗ କରନ୍ତି। କ୍ଷମତାସୀନ ସରକାର ଦ୍ୱାରା ସିବିଆଇ, ଇଡି, ଆଇଟି ପରି କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ବିରୋଧୀଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ଭାବେ ଅପବ୍ୟବହାରର ଅଭିଯୋଗ ମଧ୍ୟ ଅମୂଳକ ନୁହେଁ। ସିବିଆଇ ଓ ଇଡିର ଦୁରୁପଯୋଗ ହେଉଥିବା ବା ଉଦ୍ଦେଶ୍ୟମୂଳକ ଭାବେ ବ୍ୟବହାର କରାଯାଉଥିବା ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଅନେକ ଥର ଟିପ୍ପଣୀ ଦେବା ସହିତ ଉଦ୍‌ବେଗ ପ୍ରକାଶ କରିଛନ୍ତି। କ୍ଷମତା ରାଜନୀତିରେ ଉପରୋକ୍ତ ସଂସ୍ଥାଗୁଡ଼ିକର ଦୁରୁପଯୋଗ ଅଭିଯୋଗ ଯେ ନିରାଧାର ନୁହେଁ, ତାହାର ସଦ୍ୟତମ ଉଦାହରଣ ରୂପେ 'ଆମ୍ ଆଦ୍‌ମି ପାର୍ଟି' ମୁଖ୍ୟ ଅରବିନ୍ଦ କେଜ୍ରିୱାଲ୍‌ଙ୍କୁ ସିବିଆଇ ଅଦାଲତ ନିର୍ଦ୍ଦୋଷ ଘୋଷଣା କରିବା ପ୍ରସଙ୍ଗକୁ ନିଆଯାଇପାରିବ। ଅଧିକନ୍ତୁ ନିରଙ୍କୁଶ କ୍ଷମତାର ଆଧିପତ୍ୟ ହିଁ ଆମ ଦେଶର ସ୍ୱାଧୀନୋତ୍ତର ସମୟର ସବୁଠାରୁ ବଡ଼ ବିଡ଼ମ୍ବନା ବୋଲି କୁହାଯାଇପାରେ।

ଭାରତରେ କିନ୍ତୁ ଯେତେବେଳେ ଦୁର୍ନୀତି ଓ ଯୁଦ୍ଧ ଭଳି ପ୍ରସଙ୍ଗ ଉଠିଛି, ତାହା ସଂଖ୍ୟାଗରିଷ୍ଠ କିମ୍ବା ସଂଖ୍ୟାଲଘୁ ସରକାରର ବାଛବିଚାର କରି ନାହିଁ। 'ନିରଙ୍କୁଶ କ୍ଷମତା ହିଁ ଚରମ ଦୁର୍ନୀତିର ପୃଷ୍ଠପୋଷକ' - ଇଂଲଣ୍ଡର ବିଖ୍ୟାତ ଐତିହାସିକ, ରାଜନୀତିଜ୍ଞ, ଲେଖକ ଲର୍ଡ ଆକ୍‌ଟନଙ୍କ ଉପରୋକ୍ତ ଉକ୍ତି ଭାରତର ଦୁର୍ନୀତି କ୍ଷେତ୍ରରେ ଭୁଲ୍ ସାବ୍ୟସ୍ତ ହୋଇଛି। କାରଣ ବୋଫର୍ସ ଦୁର୍ନୀତି, ଗୋଖାଦ୍ୟ ଦୁର୍ନୀତି, ନିରବ ମୋଦୀ ଓ ମେହୁଲ୍ ଚୋକ୍ସି ବ୍ୟାଙ୍କ ଦୁର୍ନୀତି ଆଦି ସଂଖ୍ୟାଗରିଷ୍ଠ ସରକାର ଅମଳରେ ହୋଇଥିବା ବେଳେ କୋଲଗେଟ୍, ଟୁ-ଜି, କମନ୍‌ୱେଲଥ ଗେମ୍ ଆଦି ଦୁର୍ନୀତି ଭାରତର ଏକ ମେଣ୍ଟ ସରକାର ଅମଳରେ ସଂଘଟିତ ହୋଇଥିଲା। ସେହିପରି ସଂଖ୍ୟାଗରିଷ୍ଠ ସରକାର ଅମଳରେ ୧୯୬୨ରେ ଭାରତ ଚୀନ୍‌ଠାରୁ ପରାଜୟ ଲଭିଥିବା ବେଳେ ୧୯୬୫ ଓ ୧୯୭୧ରେ ନିରଙ୍କୁଶ ଶାସନ କ୍ଷମତା ଅଧୀନରେ ଥିବା ଭାରତଠାରୁ ପାକିସ୍ତାନ ପରାଭବ ପାଇଥିଲା। ଅପରପକ୍ଷରେ ଭାରତର କାରଗିଲ୍ ଯୁଦ୍ଧ ବିଜୟର ସଫଳତା ଏକ କାମଚଳା ସରକାର ଅମଳରେ ହିଁ ମିଳିଥିଲା।

ରାଜତନ୍ତ୍ର ହେଉ କି ଗଣତନ୍ତ୍ର, ନିରଙ୍କୁଶ କ୍ଷମତାର ସବୁଠାରୁ ବଡ଼ ନକାରାତ୍ମକ ଦିଗଟି ହେଲା ସର୍ବୋଚ୍ଚ ସ୍ଥାନ ଅଳଂକୃତ କରିଥିବା ବ୍ୟକ୍ତିମାନଙ୍କ ମନରେ ଏକ ଧାରଣା ସୃଷ୍ଟି ହୁଏ ଯେ ମୁଁ ଯାହା ଜାଣିଛି ଏବଂ କରୁଛି ତାହା ହିଁ ଠିକ୍, ଅନ୍ୟମାନେ ଭୁଲ୍। ନିରଙ୍କୁଶ କ୍ଷମତାର ରକ୍ଷଣଶୀଳ ବଳୟ ଭିତରେ ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରାୟତଃ ନିଷ୍ପ୍ରଭ ହୋଇସାରିଥାଏ ଏବଂ ଏହାର କେନ୍ଦ୍ରରେ ଥିବା ବ୍ୟକ୍ତିବିଶେଷ ନୂତନ ପ୍ରତିଭାସମ୍ପନ୍ନ ଓ କରିତ୍‌କର୍ମା ନେତୃତ୍ୱ କିମ୍ବା ବ୍ୟକ୍ତିତ୍ୱଙ୍କ ଉତ୍‌ଥାନକୁ ବରଦାସ୍ତ କରିପାରନ୍ତି ନାହିଁ। ସଚ୍ଚୋଟ, ନୀତିନିଷ୍ଠ ବ୍ୟକ୍ତିମାନେ ଏବଂ ସାଧୁ ରାଜନେତାମାନେ ନିରଙ୍କୁଶ କ୍ଷମତା ବଳୟ ଭିତରେ ଅଣନିଃଶ୍ୱାସୀ ହୋଇ ଦଳ ତ୍ୟାଗ କରନ୍ତି କିମ୍ବା ଅନ୍ୟାୟ, ବ୍ୟଭିଚାର ଓ ଦୁର୍ନୀତିକୁ ପ୍ରଶ୍ରୟ ଦେବାକୁ ବାଧ୍ୟ ହୁଅନ୍ତି।

ନିରଙ୍କୁଶ ଜନାଦେଶ ପାଇଥିବା ଶାସକ ଦଳର ନିରଙ୍କୁଶ ଶାସନ କ୍ଷମତା ନୈତିକତା ଆଧାରିତ ଦୃଷ୍ଟିକୋଣ ଓ ସଂସ୍କାରମୂଳକ କାର୍ଯ୍ୟକ୍ରମ ପ୍ରତି ଅଧିକ ସମର୍ପିତ ହେଲେ ତାହା ପ୍ରଗତିର ଦୀର୍ଘମିଆଦୀ ଭିତ୍ତି ସୃଷ୍ଟି କରିବ। ବର୍ତ୍ତମାନ କିନ୍ତୁ ନିରଙ୍କୁଶ କ୍ଷମତା ଭୋଗ କରୁଥିବା ଶାସକ ଦଳର ମୁଖ୍ୟମାନେ ଏହି ଆଭିମୁଖ୍ୟରୁ ଦୂରେଇ ଯାଇ ସ୍ୱାର୍ଥସନ୍ଧ ହେଉଥିବା ଦେଖାଯାଉଛି। ଏହା ଦୀର୍ଘମିଆଦୀ ଦୃଷ୍ଟିରୁ ସମ୍ପୃକ୍ତ ରାଜନୈତିକ ଦଳ ପାଇଁ ଅନୁକୂଳ ନୁହେଁ, ଯାହାର ଉଦାହରଣ ଏବେ ଦେଶର ସର୍ବପୁରାତନ ରାଜନୈତିକ ଦଳର ସ୍ଥିତି ଆମକୁ ସୂଚାଇ ଦେଉଛି। ସେହିପରି ନିରଙ୍କୁଶ କ୍ଷମତା ବଳୟ ଭିତରେ ଗୃହୀତ ନିଷ୍ପତ୍ତି ଓ ପଦକ୍ଷେପ ଯେ ଦେଶର ସାମୂହିକ ଜନସ୍ୱାର୍ଥର ପରିପନ୍ଥୀ ତାହାର ପ୍ରତିଫଳନ ଭାରତର ସାମାଜିକ-ଆର୍ଥିକ ବୈଷମ୍ୟ ରୂପରେ ଆମ ସମ୍ମୁଖରେ ସମ୍ପ୍ରତି ପ୍ରତିଭାତ। ଅପରପକ୍ଷରେ ନିରଙ୍କୁଶ ଜନାଦେଶର ନିରଙ୍କୁଶ ଶାସନ କ୍ଷମତା ମଧ୍ୟ ଯେ ଓଡ଼ିଶା ଭଳି ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ-ଚିର ଅବହେଳିତ-ଅନାହାର ଓ ଦାରିଦ୍ର୍ୟର ଅପବାଦ ଜର୍ଜରିତ ଏକ ରାଜ୍ୟକୁ ଦୀର୍ଘ ଦୁଇଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଧରି ସ୍ଥିର ଶାସନ ଓ ଦୃଢ଼ ନେତୃତ୍ୱ ବଳରେ ଈର୍ଷଣୀୟ, ଅନୁକରଣୀୟ ଓ ଉଦାହରଣୀୟ ଦ୍ରୁତ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିପାରେ, ତାହା ଏବେ ବିଶ୍ୱ ସମୁଦାୟ ସସମ୍ମାନେ ସ୍ୱୀକାର କରି ନେଇଛି।


ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦


# ଶିକ୍ଷାର ଗୁଣାତ୍ମକ ମାନ

**ସତ୍ୟନାରାୟଣ ପାଢ଼ୀ**

ମାନବସମ୍ବଳର ବିକାଶ ବିନା ଏକ ଦେଶର ସାମଗ୍ରିକ ବିକାଶ ସମ୍ଭବ ନୁହେଁ। ନାଗରିକଙ୍କୁ ମାନବସମ୍ବଳରେ ପରିଣତ କରିପାରିଲେ ସେ ଜାତୀୟ ଆର୍ଥିକ ଅଭିବୃଦ୍ଧିର ଦୁର୍ଲଭ ବାହକ ହୁଏ। ଅପରପକ୍ଷରେ ଏହାର ବିପରୀତ ଘଟିଲେ ଉକ୍ତ ନାଗରିକ ହିଁ ରାଷ୍ଟ୍ର ପାଇଁ ବୋଝ ହୋଇଯାଏ। ଏ ରୂପାନ୍ତରଣ ପ୍ରକ୍ରିୟାରେ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅର୍ଥାତ୍ ମାନବସମ୍ବଳ ସୃଷ୍ଟି କରିବା କରିବା ପାଇଁ ଶିକ୍ଷା ପ୍ରଥମ ଆବଶ୍ୟକତା ହେଉଥିବାରୁ ଶିକ୍ଷାର ବିକାଶ ଦିଗକୁ ସରକାର ଅଗ୍ରାଧିକାର ଦେବା ଆବଶ୍ୟକ।

ଶିକ୍ଷାର ବିକାଶ ପାଇଁ ଆମ ଦେଶରେ ଅନେକ ପଦକ୍ଷେପ ନିଆଯାଉଛି। ବିଭିନ୍ନ ଯୋଜନା ପ୍ରଣୟନ ସହିତ ନୂତନ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା, ଭିତ୍ତିଭୂମିର ବିକାଶ, ଅନୁଷ୍ଠାନଗୁଡ଼ିକୁ ସରକାରୀ ଅନୁଦାନ ପ୍ରଦାନ ଆଦି ଏହି ପଦକ୍ଷେପ ମଧ୍ୟରେ ଅର୍ନ୍ତଭୁକ୍ତ। ଏହା କିନ୍ତୁ ଶିକ୍ଷାର ସାମଗ୍ରିକ ବିକାଶ ପରିଭାଷା ନୁହେଁ। ଅନ୍ୟଅର୍ଥରେ କହିବାକୁ ଗଲେ ଶିକ୍ଷାର ଉନ୍ନତି କଳ୍ପେ ସରକାରୀ ସ୍ତରରେ କିଛି ପଦକ୍ଷେପ ନେଇ ଶିକ୍ଷାର ଉନ୍ନତି ପାଇଁ କାର୍ଯ୍ୟ କରାଯାଉଛି ବୋଲି ଆତ୍ମତୃପ୍ତି ଲାଭ କରିବାର କୌଣସି ଅବକାଶ ନାହିଁ। କାରଣ ଶିକ୍ଷାର ପ୍ରକୃତ ବିକାଶ ହେଉଛି ଶିକ୍ଷାର ଗୁଣାତ୍ମକ ମାନ ଅଭିବୃଦ୍ଧି। ଏ ପରିପ୍ରେକ୍ଷୀରେ ବାସ୍ତବ ସ୍ଥିତିର ଏକ ଆକଳନ କଲେ ଜାଣିପାରିବା ଯେ ଭିତ୍ତିଭୂମି ଆଧାରରେ ଆମ ରାଜ୍ୟରେ ହୁଏତ ବିଗତ କିଛିବର୍ଷରେ ଶିକ୍ଷାର ପ୍ରସାର ଘଟିଥାଇପାରେ, ମାତ୍ର ଶିକ୍ଷାର ଗୁଣାତ୍ମକ ମାନର ସ୍ଥିତିରେ ଆଶାନୁରୂପ ଉନ୍ନତି ଘଟିପାରିନାହିଁ।

ଆଜିର ଦିନରେ ତୃଣମୂଳ ସ୍ତରର ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ସର୍ବୋଚ୍ଚ ସ୍ତରର ବିଶ୍ୱବିଦ୍ୟାଳୟ ଶିକ୍ଷା ପର୍ଯ୍ୟନ୍ତ ସର୍ବତ୍ର ଶିକ୍ଷାର ଗୁଣାତ୍ମକ ମାନର ବ୍ୟାପକ ମାତ୍ରାରେ ଅବକ୍ଷୟ ଘଟୁଥିବାର ଅଭିଯୋଗ ଓ ଦୃଷ୍ଟିଗୋଚର ହେଉଛି। ପଞ୍ଚମ ଶ୍ରେଣୀରେ ପାଠ ପଢ଼ୁଥିବା ଅଧିକାଂଶ ପିଲା ନିର୍ଭୁଲ ଭାବେ ଯୁକ୍ତାକ୍ଷର ଯୁକ୍ତ ଓଡ଼ିଆ ଶବ୍ଦ ଲେଖିପାରୁନାହାନ୍ତି କି ସାଧାରଣ ଗଣିତ ପ୍ରଶ୍ନଗୁଡ଼ିକର ସମାଧାନ କରିପାରୁନାହାନ୍ତି। ଇଂରାଜୀ କଥା ତ ନକହିବା ଭଲ। ବିଜ୍ଞାନ ବିଷୟରେ ପିଲାମାନଙ୍କ ଆଗ୍ରହ ସୃଷ୍ଟି କରିବା ଦିଗରେ ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣ ପର୍ଯ୍ୟାପ୍ତ କି - ଏହା ତ ଲକ୍ଷେକୋଟିର ପ୍ରଶ୍ନ। ଗ୍ରାମାଞ୍ଚଳରେ ଶିକ୍ଷାର ପରିବେଶ ଏତେ ଖରାପ ଯେ ପିଲାଙ୍କ ପାଇଁ ଗୁଣାତ୍ମକ ମାନର ଶିକ୍ଷା ସାତସପନ ପରି ମନେହୁଏ। ଏପଟେ ବଡ଼ ବଡ଼ ନାମୀଦାମୀ ବିଶ୍ୱବିଦ୍ୟାଳୟଗୁଡ଼ିକରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ଆସୁଥିବା ଅନେକ ପିଲାଙ୍କ ବୌଦ୍ଧିକ ଦକ୍ଷତା ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ।

କହିବା ଅନାବଶ୍ୟକ ଯେ ସର୍ବଭାରତୀୟ ସ୍ତରରେ ହେଉଥିବା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଆଗରୁ ଓଡ଼ିଶାର ପିଲାମାନେ ଭଲ ପ୍ରଦର୍ଶନ କରୁଥିବାର ଦୃଷ୍ଟାନ୍ତ ରହିଛି। ୟୁପିଏସସି ଦ୍ୱାରା ପରିଚାଳିତ ସର୍ବଭାରତୀୟ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଓଡ଼ିଶାର ପ୍ରତିଯୋଗୀମାନେ ଏକାଧିକ ଥର ପ୍ରଥମ ସ୍ଥାନ ଅଧିକାର କରିବାର ମଧ୍ୟ ରେକର୍ଡ ରହିଛି। ମାତ୍ର ଗତ କିଛିବର୍ଷ ହେଲା ସର୍ବଭାରତୀୟସ୍ତରର ପ୍ରତିଯୋଗିତାମୂଳକ ପରୀକ୍ଷାଗୁଡ଼ିକରେ ଓଡ଼ିଶା ପିଲାଙ୍କ ପ୍ରଦର୍ଶନ ସନ୍ତୋଷଜନକ ନୁହେଁ। ତା'ପଛରେ ଏବେକାର ଓଡ଼ିଶା ପିଲାଙ୍କ ବୌଦ୍ଧିକ ଦକ୍ଷତାରେ ଘଟିଥିବା ହ୍ରାସ ମଧ୍ୟ ଅନ୍ୟତମ କାରଣ।

ଏଠାରେ ଉଲ୍ଲେଖନୀୟ ଯେ ଶିକ୍ଷାର ବ୍ୟାପକ ଘରୋଇକରଣ ଓ ବ୍ୟବସାୟୀକରଣ ସତ୍ତ୍ୱେ ଆଜି ମଧ୍ୟ ରାଜ୍ୟର ଅଧିକାଂଶ ପିଲା ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ପଢ଼ୁଛନ୍ତି। ଏହି ପ୍ରସଙ୍ଗର ଆଲୋଚନାକ୍ରମେ ସରକାରୀ ଶିକ୍ଷାନୁଷ୍ଠାନକୁ ମାପକାଠି ହିସାବରେ ନିଆଯାଇପାରେ। ତେବେ ଇତିମଧ୍ୟରେ ଅନ୍ୟ ଏକ ଚିତ୍ର ମଧ୍ୟ ସାମନାକୁ ଆସୁଛି। ପୂର୍ବରୁ ଏକ ଧାରଣା ରହିଥିଲା ଯେ ସରକାରୀ ଶିକ୍ଷାନୁଷ୍ଠାନ ଶିକ୍ଷାଦାନର ମାନ ଅତ୍ୟନ୍ତ ନିମ୍ନମାନର। ଆଉ ସେଥିପାଇଁ ଗୁଣାତ୍ମକ ଶିକ୍ଷା ସରକାରଙ୍କ ଦ୍ୱାରା ପରିଚାଳିତ ଅନୁଷ୍ଠାନରୁ ଆଶା କରାଯାଇ ନ ପାରେ। ମାତ୍ର ଏ ଧାରଣା ମଧ୍ୟ ଭ୍ରାନ୍ତ ବୋଲି ଇତିମଧ୍ୟରେ ପ୍ରମାଣିତ ହୋଇସାରିଛି। ଏବେ ଧୁଆମୂଳା ଅଧୁଆମୂଳା ସମସ୍ତେ ସମାନ। ଅର୍ଥାତ୍ ଏବେ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକର ମର୍ମସ୍ପର୍ଶୀ ବିଜ୍ଞାପନ ଯାହା କହେ ବାସ୍ତବ ଚିତ୍ର ସେଇଆ ନୁହେଁ। ଆହୁରି ସ୍ପଷ୍ଟ ଭାବରେ କହିବାକୁ ଗଲେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରି ଏଭଳି ନାମୀଦାମୀ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକରେ ପାଠ ପଢ଼ୁଥିବା ପିଲାଙ୍କ ମଧ୍ୟରେ ହାତଗଣତି କେତେ ଜଣକୁ ଛାଡ଼ିଦେଲେ ଅନ୍ୟମାନଙ୍କ ବୌଦ୍ଧିକ ଦକ୍ଷତା ସନ୍ତୋଷଜନକ ନୁହେଁ ବୋଲି ମନେହୁଏ।

ଅତଏବ ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆମର ସାମ୍ପ୍ରତିକ ସ୍ଥିତି ନିଶ୍ଚିତ ଭାବରେ ଉଦ୍‌ବେଗଜନକ। ଏକେ ତ ଶିକ୍ଷାନୁଷ୍ଠାନଗୁଡ଼ିକରେ ଲାଗିରହିଛି ବିବିଧ ସମସ୍ୟା। ଶିକ୍ଷାର ବ୍ୟାପକ ବ୍ୟବସାୟୀକରଣ ସାଙ୍ଗକୁ ଆକାଶଛୁଆଁ ଦର ଗରିବ, ନିମ୍ନ-ମଧ୍ୟବିତ୍ତ, ଏପରିକି ମଧ୍ୟବିତ୍ତଙ୍କ ପାଇଁ ଏକ ଅଦିନ ବଜ୍ରପାତ ଭଳି ସମସ୍ୟା ସୃଷ୍ଟି କରୁଛି। ତା'ସାଙ୍ଗକୁ ଶିକ୍ଷାର ଗୁଣାତ୍ମକ ମାନର ହ୍ରାସ ସମସ୍ୟା ଜର୍ଜରିତ ଶିକ୍ଷାବ୍ୟବସ୍ଥାକୁ ଆହୁରି ଜଟିଳ କରୁଛି। ଘରୋଇ କ୍ଷେତ୍ରର ବଡ଼ବଡ଼ ଉଦ୍ୟୋଗଗୁଡ଼ିକ କହୁଛନ୍ତି ଯେ ସେମାନଙ୍କ ପାଖରେ ନିଯୁକ୍ତିର ଅଭାବ ନାହିଁ। ମାତ୍ର ନିଯୁକ୍ତି ଦେବା ପାଇଁ ଉପଯୁକ୍ତ ପ୍ରାର୍ଥୀ ମିଳୁନାହାନ୍ତି। ଏ କଥା ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼ିଥାଏ। ତା'ଛଡ଼ା ଏହା ଚିନ୍ତାର କାରଣ ମଧ୍ୟ ଅଟେ। କାରଣ ଏହା ଆମ ଶିକ୍ଷାନୁଷ୍ଠାନଗୁଡ଼ିକ ଦ୍ୱାରା ପ୍ରଦତ୍ତ ଶିକ୍ଷାଦାନର ମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏପଟେ ପୁଣି ରହିଛି ବୈଶ୍ୱିକ ପ୍ରତିଯୋଗିତା। ଯଦି ଘରୋଇସ୍ତରରେ ଆମ ପିଲା ଉପଯୁକ୍ତ ହୋଇପାରୁନାହାନ୍ତି ବୈଶ୍ୱିକ ପ୍ରତିଯୋଗିତାର ଦୌଡ଼ରେ ସେମାନେ ତିଷ୍ଠି ରହିବେ କିପରି?

ଉପସଂହାରରେ ଏତିକି କହିବା ଯେ ଯେଉଁମାନେ କେବଳ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଅଥବା ଘରୋଇ ଉଦ୍ୟୋଗଗୁଡ଼ିକରେ ଚାକିରି କରିବେ ସେମାନଙ୍କୁ ଗୁଣାତ୍ମକ ମାନର ଶିକ୍ଷା ଦରକାର। ଅନ୍ୟମାନେ କେବଳ ସାର୍ଟିଫିକେଟ୍‌ଧାରୀ ହେଲେ ଚଳିବ ସେକଥା ନୁହେଁ। ଉତ୍ତମ ଶିକ୍ଷା ସମସ୍ତଙ୍କ ସକାଶେ ଅତ୍ୟାବଶ୍ୟକ। କାରଣ ଉତ୍ତମ ଗୁଣାତ୍ମକମାନର ଶିକ୍ଷା ହିଁ ବ୍ୟକ୍ତିବିଶେଷର ବ୍ୟକ୍ତିଗତ ଉନ୍ନତିଠାରୁ ଆରମ୍ଭ କରି ଜାତୀୟ ପ୍ରଗତିକୁ ସୁନିଶ୍ଚିତ କରିଥାଏ।


ବରଗଡ଼, ମୋ: ୯୧୭୮୪୦୮୫୨୪


# ଆମ ବୃକ୍ଷଲତା ଆମ ଜୀବନ

## ପସାରୁଣି
Shunk Vine- Paederia foetida

ପ୍ରକୃତି-ପରିବେଶ

**ସୌଭାଗ୍ୟସୁନ୍ଦର**

ପସାରୁଣି ବା ପ୍ରସାରୁଣି ଭାରତ ସମେତ ବାଂଲାଦେଶ, ଭୁଟାନ କାମ୍ବୋଡ଼ିଆ, ତାଇୱାନ ଓ ଚୀନ ଭଳି ସମଶୀତୋଷ୍ଣ ଓ ଉଷ୍ଣମଣ୍ଡଳୀୟ ଏସୀୟ ଦେଶଗୁଡ଼ିକର ମୂଳଜାତ ଉଦ୍ଭିଦ। ପରେ ପରେ ଏହାକୁ ଆଫ୍ରିକା, ଉତ୍ତର ଆମେରିକା ଓ ଅନ୍ୟାନ୍ୟ ଅଞ୍ଚଳରେ ପ୍ରବେଶ କରାଯାଇଥିଲା। ଏହା ବେଳେବେଳେ ଝରଣା ଓ ଜଙ୍ଗଲ ସୀମାବର୍ତ୍ତି ମିଶ୍ରିତ ଜଙ୍ଗଲରେ ଦେଖାଯାଏ। ସମୁଦ୍ର ପତ୍ତନଠାରୁ ୩, ୦୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବିଭିନ୍ନ ଜଙ୍ଗଲ, ପର୍ବତ, ସମତଳ, ବାଲିଆ କିମ୍ବା ପଥୁରିଆ ସମୁଦ୍ର ଉପକୂଳ ଅଞ୍ଚଳରେ ପସାରୁଣୀ ଦେଖିବାକୁ ମିଳିଥାଏ। ଉପକାରୀ ଔଷଧୀୟ ଗୁଣ ପାଇଁ ଗ୍ରାମାଞ୍ଚଳରେ ବାଡ଼ିବଗିଚାରେ ମଧ୍ୟ ଏହାକୁ ଲଗା ଯାଇଥାଏ।

ପସାରୁଣି ଏକ ପର୍ଣ୍ଣମୋଚୀ ଆରୋହୀ ଉଦ୍ଭିଦ, ଯାହା ପ୍ରାୟ ୫ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଏହାର କାଣ୍ଡଟି କଠିନ, ଶୁଷ୍କ ଓ ଧୂସରରୁ ମାଟିଆ ରଙ୍ଗର। ପତ୍ରଗୁଡ଼ିକ ଡେମ୍ଫଯୁକ୍ତ, ସରଳ, ବିପରୀତ, ଡିମ୍ବାକାର କିମ୍ବା ଆୟତାକାର। ଫନେଲ ବା କାହାଳୀ ଆକାରର ଫୁଲଗୁଡ଼ିକ ଫିକାବାଇଗଣୀ, କିମ୍ବା ଧୂସର ଗୋଲାପୀ କିମ୍ବା ଧୂସର ଧଳା, ଘନ କେଶଯୁକ୍ତ, ୫ ଟି ବିସ୍ତାରିତ ପାଖୁଡ଼ା ସହିତ ଦଳମଣ୍ଡଳ। ଚକଚକିଆ ମାଟିଆ ଫଳ ଏକ ଗୋଲାକାର କ୍ୟାପସୁଲ୍ ଯାହା ୨ ଟି କଳା ଗୋଲାକାର ବିହନ ଧାରଣ କରିଥାଏ। ଫୁଲ ଓ ଫଳଗୁଡ଼ିକ ମୁଖ୍ୟତଃ ଗ୍ରୀଷ୍ମ ଓ ଶରତ ଋତୁରେ ହୋଇଥାଏ।

ପସାରୁଣୀ ଆୟୁର୍ବେଦ ଓ ଅନ୍ୟାନ୍ୟ ପାରମ୍ପରିକ ଔଷଧ ଭାବରେ ବହୁକାଳରୁ ବ୍ୟବହୃତ। ଏହାର ପତ୍ର କିମ୍ବା କାଣ୍ଡକୁ କାଟି ଚୂର୍ଣ୍ଣ କଲେ, ହାତରେ ଚକଟି ଦଳିଲେ କିମ୍ବା ରୋଷେଇ କଲେ ଦୁର୍ଗନ୍ଧ ସହିତ ତିକ୍ତ ସ୍ୱାଦ ବାରି ହୁଏ। କାରଣ ଏଥିରେ ମୁଖ୍ୟତଃ ଡାଇମିଥାଇଲ୍ ଡାଇସଲଫାଇଡ୍ ସମେତ ସଲଫର ଯୌଗିକ ଜୈବ ରସାୟନ ଭରପୂର ଥାଏ। ଏହି ଉଦ୍ଭିଦର ନାମ ଲାଟିନ୍ ଭାଷା 'ଫୋଏଟିଡା'ରୁ ଉଦ୍ଧୃତ, ଯାହାର ଅର୍ଥ ହେଉଛି 'ଦୁର୍ଗନ୍ଧଯୁକ୍ତ'। ଏହା ଯକୃତ ରୋଗ, ଆମବାତ, ଗଣ୍ଠିବାତ, ମଧୁମେହ, କୋଷ୍ଠକାଠିନ୍ୟ, କାଶ, ନାଳଝାଡ଼ା, ତରଳଝାଡ଼ା, ଦାନ୍ତବିନ୍ଧା, ହାଡ଼ଭଙ୍ଗା, ପେଟବ୍ୟଥା, ଭେସିକାଲ୍ କାଲକୁଲି, ପ୍ରଦାହ, ଆସ୍ଥମା, ଅର୍ଶରୋଗ, ପୁରୁଷ ଶୁକ୍ରାଣୁ ଦୁର୍ବଳତା, କ୍ଷତ ଉପଚାର, ଶାନ୍ତକାରୀ ଏବଂ ଅନ୍ୟାନ୍ୟ ବିଭିନ୍ନ ରୋଗର ଚିକିତ୍ସାରେ ଉପଯୋଗୀ ଅଟେ। ଆନାଲ୍‌ଜେସିକ୍, ଆଣ୍ଟି-ଇନ୍‌ଫ୍ଲେମାଟୋରୀ, ଆଣ୍ଟି-ଆଥ୍ରାଇଟିକ୍, ଆଣ୍ଟିମାଇକ୍ରୋବାୟଲ୍, ହେପାଟୋପ୍ରୋଟେକ୍ଟିଭ୍, ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିହାଇପର୍‌ୟୁରିସେମିକ୍, ଆନ୍ଥେଲମିଣ୍ଟିକ୍, ସାଇଟୋଟକ୍ସିକ୍, ରେନୋପ୍ରୋଟେକ୍ଟିଭ୍, କାର୍ଡିଓଟୋନିକ୍, ଆନ୍‌ସିଓଲାଇଟିକ୍, ଆଣ୍ଟିକନ୍‌ଭଲସାଣ୍ଟ ଭାବରେ ଏହାର ବହୁଳ ଅବଦାନ ରହିଛି। ପତ୍ର ରସ ଆଷ୍ଟ୍ରିଞ୍ଜେଣ୍ଟ ଓ ଡାଇରିଆର ଚିକିତ୍ସା ପାଇଁ ପିଲାମାନଙ୍କୁ ଦିଆଯାଏ। ହର୍ପିସ୍‌ରେ ପେଟ ଫୁଲିବା ଓ ପରିସ୍ରା ଧରି ରଖିବା ହେତୁ ଫୁଲା ଦୂର କରିବା ପାଇଁ ପତ୍ରର ପଲ୍ଟିସ୍ ବ୍ୟବହାର କରାଯାଏ। ପତ୍ରର କାଢ଼ା ଭେସିକାଲ୍ କାଲକୁଲିକୁ ଦ୍ରବୀଭୂତ କରେ ଏବଂ ମୂତ୍ରବର୍ଦ୍ଧକ ଭାବରେ କାର୍ଯ୍ୟ କରେ। ଫଳ ଦାନ୍ତ ବିନ୍ଧା ଉପଶମ କାରକ। ଉତ୍ତର-ପୂର୍ବ ଏବଂ ପୂର୍ବ-ଭାରତରେ କିଛି ପାରମ୍ପରିକ ରୋଷେଇରେ ଏହାର ସମୃଦ୍ଧ ପୁଷ୍ଟିକର ମୂଲ୍ୟ ଏବଂ ରାନ୍ଧଣା ମସଲା ହେତୁ ପନିପରିବା ଭାବରେ ମଧ୍ୟ ବ୍ୟବହୃତ କରାଯାଏ। ଚୀନର ହାଇନାନ ବାସିନ୍ଦା ପତ୍ରଗୁଡ଼ିକୁ ଗୁଣ୍ଡ କରି ମଇଦାରେ ମିଶାଇ ନୁଡୁଲ୍ ତିଆରି କରି ଖାଆନ୍ତି। ଏହି ଉଦ୍ଭିଦରେ ଇରିଡଏଡ୍ ଗ୍ଲାଇକୋସାଇଡ୍, ଆନ୍ଥ୍ରାକୁଇନୋନ୍, ଫେନୋଲିକ୍ ଡେରିଭେଟିଭ୍ସ, ଟେର୍ପେନୋଇଡ୍ସ, ଫାଇଟୋଷ୍ଟେରୋଲ୍ସ, ଆସ୍ପେରୁଲୋସାଇଡ୍, ପାଏଡେରୋସିଡିକ୍ ଏସିଡ୍, ଫେନୋଲିକ୍ ଯୌଗିକ, ଆଲକାଲଏଡ୍ସ, ଟାନିନ୍ ଏବଂ ଅନ୍ୟାନ୍ୟ ବିବିଧ ସକ୍ରିୟ ଜୈବିକ ରସାୟନ ଗଚ୍ଛିତ ଥାଏ। ପତ୍ରଗୁଡ଼ିକ କ୍ୟାରୋଟିନ୍ ଓ ଭିଟାମିନ୍ ସି ରେ ଭରପୂର। ଏଥିରେ କେତୋ ଆଲକୋହଲ୍, କେତୋ ଯୌଗିକ ଓ ଆଲକାଲଏଡ୍ ମଧ୍ୟ ଅଧିକ ପରିମାଣରେ ଥାଏ।

ବିହନ ଓ ଅଙ୍ଗରୁ ଏହାର ବଂଶବିସ୍ତାର ହୁଏ। ତାଜା ବିହନର ଅଙ୍କୁର ବୃଦ୍ଧି ହାର ଅଧିକ ଥାଏ। ଏହା ଭଲ ଜଳ ନିଷ୍କାସନକାରୀ ମାଟିରେ ବଢ଼ିଥାଏ, ଯାହା ଜୈବିକ ପଦାର୍ଥରେ ଭରପୂର ଥାଏ। ପରୋକ୍ଷ ସୂର୍ଯ୍ୟକିରଣ ସହିତ ଏକ ଉଷ୍ମ, ଖରା ସ୍ଥାନରେ ପାତ୍ର ବା କୁଣ୍ଡଗୁଡ଼ିକୁ ରଖାଯାଏ। ମାଟିକୁ ସ୍ଥିର ଭାବରେ ଓଦା ରଖିବା ଉଚିତ; କିନ୍ତୁ ପାଣି ଜମି ରହିବ ନାହିଁ। ମାଟିର ଉପର ସ୍ତର ଶୁଖିଲା ଅନୁଭବ ହେଲେ ଗଛଗୁଡ଼ିକୁ ପାଣି ଦିଆଯାଏ।


ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦


## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ




ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ମହାନଦୀ ଟ୍ରିବ୍ୟୁନାଲ ଟିମ୍

## ଟ୍ରିବ୍ୟୁନାଲର କ୍ଷେତ୍ର ପରିଦର୍ଶନ ଜଳ ବିବାଦ ସମାଧାନରେ ସହାୟକ ହେବ: ପୀତାମ୍ବର



ପୁରୀ,୧।୩(ସମିସ): ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ମହାନଦୀ ଟ୍ରିବ୍ୟୁନାଲ୍ ଟିମ୍। ରବିବାର ମଧ୍ୟାହ୍ନରେ ଟିମ୍ ଅଧ୍ୟକ୍ଷ ଜଷ୍ଟିସ ବେଲା ଏମ୍. ତ୍ରିବେଦୀ, ଜଷ୍ଟିସ ଡ. ରବି ରଞ୍ଜନ, ସଦସ୍ୟ ଜଷ୍ଟିସ ଇନ୍ଦରମିତ୍ କୌର କୋଚର୍ ସପରିବାର ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଶ୍ରୀମନ୍ଦିର ନିକଟରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂଙ୍କ ସମେତ ସେବାୟତ ଟିମ୍ ସଦସ୍ୟଙ୍କୁ ସ୍ୱାଗତ କରି ମନ୍ଦିର ଭିତରକୁ ପାଛୋଟି ନେଇଥିଲେ।

ଦର୍ଶନ ପରେ ସ୍ଥାନୀୟ ଏକ ହୋଟେଲରେ ଓଡ଼ିଶାର ଆଡ୍‌ଭୋକେଟ୍ ଜେନେରାଲ(ଏଜି) ପୀତାମ୍ବର ଆଚାର୍ଯ୍ୟ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଟିମ୍ ସହିତ ଥିବା ଏଜି ଶ୍ରୀ ଆଚାର୍ଯ୍ୟ କହିଥିଲେ, ଟ୍ରିବ୍ୟୁନାଲ୍‌ର ୫ଦିନିଆ ଓଡ଼ିଶା ଗସ୍ତର ରବିବାର ଥିଲା ଚତୁର୍ଥ ଦିବସ। ଟ୍ରିବ୍ୟୁନାଲର କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଏ ଗସ୍ତ ଗୁରୁତ୍ୱ ବହନ କରୁଛି। ଟେକ୍ନିକାଲ୍ ଟିମ୍ ସେମାନଙ୍କୁ ପାୱାର ପ୍ରେଜେଣ୍ଟେସନ୍ ମାଧ୍ୟମରେ ସମ୍ପୂର୍ଣ୍ଣ ପ୍ରସଙ୍ଗ ଜଣାଇଥିଲେ। ନ୍ୟାୟିକ ବ୍ୟବସ୍ଥାରେ ବାସ୍ତବ ସ୍ଥିତିକୁ ସ୍ୱଚକ୍ଷୁରେ ଦେଖିଲେ ହିଁ ମୂଳ ପ୍ରସଙ୍ଗକୁ ବୁଝି ହେବ। ତେଣୁ, ଉଭୟ ରାଜ୍ୟର ଭୌଗୋଳିକ ସ୍ଥିତିକୁ ବୁଝିବା ଟିମ୍ ଗସ୍ତର ଉଦ୍ଦେଶ୍ୟ ରହିଥିଲା। ଜଳଭଣ୍ଡାର, ୩ଟି ରାମସାର୍ ସାଇଟ୍, ସାତକୋଶିଆ ଗଣ୍ଡ, ହୀରାକୁଦ ପରିଦର୍ଶନ କରିବା ପରେ ସୋମବାର ଚିଲିକା ପରିଦର୍ଶନ କରିବ ଟିମ୍। ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ଅନୁରୋଧ ରହିଥିଲା। ବେଲା ତ୍ରିବେଦୀ ମଧ୍ୟ ତାଙ୍କ କାର୍ଯ୍ୟକାଳରେ ପ୍ରଥମଥର ଓଡ଼ିଶା ଆସି ସ୍ଥିତି ସମୀକ୍ଷା କରିଛନ୍ତି। ୪ ଦିନ ରହଣୀ କାଳରେ ସେ ହୀରାକୁଦ ବନ୍ଧ, ବୁର୍ଲା ପାୱାର ହାଉସ୍, ହୀରାକୁଦ ଡ୍ୟାମ୍ ପ୍ରତ୍ୟକ୍ଷ ନିରୀକ୍ଷଣ କରିଛନ୍ତି। ବୁର୍ଲାରୁ ସମ୍ବଲପୁର ମଧ୍ୟରେ ମହାନଦୀର ସମ୍ପୂର୍ଣ୍ଣ ଡେଲ୍‌ଟା ଏରିଆ ଆକାଶମାର୍ଗରୁ ଦେଖିଛନ୍ତି। ମହାନଦୀ ଯାଇଥିବା ସମ୍ବଲପୁର, ବରଗଡ଼, ସୋନପୁରକୁ ଆକାଶମାର୍ଗରୁ ନିରୀକ୍ଷଣ କରିଛନ୍ତି। ଆଗାମୀ ଦିନରେ ଏହାର ସୁଫଳ ମିଳିବ। ଦେଶରେ ଅଧିକାଂଶ ଜଳବିବାଦ ଅମୀମାଂସିତ ରହିଥିବା ବେଳେ ଏହି ଜଳ ବିବାଦରେ ସମାଧାନ ବାଟ ଦେଖାଯାଉଛି ବୋଲି କହିଛନ୍ତି ଏଜି ଶ୍ରୀ ଆଚାର୍ଯ୍ୟ।

# କଂଗ୍ରେସ ବିଧାୟକଙ୍କ ଉପରେ ଏଆଇସିସିର ତୀକ୍ଷ୍ଣ ନଜର

ଭୁବନେଶ୍ୱର,୧।୩(ସମିସ): ରାଜ୍ୟସଭା ନିର୍ବାଚନ ପାଇଁ ବିଜେଡି ଚତୁର୍ଥ ପ୍ରାର୍ଥୀ ଭାବେ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ସାମ୍ନାକୁ ଆଣିଛି। ଯଦିଓ ଏହା ପୂର୍ବରୁ କଂଗ୍ରେସ ସହିତ ମଧ୍ୟ ଆଲୋଚନା ହୋଇଥିବା ନେଇ ପିସିସି ସଭାପତି କହିଛନ୍ତି, କଂଗ୍ରେସର ଅନ୍ୟ ବିଧାୟକମାନେ ମଧ୍ୟ ଦତ୍ତେଶ୍ୱରଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଜଣାଇଛନ୍ତି। ରବିବାର କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, କଂଗ୍ରେସ ଦଳ ଏଆଇସିସି ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ମାନିବ। ପୂର୍ବରୁ ପିସିସି ସଭାପତି କହିଛନ୍ତି, ଏଆଇସିସି ଯାହାକୁ କହିବ, ଆମେ ସମର୍ଥନ ହେବୁ। ଏଥିପାଇଁ ସୋମବାର ବିଧାୟକ ଦଳ ନେତାଙ୍କ ସରକାରୀ ବାସଭବନରେ ଏକ ବୈଠକ ଡକାଯାଇଛି। ଏହି ବୈଠକରେ କଂଗ୍ରେସ ବିଧାୟକମାନଙ୍କ ସହ ପିସିସି ସଭାପତି ଯୋଗ ଦେବେ ବୋଲି ଜଣାପଡ଼ିଛି। ସେ ଆହୁରି କହିଛନ୍ତି, ପୂର୍ବରୁ ମଧ୍ୟ ଏ ସମ୍ପର୍କରେ ଆଲୋଚନା ହୋଇଥିଲା। ଦଳର ୧୪ ବିଧାୟକ ଓ ସିପିଆଇ(ଏମ୍)ର ଜଣେ ବିଧାୟକ ଏକ୍ ଅଛନ୍ତି। କଂଗ୍ରେସର ସମର୍ଥିତ ପ୍ରାର୍ଥୀଙ୍କୁ ସମସ୍ତେ ଭୋଟ୍ ଦେବେ ବୋଲି ନିଷ୍ପତ୍ତି ହୋଇଛି। ଏଆଇସିସି ଏହା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛି। ବିଧାୟକମାନେ ମଧ୍ୟ ଏହି ନିଷ୍ପତ୍ତି ଆଧାରରେ କାର୍ଯ୍ୟ କରିବେ ବୋଲି ଶ୍ରୀ କାଡାମ କହିଛନ୍ତି।

**■ ଆଜି ବିଧାୟକ ଦଳ ନେତାଙ୍କ ବାସଭବନରେ ବୈଠକ**
**■ ଦତ୍ତେଶ୍ୱରଙ୍କ ସପକ୍ଷରେ ଯିବ ସିପିଆଇ(ଏମ୍)!**

ଏହାବ୍ୟତୀତ ଶନିବାର ସିପିଆଇ(ଏମ୍) ମଧ୍ୟ ନିଜର ପ୍ରେସବିବୃତ୍ତି ମାଧ୍ୟମରେ ଏକପ୍ରକାର ଦତ୍ତେଶ୍ୱରଙ୍କ ପ୍ରାର୍ଥିତ୍ୱ ସପକ୍ଷରେ ସକରାତ୍ମକ ମତ ଦେଇଛି। ଦଳ ପକ୍ଷରୁ କୁହାଯାଇଛି, ସମ୍ପ୍ରତି ଓଡ଼ିଶାର ରାଜ୍ୟସଭା ନିର୍ବାଚନରେ ଗୁରୁତ୍ୱପୂର୍ଣ୍ଣ ଚତୁର୍ଥ ଆସନ ପାଇଁ ସମ୍ବିଧାନ, ଗଣତନ୍ତ୍ର ଏବଂ ଧର୍ମନିରପେକ୍ଷତା ପ୍ରତି ଅଙ୍ଗୀକାରବଦ୍ଧ ଥିବା ଜଣେ ଖ୍ୟାତନାମା ସ୍ୱାଧୀନ ପ୍ରାର୍ଥୀଙ୍କୁ ଚୟନ କରିବା ଏବଂ ସମର୍ଥନ ଦେବା ପାଇଁ ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ଆହ୍ୱାନ ଦେଇଛି। ଏଥିପାଇଁ ବିଜେପି ବିରୋଧରେ ସିପିଆଇ(ଏମ୍), କଂଗ୍ରେସ ଓ ବିଜେଡି ସମର୍ଥନରେ ସହମତିପୂର୍ଣ୍ଣ ଉପଯୁକ୍ତ ସ୍ୱାଧୀନ ପ୍ରାର୍ଥୀ ଚୟନ ପାଇଁ ଦଳ ଯଥାର୍ଥ ଭୂମିକା ପାଳନ କରିବ ବୋଲି କୁହାଯାଇଛି। କଂଗ୍ରେସ ଏବଂ ବିଜେଡି ଏହି ଲକ୍ଷ୍ୟରେ ଆଗେଇ ଆସିବା ଦଳ କହିଥିବା ବେଳେ କୌଣସି ପରିସ୍ଥିତିରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ବିଜେପିର ସମର୍ଥନ ରହିଥିବା ପ୍ରାର୍ଥୀଙ୍କୁ ସିପିଆଇ(ଏମ୍) ସମର୍ଥନ କରିବ ନାହିଁ ବୋଲି ଦଳ କହିଛି।

# ଓଡ଼ିଆ ଭାଷାକୁ ସରକାରୀ ଉପେକ୍ଷା

## ଟିଜିଟି ନିଯୁକ୍ତିରେ ସ୍ୱତନ୍ତ୍ର ଓଡ଼ିଆ ପଦ ନ ଆସିବା ଆଶଙ୍କା

ଭୁବନେଶ୍ୱର, ୧।୩(ସମିସ): ଓଡ଼ିଶାର ଉଚ୍ଚ ବିଦ୍ୟାଳୟରେ ଓଡ଼ିଆ ପଢ଼ାଇବା ପାଇଁ ଶିକ୍ଷକ ନାହାନ୍ତି। ପ୍ରତି ହାଇସ୍କୁଲ୍‌ରେ ଓଡ଼ିଆ ଶିକ୍ଷକ ନିଯୁକ୍ତି ଦେବା ପାଇଁ ସରକାର ଘୋଷଣା କରିଥିଲେ। ମାତ୍ର ରାଜ୍ୟରେ ସରକାର ବଦଳିବା ପରେ ଓଡ଼ିଆ ଶିକ୍ଷକ ନିଯୁକ୍ତିକୁ ଗୁରୁତ୍ୱ ଦିଆଯାଉନାହିଁ। ଲିଭ୍ ଟ୍ରେନିଂ ରିଜର୍ଭ (ଏଲ୍‌ଟିଆର୍) ନିଯୁକ୍ତି ବେଳେ କଳା ଶିକ୍ଷକ ପଦରୁ ୨୫ ପ୍ରତିଶତ ଓଡ଼ିଆ ଶିକ୍ଷକ ନିଯୁକ୍ତି ଦିଆଯାଇଥିଲେ ମଧ୍ୟ ଆଗକୁ ହେବାକୁ ଥିବା ଏସ୍‌ଏସ୍‌ବି ଟିଜିଟି ଶିକ୍ଷକ ମଧ୍ୟରେ ଓଡ଼ିଆ ଶିକ୍ଷକ ପଦ ନାହିଁ। ଓଡ଼ିଆ ଅସ୍ମିତା ଦ୍ୱାହି ଦେଇ ସରକାରକୁ ଆସିବା ପରେ ମେଧାବୀ ଓଡ଼ିଆ ଛାତ୍ରଛାତ୍ରୀଙ୍କ ପ୍ରତି ଏହା ବିଶ୍ୱାସଘାତକତା ବୋଲି ଅଭିଯୋଗ ହୋଇଛି।

ସୂଚନାଅନୁଯାୟୀ, ଏସ୍‌ଏସ୍‌ବି ପକ୍ଷରୁ ଉଚ୍ଚ ବିଦ୍ୟାଳୟରେ ଟିଜିଟି ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ମାର୍ଚ୍ଚ ଶେଷ ବା ଏପ୍ରିଲ ପ୍ରଥମ ସପ୍ତାହରେ ବିଜ୍ଞପ୍ତି ପ୍ରକାଶ କରିବାକୁ ପ୍ରସ୍ତୁତି ଜାରି ରହିଛି। ନିଯୁକ୍ତି ପାଇଁ ସରକାର ଯେଉଁ ରିକ୍ୟୁଜିସନ୍ ଦେଇଛନ୍ତି, ତହିଁରେ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ପଦ ନ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିବା ପରେ ଆଶାୟୀମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ସେମାନଙ୍କ କହିବା କଥା, ସମସ୍ତ ରାଜ୍ୟରେ ସେମାନଙ୍କ ମାତୃଭାଷା ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ପଶ୍ଚିମବଙ୍ଗରେ ବଙ୍ଗଳା ଓ ଆସାମରେ ଆସାମୀ ସମେତ ବହୁ ରାଜ୍ୟରେ ଭାଷା ଶିକ୍ଷକ ନିଯୁକ୍ତି ପାଇଛନ୍ତି। ମାତ୍ର, ୨୦୧୪ ମସିହାରୁ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଥିଲେ ମଧ୍ୟ ବିଦ୍ୟାଳୟରେ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତ କରିବାକୁ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି।

ସମସ୍ତ ଉଚ୍ଚ ବିଦ୍ୟାଳୟରେ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତି ଦେବା ପାଇଁ ପୂର୍ବ ସରକାର ଘୋଷଣା କରିଥିଲେ।

**ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସରେ ଆନ୍ଦୋଳନକୁ ଓହ୍ଲାଇବେ ଆଶାୟୀ**

ମାତ୍ର ଓଡ଼ିଆ ଅସ୍ମିତା କଥା କହି ରାଜ୍ୟରେ ଶାସନକୁ ଆସିବା ପରେ ଓଡ଼ିଆ ଭାଷା ପ୍ରତି କର୍ତ୍ତବ୍ୟକୁ ସରକାର ଭୁଲି ଯାଇଛନ୍ତି। ପୂର୍ବ ସରକାର ସମୟରେ ଆରମ୍ଭ ହୋଇଥିବା ଏଲ୍‌ଟିଆର୍ ଶିକ୍ଷକ ନିଯୁକ୍ତିରେ କଳା ଶିକ୍ଷକ ପଦରୁ ୨୫ ପ୍ରତିଶତ ପଦ ଓଡ଼ିଆ ପାଇଁ ସଂରକ୍ଷିତ କରାଯାଇଥିଲା। ଫଳରେ ଆଗକୁ ମଧ୍ୟ ଓଡ଼ିଆ ଶିକ୍ଷକ ପଦରେ ନିଯୁକ୍ତି ଦିଆଯିବ ବୋଲି ଆଶାୟୀମାନେ ଆଶା ବାନ୍ଧିଥିଲେ। ଭାଷାବିତ୍‌ମାନେ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରି ଓଡ଼ିଆ ଭାଷାର ସଂରକ୍ଷଣ ହେବା ସହ ଉପଯୁକ୍ତ ଶିକ୍ଷା ପାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ମାତ୍ର ସରକାର ସମସ୍ତ ବିଷୟକୁ ଅଣଦେଖା କରି ଓଡ଼ିଆ ଛାତ୍ରଛାତ୍ରୀ ଓ ଓଡ଼ିଆ ଭାଷା ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବା ଶିକ୍ଷକ ଆଶାୟୀମାନେ ଅଭିଯୋଗ କରିଛନ୍ତି। ଟିଜିଟିରେ ସ୍ୱତନ୍ତ୍ର ଓଡ଼ିଆ ପଦ ବାହାରୁ ନଥିବା ଜାଣିବା ପରେ ଆଶାୟୀମାନେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଦାଖଲ କରିଛନ୍ତି। ଏହି ବିଷୟରେ ଗଣଶିକ୍ଷା ମନ୍ତ୍ରୀଙ୍କୁ ଅବଗତ କରିବା ସମୟରେ ମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ଆଶାୟୀମାନେ ଖପ୍ପା ହୋଇଛନ୍ତି। 'ଓଡ଼ିଆ କହିଲେ ଅଆଇ..., ଓଡ଼ିଆ ପଢ଼ିଲେ ଓ ପଢ଼ାଇଲେ କଣ ହେବ' ପରି ମନ୍ତବ୍ୟ ଦେଇଥିବା ଜଣେ ଅଭିଯୋଗକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଅପରପକ୍ଷରେ ସରକାର ଯାହା ନିର୍ଦ୍ଦେଶ ଦେବେ ତାକୁ ପାଳନ କରାଯିବ ବୋଲି ସଚିବ କହୁଥିବାରୁ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ପଦ ନ ବାହାରିବା ଏକ ପ୍ରକାର ସ୍ପଷ୍ଟ ହେଉଛି। ଏଣୁ ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ ଅର୍ଥାତ୍ ମାର୍ଚ୍ଚ ୧୧ ତାରିଖ ଦିନ ବହୁ ସଂଖ୍ୟାରେ ଓଡ଼ିଆ ଛାତ୍ରଛାତ୍ରୀ ଆନ୍ଦୋଳନକୁ ଓହ୍ଲାଇବେ ଏବଂ ସେମାନଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅହୋରାତ୍ର ଧାରଣା ଦେବେ ବୋଲି ସୂଚନା ଦେଇଛନ୍ତି।

# ଯୁଦ୍ଧ ଘନଘଟା | ମଧ୍ୟପ୍ରାଚ୍ୟରେ ଫସିଛନ୍ତି ଓଡ଼ିଆ

ଭୁବନେଶ୍ୱର,୧।୩(ସମିସ): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଘନଘଟା ଭିତରେ ଓଡ଼ିଆମାନଙ୍କ ସୁରକ୍ଷା ପ୍ରତି ଚିନ୍ତା ବଢ଼ିଛି। ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶରେ ଲକ୍ଷାଧିକ ଓଡ଼ିଆ ରହୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଦୁବାଇ, ୟୁଏଇ ଆଦିରେ ରହୁଥିବା ଇରାନରେ ମଧ୍ୟ ବହୁ ଓଡ଼ିଆ ରହୁଛନ୍ତି। ତେବେ ସେଠାରେ ଯୁଦ୍ଧ ସ୍ଥିତି ଯୋଗୁଁ ସେମାନଙ୍କ ଜୀବନ ଏବେ ବିପଦରେ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପଟେ ଦୁବାଇରେ ଏକାଧିକ ମିସାଇଲ୍ ପଡୁଥିବା ବେଳେ ଅନେକ ଓଡ଼ିଆ ସୋସିଆଲ୍ ମିଡିଆ ମାଧ୍ୟମରେ ପୋଷ୍ଟ କରି ନିଜର ସମସ୍ୟା ସମ୍ପର୍କରେ ସୂଚନା ଦେଉଛନ୍ତି। ଏବେ ଅଧିକାଂଶ ବିମାନ ସେବା ମଧ୍ୟପ୍ରାଚ୍ୟକୁ ବନ୍ଦ ହୋଇଯାଇଥିବା ବେଳେ ଇଣ୍ଟରନେଟ ସେବା ମଧ୍ୟ ପ୍ରଭାବିତ ହେଉଥିବା ଓଡ଼ିଆମାନେ ସୂଚନା ଦେଉଛନ୍ତି।

**କେନ୍ଦ୍ର ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା**

ତେବେ ସେଠାରେ ଯେଉଁ ଓଡ଼ିଆମାନେ ରହିଛନ୍ତି, ସେମାନଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ଉପରେ ସରକାର ଗୁରୁତ୍ୱ ଦେଉଥିବା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାର ମାର୍ଗଦର୍ଶିକା ଜାରି କରିଛନ୍ତି। ଭାରତୀୟମାନଙ୍କ ମୁକାବିଲା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମଧ୍ୟ ଉଦ୍ୟମ ଆରମ୍ଭ କରିଦେଇଛି। ଯେମିତି କୌଣସି ଭାରତୀୟ ଅସୁବିଧାରେ ନ ପଡ଼ିବେ, ସେଥିପାଇଁ ଗୁରୁତ୍ୱ ଦିଆଯାଉଛି। ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ସେଠାରେ ଯେଉଁ ଓଡ଼ିଆ ଲୋକମାନେ ଫସିଛନ୍ତି, ସେମାନଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ କେନ୍ଦ୍ର ସରକାରଙ୍କ ସହିତ ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀ କେନ୍ଦ୍ର ସହିତ ଆଲୋଚନା କରି ବିଦେଶରେ ରହିଯାଇଥିବା ଓଡ଼ିଆମାନଙ୍କର ଯେପରି କୌଣସି ସମସ୍ୟା ନ ହେବ, ତାକୁ ଦୃଷ୍ଟି ଦିଆଯାଉଛି। ପୂର୍ବରୁ ମଧ୍ୟ ବିପର୍ଯ୍ୟୟ ସମୟରେ ଭାରତୀୟମାନଙ୍କୁ ସୁରକ୍ଷିତ ଭାବେ ଫେରାଇ ଅଣାଯାଇଥିଲା। ଏବେ ମଧ୍ୟ ସେପରି ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଥିବା ମନ୍ତ୍ରୀ କହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରକ୍ତମୁଖା ଇରାନ...

ସମେତ ଇସ୍ରାଏଲ ଉପରେ ଭୟଙ୍କର କ୍ଷେପଣାସ୍ତ୍ର ମାଡ଼ ଜାରି ରଖିଛି। ଅନ୍ୟପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ପାଲଟା ଧମକ ଦେଇ କହିଛନ୍ତି, ଇରାନ ଯଦି ପ୍ରତି ଆକ୍ରମଣ କରେ ତେବେ ସ୍ୱପ୍ନରେ ଭାବି ନ ଥିବା ଭଳି ସ୍ଥିତି ସୃଷ୍ଟି କରିବୁ। ଏହାସତ୍ତ୍ୱେ ଆକ୍ରମଣ ଥମି ନାହିଁ। ରବିବାର ମଧ୍ୟ ପରସ୍ପର ଉପରେ ଆକ୍ରମଣ ଜାରି ରଖିଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ଇରାନରେ ୧୨୦୦ ବୋମା ମାଡ଼ ହୋଇଥିବା ବେଳେ ଇସ୍ରାଏଲ ଏବଂ ମଧ୍ୟପ୍ରାଚ୍ୟରେ ଇରାନ କ୍ଷେପଣାସ୍ତ୍ର ବର୍ଷା କରି ଧ୍ୱଂସଲୀଳା ଚଳାଇଛି। ପରିବହନ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ହରମୁଜରେ ବିଦେଶୀ ଜାହାଜ ଉପରେ ମଧ୍ୟ ଇରାନ ଆକ୍ରମଣ କରିଥିବା ଖବର ମିଳିଛି।

ଇରାନର ଏହି ନିଆଁ ଆଖପାଖର ଦେଶକୁ ବ୍ୟାପି ସମ୍ପୂର୍ଣ୍ଣ ଅଞ୍ଚଳକୁ କବଳିତ କରିବାରେ ଲାଗିଛି। ଦୁଇ ଦେଶର ମିଳିତ ଆକ୍ରମଣରେ ବିଚଳିତ ହୋଇଯାଇଥିବା ଇରାନ ରାଗରେ ରକ୍ତ ଚାଉଳ ଚୋବାଉଛି। ସବୁଠାରୁ ବିପଜ୍ଜନକ ଅଭିଯାନ ଆରମ୍ଭ କରିବାକୁ ଯାଉଛି ଇରାନ ପକ୍ଷରୁ କୁହାଯାଇଛି। ମଧ୍ୟପ୍ରାଚ୍ୟର ଅନେକ ଦେଶ ଉପରେ ଇରାନ ଆକ୍ରମଣ କରିଛି। ସାଉଦି ଆରବ, ୟୁଏଇ,କାତାର, କୁଏତ, ବାହାରିନରେ ଆଦି ଦେଶରେ ଥିବା ଆମେରିକା ଘାଟୀରେ ରବିବାର ପୁଣି ଆକ୍ରମଣ କରିଛି। ଇସ୍ରାଏଲ ବିଭିନ୍ନ ସହରକୁ କ୍ଷେପଣାସ୍ତ୍ର ମାଡ଼ କରିଛି। ଏଥିରେ ବେତ ସମେସ ସହର ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଇସ୍ରାଏଲରେ ୧୦ ଜଣ ପ୍ରାଣ ହରାଇଛନ୍ତି।

ଅନ୍ୟପଟେ ଇରାନରେ ମୃତ୍ୟୁସଂଖ୍ୟା ୨୦୦ ପାର କରିଛି। ୭୪୦ରୁ ଅଧିକ ଲୋକ ମଧ୍ୟ ଆହତ ହୋଇଛନ୍ତି। ସ୍କୁଲରେ ହୋଇଥିବା କ୍ଷେପଣାସ୍ତ୍ର ମାଡ଼ ଜନିତ ମୃତ୍ୟୁସଂଖ୍ୟା ୧୪୮କୁ ବୃଦ୍ଧି ପାଇଥିବାବେଳେ ୪୫ ଜଣ ଆହତ ହୋଇଛନ୍ତି। ସେଠାରେ ସ୍କୁଲ ଥିବା ଜାଣି ନ ଥିଲୁ ବୋଲି ଇସ୍ରାଏଲ ପକ୍ଷରୁ କୁହାଯାଇଛି। ଏହା ମଧ୍ୟରେ ପୋପ ଲିୟୋ ସ୍ଥିତି ଉପରେ ଚିନ୍ତା ପ୍ରକଟ କରି ଶାନ୍ତି ନିବେଦନ କରିଛନ୍ତି। ସେ କହିଛନ୍ତି ଯେ ସ୍ଥିତି ବିପଜ୍ଜନକ ଦିଗକୁ ଯାଉଛି। ଏହି ହିଂସାକୁ ତୁରନ୍ତ ବନ୍ଦ କରାଯିବା ଉଚିତ। ଏହାକୁ ରୋକା ନ ଗଲେ ସ୍ଥିତି ଅଧିକ ବିପଜ୍ଜନକ ହୋଇଯିବ। ଆଲୋଚନାରେ ବିବାଦର ସମାଧାନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସେହିପରି ଇରାନ ସ୍ଥିତି ଦିନକୁ ଦିନ ବିପଜ୍ଜନକ ହେବାରେ ଲାଗିଛି। ଆମେରିକା ଏବଂ ଇସ୍ରାଏଲ ଆକ୍ରମଣ ପରେ ଏହି ସିଆ ରାଷ୍ଟ୍ର ଅନ୍ୟ ମୁସଲିମ ଦେଶଗୁଡିକ ଉପରେ ଆକ୍ରମଣ କରିଥିଲା। ଏଥିପାଇଁ ମୁସଲିମ ରାଷ୍ଟ୍ରଗୁଡ଼ିକ ମଧ୍ୟ ଇରାନର ବିରୋଧୀ ହୋଇଯାଇଛନ୍ତି। ଇରାନ ପ୍ରାୟ ଏକ ଘରିକିଆ ହୋଇଯାଇଛି। ସାଉଦି ଆରବ, ୟୁଏଇ ଆଦି ରାଷ୍ଟ୍ର ଇରାନକୁ ଧମକ ଦେଇଛନ୍ତି। ଇରାନରେ ଜୋରଦାର ଆକ୍ରମଣ କରିବା ପାଇଁ ସାଉଦି ରାଜକୁମାର ଆମେରିକାକୁ କହିଛନ୍ତି। ସେହିପରି ନିଜ ସୀମା ଭିତରେ ରହିବା ପାଇଁ ଇରାନକୁ କୁଏତ ଧମକ ଦେଇଛି।

ଗତକାଲି ଖାମନେଇଙ୍କ ଅଫିସରେ ଆମେରିକା ଓ ଇସ୍ରାଏଲ ପକ୍ଷରୁ ୩୦ଟି କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା। ଏହି ଆକ୍ରମଣରେ ଖାମନେଇଙ୍କ ଏହି ଆକ୍ରମଣ ସମୟରେ କମାଣ୍ଡରଙ୍କ ସହ ଖାମନେଇ ବୈଠକ କରୁଥିଲେ। ଗୁଇନ୍ଦା ଏବଂ ସାଇବର ସୁରକ୍ଷା ପାଇଁ ପ୍ରସିଦ୍ଧି ହାସଲ କରିଥିବା ଇରାନ ଏହି ଆକ୍ରମଣ ବିଷୟରେ କୌଣସି ସୂଚନା ପାଇପାରି ନ ଥିଲା।

ଶନିବାର ବିଳମ୍ବିତ ରାତିରେ ଖାମନେଇ ପ୍ରାଣ ହରାଇଥିବା ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଦାବି କରିଥିଲେ। ଏହାର କିଛି ସମୟରେ ରାଷ୍ଟ୍ରପତି ଟ୍ରମ୍ପ ମଧ୍ୟ ସମାନ ସୂଚନା ଦେଇଥିଲେ। ମାତ୍ର ରବିବାର ସକାଳେ ଇରାନ ସରକାରୀ ଗଣମାଧ୍ୟମ ଖାମନେଇଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ କରିଥିଲା। ଖାମନେଇଙ୍କ ମୃତ୍ୟୁକୁ ନେଇ ଇରାନରେ ୪୦ ଦିନିଆ ରାଷ୍ଟ୍ରୀୟ ଶୋକ ଏବଂ ୭ ଦିନ ଛୁଟି ଘୋଷଣା କରାଯାଇଛି। ଦେଶ ଜଣେ ମହାନ ନେତାଙ୍କୁ ହରାଇଲା ବୋଲି ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କ୍ରପ୍ସ (ଆଇଆରଜିସି) କହିଛି।

## ଯୁଦ୍ଧ ଜାଲରେ...

ଆମେରିକାର ସମସ୍ତ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିବାକୁ ଇରାନ ଚେତାବନୀ ଦେଇଛି। ଆକାଶମାର୍ଗରେ ଡ୍ରୋନ ଓ ମିସାଇଲକୁ ପ୍ରତିହତ କରାଯାଉଥିବା ବେଳେ ଏହାର ଭଗ୍ନାବଶେଷ ପଡ଼ି ଦୁବାଇରେ ଦୁଇଜଣ ବ୍ୟକ୍ତି ଆହତ ହୋଇଛନ୍ତି। ଜେବେଲ ଅଲି ବନ୍ଦରରେ ପ୍ରବଳ ନିଆଁ ଲାଗିବା ସହ କଳା ଧୂଆଁ ବାହାରୁଥିବା ଦେଖାଯାଇଛି। ଦୋହାରେ ମଧ୍ୟ ଏକ ଶିଳ୍ପାଞ୍ଚଳରେ ମିସାଇଲର ଭଗ୍ନାବଶେଷ ପଡ଼ି ସାମାନ୍ୟ ଅଗ୍ନିକାଣ୍ଡ ଘଟିଛି। ତେବେ ସେଠାରେ କୌଣସି ମୃତାହତର ଖବର ମିଳିନାହିଁ। ସମଗ୍ର ଅଞ୍ଚଳରେ ବର୍ତ୍ତମାନ ଯୁଦ୍ଧ କାଳୀନ ପରିସ୍ଥିତି ସୃଷ୍ଟି ହୋଇଛି। ବିଭିନ୍ନ ଦେଶର ସୁରକ୍ଷା ବଳକୁ ଆଲର୍ଟରେ ରଖାଯାଇଛି ଏବଂ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି।

## ଭାରତକୁ ତେଲ...

ପ୍ରଭାବରେ ପେଟ୍ରୋଲ ଏବଂ ଡିଜେଲ ଲିଟର ପିଛା ୧୨ ଟଙ୍କା ମହଙ୍ଗା ହେବ। ଆହୁରିମଧ୍ୟ ଯୁଦ୍ଧ ବଢ଼ିଲେ ଭାରତରେ ରନ୍ଧନ ଗ୍ୟାସ୍‌କୁ ନେଇ ବଡ଼ ସମସ୍ୟା ଦେଖାଦେଇପାରେ। କାରଣ ଇରାନର ପଡ଼ୋଶୀ କତାର ହେଉଛି ଭାରତର ସର୍ବବୃହତ ଗ୍ୟାସ୍ ଯୋଗାଣକାରୀ। ଭାରତର ୪୦% ଗ୍ୟାସ୍ କତାରରୁ ଆସିଥାଏ। କାତାରର ସମସ୍ତ ଗ୍ୟାସ୍ ହର୍ମୁଜ୍ ପ୍ରଣାଳୀ ଦେଇ ଗତି କରେ, ଯାହାକୁ ଇରାନ ଅବରୋଧ କରିଛି। ଏଭଳି ସ୍ଥିତିରେ ଭାରତକୁ ଗ୍ୟାସ୍ ଯୋଗାଣ ପ୍ରଭାବିତ ହେବା ସୁନିଶ୍ଚିତ।

ଇରାନ୍‌ର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମିନେଇଙ୍କ ମୃତ୍ୟୁ ପରେ ଇରାନ ସାମରିକ ବାହିନୀ ପ୍ରତିଶୋଧ ପାଇଁ ଅନେକ ବିକଳ୍ପ ବିଚାର କରୁଛି। ଏଥିରେ ଆମେରିକୀୟ ସାମରିକ ଘାଟିକୁ ଟାର୍ଗେଟ କରିବା ଏବଂ ଇସ୍ରାଏଲୀ ଅଞ୍ଚଳ ଉପରେ ଆକ୍ରମଣ କରିବା ଅନ୍ତର୍ଭୁକ୍ତ। ତଥାପି, ଇରାନର ସର୍ବବୃହତ ଭୂ-ରାଜନୈତିକ ଅସ୍ତ୍ର ହେଉଛି ହରମୁଜ୍ ପ୍ରଣାଳୀ ବନ୍ଦ କରିବା। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ଇରାନ ଏହି ମାର୍ଗକୁ ଅବରୋଧ କରେ, ତେବେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ଯୋଗାଣ ହ୍ରାସ ପାଇବ ଏବଂ ମୂଲ୍ୟ ପ୍ରତି ବ୍ୟାରେଲ ୧୨୦ ଡଲାରରେ ପହଞ୍ଚିପାରେ। ବର୍ତ୍ତମାନ, ବ୍ରେଣ୍ଟ ଅଶୋଧିତ ତୈଳ ବ୍ୟାରେଲ ପିଛା ୭୧ ଡଲାର ଉପରେ ରହିଛି। ଯୁଦ୍ଧ ପ୍ରଭାବରେ କେବଳ ଆଜି ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ପାଖାପାଖି ୩ ଡଲାର ବୃଦ୍ଧି ପାଇଛି।

ଅପରପକ୍ଷେ ସାଉଦି ଆରବର ପୂର୍ବ-ପଶ୍ଚିମ ପାଇପଲାଇନ୍ ହେଉଛି, ହରମୁଜ୍ ପ୍ରଣାଳୀର ଆଉ ଏକ ବିକଳ୍ପ। ଏହି ୭୪୬ ମାଇଲ୍‌ର ପାଇପଲାଇନ୍ ଦେଶର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱ (ଲାଲ ସାଗର ଟର୍ମିନାଲ) ପର୍ଯ୍ୟନ୍ତ ଯାଇଛି। ଏହା ଦୈନିକ ୫ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ପରିବହନ କରିପାରିବ। ଭାରତ ଏବଂ ଅନ୍ୟାନ୍ୟ ଏସୀୟ ଦେଶଗୁଡ଼ିକ ବର୍ତ୍ତମାନ ପରିସ୍ଥିତିରେ ଏପରି ବିକଳ୍ପ ପଥ ଏବଂ ନିରାପଦ ଭଣ୍ଡାର ଉପରେ ନଜର ରଖିଛନ୍ତି।

ଭାରତ ମଧ୍ୟ ଏହି ସ୍ଥିତିରେ ଅନ୍ୟ ଦେଶଗୁଡ଼ିକରୁ ତୈଳ ଆମଦାନୀବୃଦ୍ଧି ଉପରେ ବିଚାର କରୁଛି। ଭାରତ ସରକାରେ ସମ୍ପ୍ରତି ଏହି ସମ୍ଭାବ୍ୟ ସଙ୍କଟର ମୁକାବିଲା କରିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ସୂତ୍ର ଅନୁଯାୟୀ, ଭାରତ ଉପସାଗରୀୟ ଦେଶଗୁଡ଼ିକ ବାହାରେ ଯୋଗାଣକାରୀଙ୍କଠାରୁ ତୈଳ କ୍ରୟ ବୃଦ୍ଧି କରୁଛି। ଏହା ବ୍ୟତୀତ, ଆବଶ୍ୟକ ହେଲେ, ଭାରତ ଏହାର ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭ (ଏସ୍‌ପିଆର୍) ରୁ ମଧ୍ୟ ତେଲ ଆଣିପାରିବ।

ଏହାବାଦ୍ ଇରାନ ସଙ୍କଟ ଭାରତ, ଚୀନ୍, ପାକିସ୍ତାନ, କୋରିଆ ଏବଂ ତାଇୱାନ ସମେତ ଅନେକ ଦେଶ ପାଇଁ ଗ୍ୟାସ୍ ସଙ୍କଟ ସୃଷ୍ଟି କରିବାର ସମ୍ଭାବନା ରହିଛି। ବିଶ୍ୱର ୨୦% ଏଲଏନଜି ଯୋଗାଣ ଉପସାଗର ଦେଇ ଆସେ। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ବିଶେଷଜ୍ଞମାନେ କହିଛନ୍ତି ଯେ ଉପସାଗରରେ ଯେକୌଣସି କାର୍ଯ୍ୟକଳାପ ଗ୍ୟାସ୍ ଯୋଗାଣକୁ ବାଧା ଦେଇପାରେ। ଚାରି ବର୍ଷ ପୂର୍ବେ, ୟୁକ୍ରେନ ଉପରେ ରୁଷର ଆକ୍ରମଣ ପରେ ଅନ୍ତର୍ଜାତୀୟ ଗ୍ୟାସ୍ ବାଣିଜ୍ୟ ଗୁରୁତର ଭାବରେ ବାଧାପ୍ରାପ୍ତ ହୋଇଥିଲା। ରୁଷ ହେଉଛି ବିଶ୍ୱର ସର୍ବବୃହତ ଗ୍ୟାସ୍ ଯୋଗାଣକାରୀ। ସେହି ସମୟରେ, ୟୁରୋପରେ ଗ୍ୟାସ୍ ମୂଲ୍ୟ ଆକାଶଛୁଆଁ ହୋଇଥିଲା, କାରଣ ଏହା ରୁଷର ସର୍ବବୃହତ ରପ୍ତାନି ବଜାର ଥିଲା। ହେଲେ ବର୍ତ୍ତମାନ ସମୟରେ ଏସୀୟ ଦେଶଗୁଡ଼ିକ ସବୁଠାରୁ ଅଧିକ ବିପଦରେ ଅଛନ୍ତି। ଗତ ବର୍ଷ, ଏସୀୟ ଦେଶଗୁଡ଼ିକ କତାରର ପ୍ରାୟ ୨୦% ଗ୍ୟାସ୍ ବିକ୍ରି କରିଥିଲେ। ହରମୁଜ୍ ପ୍ରଣାଳୀ ବନ୍ଦ କରିବା ଦ୍ୱାରା ଇରାନ୍‌କୁ ମଧ୍ୟ ବିଶ୍ୱ ଅର୍ଥନୀତି ଉପରେ ଚାପ ପକାଇବାରେ ସାହାଯ୍ୟ କରିବ। ତଥାପି, ହରମୁଜ୍ ପ୍ରଣାଳୀ ବନ୍ଦ କରିବା ଦ୍ୱାରା ଇରାନର ନିଜସ୍ୱ ଅର୍ଥନୀତି ମଧ୍ୟ ନଷ୍ଟ ହୋଇପାରେ, କାରଣ ଏହା ନିଜସ୍ୱ ତୈଳ ରପ୍ତାନି କରିପାରିବ ନାହିଁ। ଏହା ସହିତ, ଚୀନ୍ ହେଉଛି ଇରାନୀ ତୈଳର ସବୁଠାରୁ ବଡ଼ କ୍ରେତା। ଯଦି ଯୋଗାଣ ବାଧାପ୍ରାପ୍ତ ହୁଏ, ତେବେ ଚୀନ୍ ସହିତ ଇରାନ୍‌ର ସମ୍ପର୍କ ମଧ୍ୟ ଖରାପ ହୋଇପାରେ।

# ■ ଲୋଧଣୀ ଗ୍ରାମରେ ସଶସ୍ତ୍ର ଡକାୟତି

# ମା'ଝିଅଙ୍କୁ ହାଣି ଲୁଟିଲେ

ପରଜଙ୍ଗ,୧।୩(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଲୋଧଣୀ ଗ୍ରାମରେ ସଶସ୍ତ୍ର ଡକାୟତି। ଶନିବାର ବିଳମ୍ବିତ ରାତିରେ ଦୁଇ ଡକାୟତ ଜଣେ ବ୍ୟକ୍ତିଙ୍କ ଘରେ ପଶି କେହି କିଛି ବୁଝିବା ପୂର୍ବରୁ ଜଣେ ମହିଳା ଓ ତାଙ୍କ ଝିଅଙ୍କୁ ଠେଙ୍ଗାରେ ପିଟିବା ସହ ଖଣ୍ଡାରେ ହାଣି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ଲୋଧଣୀ ଗ୍ରାମର ପ୍ରସନ୍ନ ସାହୁଙ୍କ ପରିବାର ଲୋକେ ଖାଇ ପିଇ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଦୁଇ ଡକାୟତ ତାଙ୍କ ଘରେ ପଶିଥିଲେ। ଏହି ସମୟରେ ପ୍ରସନ୍ନ ଉଠି ପଡ଼ିବାରୁ ଦୁର୍ବୃତ୍ତ ଦ୍ୱୟ ତାଙ୍କୁ ଏକ କୋଠରିରେ ପୂରାଇ ତାଲା ପକାଇ ଦେଇଥିଲେ। ପରେ ତାଙ୍କ ସ୍ତ୍ରୀ ମାଣିକ ଏବଂ ଝିଅ ଈଶ୍ୱରୀଙ୍କୁ ମାଡ଼ ମାରିବା ସହ ଖଣ୍ଡାରେ ଆକ୍ରମଣ କରିଥିଲେ। ଘରେ ଥିବା ସମସ୍ତ ସୁନା ଅଳଙ୍କାର ଏବଂ ଟଙ୍କା ଧରି ଚମ୍ପଟ ମାରିଥିଲେ। ଗୁରୁତର ଅବସ୍ଥାରେ ମାଣିକ ଓ ଈଶ୍ୱରୀଙ୍କୁ ପ୍ରଥମେ ପରଜଙ୍ଗ ଏବଂ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଦୁହିଁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।


**ଅଧ୍ୟାପକ ଓ ଗୁରୁଜୀ ଗୁରୁମା ଆବଶ୍ୟକ**

ବାଣୀପୀଠ ଦ୍ୱାରା ପରିଚାଳିତ (ଆବାସିକ) ବିବେକାନନ୍ଦ ହାୟାର ସେକେଣ୍ଡାରୀ ସ୍କୁଲ ଏବଂ ଓଡ଼ିଆ, ଇଂରାଜୀ ମାଧ୍ୟମ ବିଦ୍ୟାଳୟ ତରଫରୁ ନିମ୍ନଲିଖିତ ପଦବୀ ପାଇଁ ଇଚ୍ଛୁକ ପ୍ରାର୍ଥୀ / ପ୍ରାର୍ଥିନୀଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଉକ୍ତ ପଦବୀ ପାଇଁ ଆସନ୍ତା ତା ୦୮ / ୦୩ / ୨୦୨୬ ରିଖ ରବିବାର ଦିବା ୧୦ ଟାରେ ବଡ଼ସାହି ଠାରେ ସିଧାସଳଖ ସାକ୍ଷାତକାର ଅନୁଷ୍ଠିତ ହେବ । ଫୋନରେ ଯଥାଶୀଘ୍ର ନିଜର ନାମ ପଞ୍ଜିକରଣ କରନ୍ତୁ । ସାକ୍ଷାତକାର ପୂର୍ବରୁ ଶିକ୍ଷାକେନ୍ଦ୍ର କାର୍ଯ୍ୟାଳୟରେ ୨୦୦ ଟଙ୍କା ଜମାକରି ନିର୍ଦ୍ଧାରିତ ଫର୍ମରେ ବାୟୋଡାଟା, ଯୋଗ୍ୟତା ପ୍ରମାଣପତ୍ର ଓ ଫଟୋ ସହିତ ଆବେଦନ କରିବାକୁ ପଡ଼ିବ ।
ଅଧ୍ୟାପକ : ଫିଜିକ୍ସ / କେମେଷ୍ଟ୍ରୀ / ମେଥମେଟିକ୍ସ / ବୋଟାନି / ଜୁଲୋଜୀ / ଆଇଟି / ଇକୋନୋମିକ୍ସ / ପଲିଟିକାଲସାଇନ୍ସ / ଇଂରାଜୀ / ହିନ୍ଦୀ / ସଂସ୍କୃତ / ଲଜିକ୍ / କ୍ଲର୍କ / ପିଅନ / ମେଲ, ଫିମେଲୱାର୍ଡେନ / କୁକ୍ ।
ଗୁରୁଜୀ / ଗୁରୁମା : ଆର୍ଟସ୍ ( ଓଡ଼ିଆ, ଇଂରାଜୀ, ଇତିହାସ, ଭୂଗୋଳ ) / ପିସିଏମ୍ / ସିବିଜେଡ୍ / ହିନ୍ଦୀ / ସଂସ୍କୃତ / କ୍ରୀଡ଼ା ଓ ଯୋଗ / କମ୍ପ୍ୟୁଟର / ସୁପରଭାଇଜର / ପିଅନ / 'ସିକ୍ୟୁରିଟିଗାର୍ଡ' / ରୋଷେୟା ।
ଗୁରୁଦକ୍ଷିଣା : ଟ ୧୦,୦୦୦ ଙ୍କା ରୁ ଟ ୪୦,୦୦୦ ଙ୍କା (ଦକ୍ଷତା ସମ୍ପନ୍ନ ଅଭିଜ୍ଞ ପ୍ରାର୍ଥୀ / ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ । ଛାତ୍ରାବାସରେ ରହିବା, ଖାଇବାର ସୁବିଧା ଅଛି ।
ଯୋଗାଯୋଗ : ସମ୍ପାଦକ - ବାଣୀପୀଠ ଚେରିଟେବୁଲ ଟ୍ରଷ୍ଟ, ବିବେକାନନ୍ଦ ବିହାର, ବଡ଼ସାହି, ମୟୂରଭଞ୍ଜ - ୭୫୭୦୨୭
ମୋ : ୯୮୨୧୦୫୯୮୮୩ / ୯୮୭୧୮୭୨୦୦୦ / ୭୦୦୮୫୮୫୬୭୯ / ୯୮୫୩୩୩୮୭୪୧



**ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, (ରାସ୍ତା ଓ ଗୃହ) ବିଭାଜନ ବଲାଙ୍ଗିର**

**OFFICE OF THE SUPERINTENDING ENGINEER, BALANGIR (R&B) DIVISION**

**e-Procurement Notice**

BID IDENTIFICATION No.: SE (R&B) BGR/34 / 2025-26

No.: 1303 Dtd.: 25/02/26

34001/11/131/2526

1.The Superintending Engineer, Balangir (R&B) Division, Balangir on behalf of Governor of Odisha invites percentage rate Composite bid in Double cover system in ONLINE MODE for the construction of building works and electrical works detailed in the table below from the eligible contractors.
2. Nature of Work: Civil Work
3. No. of tender: 2 Nos. Civil work
4. Tender Cost: Rs. 10,000.00
5. Class of Contractor: "B" Class (Registered with CDMS)
6. Date & Time of sale & Receipt of Bids:
7. From Dtd. 08.03.2026, 10.00AM to Dtd. 17.03.2026 up to 05.00 PM
8. Date of opening Bid: Dtd. 19.03.2026 at 11.00AM
9. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.

Superintending Engineer
Balangir (R&B) Division

OIPR-34001/34028/1/25-26/0011



**AFFIDAVIT**

I SINDIRI JAGANNATH, S/o - SINDIRI SAMBHA MURTY, resident of At- Nodiya Beda Street, 2nd Lane, PO / PS - Jeypore, Dist - Koraput, 764001, Odisha, declare by this Affidavit No. 603. Dated - 13/02/2026, that now onwards I shall be known as **SINDIRI RAMA JAGANNADHA RAO** for all future purpose.

**AFFIDAVIT**

I K LOKESH, S/o - K Iswar Rao, resident of At - Pailu Sarbeswar Marg, PO / PS - Borigumma, Dt - Koraput - 764056, Odisha declare by this Affidavit No. 585, Dated - 26/02/2026, that now onwards I shall be known as **KANDAREPU LOKESH** for all future purpose.

**AFFIDAVIT**

By virtue of an affidavit sworn before the Executive Magistrate, Tangi, Khordha Affidavit No. 208, dated 02/02/2026, I **PRAVAKAR SAHOO** S/o Laxmidhar Sahoo resident of Village At- Radhamohanpur, Po - Jaripada, Ps- Tangi, Dist- Khordha, Odisha, Pin- 752022 declare that I have changed my daughter name from **RAJASHREE SAHOO** (Old Name) to **LIZA SAHOO** (New Name). Henceforth, she shall be known as **LIZA SAHOO** for all future purposes.
**Sd- PRAVAKAR SAHOO**

**AFFIDAVIT**

By virtue of an affidavit sworn before Notary Public, Puri, dated 13.02.2026 I, Rasmita Khamari address Khandanayagarh, PS: Ranpur, PO: Khandanayagarh, Dist: Nayagarh Pin code: 752024 declare that I have changed the name of my son from Snehasu Khamari to Shreyanshu Khamari. Henceforth, he shall be known as **Shreyanshu Khamari** for all purposes.
**Rasmita Khamari**

**AFFIDAVIT**

By virtue of an Affidavit No. 603, dated - 01/03/2026 sworn before the Notary Public, Jeypore, I ALAKANANDA MOHANTY, At - Quarter of Civil Judge, Civil Courts Campus, PO / PS - Jeypore - 764001, Dist - Koraput, Odisha, declare that I have changed my daughter's name from ADYA SHARMA to ADWITA SHARMA. Henceforth, she shall be known as **ADWITA SHARMA** for all purpose.
**Sd/-ALAKANANDA MOHANTY**

**AFFIDAVIT**

By virtue of an affidavit sworn before Notary Public, Puri, dated 13.02.2026 I, Banita Polei, Address Mangalpur PO: Kakatpur Pin code: 752108 declare that I have changed my name Prbhati Polai to Banita Polei. Henceforth, I shall be known as Banita Polei for all purposes.
**Banita Polei**

**AFFIDAVIT**

By virtue of an affidavit sworn before Notary Public, Puri, dated 13.02.2026 I, Gitanjali Jena address Gopalpur, Baliguali Dist: Puri Pin code: 752002 declare that I have changed the name of my son from Saisarthak Jena to Soyam Jena. Henceforth, he shall be known as **Soyam Jena** for all purposes.
**Gitanjali Jena**

**AFFIDAVIT**

By virtue of an affidavit sworn before Notary Public, Puri, dated 13.02.2026 I, Piradhi Subhadra address C.T road Nuasahi PO: Station road PS: Sea Beach Dist: Puri pin code: 752002 declare that I have changed the name of my son from Piradhi Srinu to Piradhi Ramana. Henceforth, he shall be known as **Piradhi Ramana** for all purposes.
**Piradhi Subhadra**

**AFFIDAVIT**

By virtue of an affidavit sworn before Notary Public, Puri, dated 13.02.2026 I, Puja Sahoo address Water works road, near patanjali shop PO: Puri Station road P.S: Sea beach Dist: Puri Pin code: 752002 declare that I have changed the name of my daughter from Khusi Karmakar to Rani Sahoo. Henceforth, she shall be known as **Rani Sahoo** for all purposes.
**Puja Sahoo**



ବନ୍ତ/ଆଗରପଡ଼ା, ୧୩(ସମିସ)

## ଆଗକୁ ଗ୍ରୀଷ୍ମ ଋତୁ: ହୋଇପାରୁନି 'ବସୁଧା' ଯୋଜନାର ସଫଳ ରୂପାୟଣ

# ୭ ବର୍ଷ ପୂରିଲା; ତଥାପି ସରୁନି ନିର୍ମାଣ

ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ଲାଗି ରାଜ୍ୟ ସରକାର ୨୦୧୮ ନଭେମ୍ବର ମାସରେ 'ବସୁଧା' ଯୋଜନାର ଶୁଭାରମ୍ଭ କରିଥିଲେ। ଯୋଜନାକୁ ୭ବର୍ଷ ପୂରି ଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଉକ୍ତ ଯୋଜନା ସରିବାର ନାଁ ଧରୁନି। ଯାହାକି ଯୋଜନାର ସଫଳ ରୂପାୟଣ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଗୋପିନାଥପୁର ପଞ୍ଚାୟତରେ ଏପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ଉକ୍ତ ପଞ୍ଚାୟତର ୧୦ଟି ରାଜସ୍ୱ ଗ୍ରାମ ପାହାଡ଼ପୁର, ତାଜିପୁର, କାଳିମଙ୍ଗା(ସାନସନ୍ଧାଡ଼ୋ), ବଡ଼ସନ୍ଧାଡ଼ୋ, ଗୋପିନାଥପୁର, ତୁଳିପଦା, ପାନବର୍ଜ, ଶ୍ରୀରାମପୁର, ସାହୁପଡ଼ା ଓ କାଣ୍ଡବାରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ମାଧ୍ୟମରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଅଧୀନରେ 'ବସୁଧା' ଯୋଜନାରେ ପାନୀୟ ଜଳ ଯୋଗାଇଦେବା ଉଦ୍ଦେଶ୍ୟରେ କୋଟିକୋଟି ଟଙ୍କାରେ ପ୍ରକଳ୍ପ ନିର୍ମିତ ହୋଇଛି। ନିର୍ମିତ ହୋଇଥିବା ୧୦ଟି ପ୍ରକଳ୍ପ ମଧ୍ୟରୁ ୭ଟି ପ୍ରକଳ୍ପ ପଞ୍ଚାୟତକୁ ହସ୍ତାନ୍ତର ହୋଇଥିବାବେଳେ ଆହୁରି ୩ଟି ସ୍ଥାନରେ ନିର୍ମିତ ପ୍ରକଳ୍ପ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ୩ଟି ପ୍ରକଳ୍ପ ମଧ୍ୟରୁ ବଡ଼ସନ୍ଧାଡ଼ୋ ଓ ସାନସନ୍ଧାଡ଼ୋରେ ନିର୍ମିତ ପ୍ରକଳ୍ପ ୧୫ ମାସ ହେବ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଥିବା ବେଳେ କାଣ୍ଡବାରେ ନିର୍ମିତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସରିଥିବାବେଳେ ବିଦ୍ୟୁତ୍ ସଂଯୋଗୀକରଣ ହୋଇପାରିନାହିଁ। ପଞ୍ଚାୟତକୁ ହସ୍ତାନ୍ତର ହୋଇଥିବା ୭ଟି ପ୍ରକଳ୍ପ ମଧ୍ୟରୁ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ବିଛାଯାଇଥିବା ପାଇପ୍ ସବୁ ସ୍ଥାନେ ସ୍ଥାନେ କଟି ନଷ୍ଟ ହୋଇଯାଇଥିବାରୁ ସାହୁପଡ଼ା ଓ ଗୋପିନାଥପୁର ବାସିନ୍ଦା ବର୍ତ୍ତମାନ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ସବିଶେଷ ବିବରଣୀ ଅନୁଯାୟୀ, ପ୍ରତି ବିଭାଗର ସମନ୍ୱୟର ଅଭାବ ଯୋଗୁଁ ଉକ୍ତ ଯୋଜନା ଏଠାରେ ଫେଲ୍ ମାରିବାକୁ ବସିଛି। ଆର୍‌ଡବ୍ଲ୍ୟୁଏସ୍‌ଏସ୍ ପାଇପ୍ ବିଛା କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ପୂର୍ତ୍ତ ବିଭାଗ କିମ୍ବା ଗ୍ରାମ୍ୟ ସଡ଼କ(ଆର୍‌ଡି) ବିଭାଗର ସହମତି ନ ଲୋଡ଼ି ପାଇପ୍ ସବୁ ବିଛେଇଥିବାରୁ ବର୍ତ୍ତମାନ ରାସ୍ତା କାମ ଚାଲୁଥିବାରୁ ତାହା ପ୍ରାୟ ନଷ୍ଟ। ସେହିପରି ବିଦ୍ୟୁତ୍ ବିଭାଗର ଅସହଯୋଗତା ଯୋଗୁଁ କାର୍ଯ୍ୟ ସମାପ୍ତ ପରେ ମଧ୍ୟ ଜଳ ଯୋଗାଣ ହୋଇପାରୁ ନାହିଁ। ଅପରପକ୍ଷରେ ପଞ୍ଚାୟତକୁ ହସ୍ତାନ୍ତର ହୋଇଥିବା ପ୍ରକଳ୍ପଗୁଡ଼ିକ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବା ଅଭିଯୋଗ ହେଉଛି। ଏହିସବୁ ଦୃଷ୍ଟିକୋଣରୁ 'ବସୁଧା' ଯୋଜନା ଉକ୍ତ ପଞ୍ଚାୟତରେ ଫେଲ୍ ମାରିବାକୁ ବସିଛି। ଗୋଟେ ଗୋଟେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ୧୩୫.୯୫ ଲକ୍ଷ ଅଟକଳ ମୂଲ୍ୟରେ ନିର୍ମିତ ହୋଇଥିବାବେଳେ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଏବଂ ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତରାରୁ ପ୍ରକଳ୍ପର ସଫଳ ରୂପାୟଣ ହେବା ପରିବର୍ତ୍ତେ ଅର୍ଥ ଚକ୍ରୁ ହୋଇଯାଉଛି। ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ବିଭିନ୍ନ ସ୍ଥାନରୁ ପାଇପ୍ ଫାଟି ପାଣି ବୋହିବା ସହ ବହୁ ଜାଗାରେ ପାଣି ପହଞ୍ଚି ପାରୁନି। ଏହି ସବୁ କାରଣରୁ ଅଞ୍ଚଳବାସୀ ବିଶୁଦ୍ଧ ପାନୀୟ ଜଳ ପାଇବା ନେଇ ସନ୍ଦେହ ହୋଇପଡ଼ିଛନ୍ତି।

ସେହିପରି କାର୍ଯ୍ୟ ଆରମ୍ଭ ପୂର୍ବରୁ କାର୍ଯ୍ୟସ୍ଥଳ ନିକଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନାଫଳକ ନିର୍ମାଣ କରି ସେଥିରେ ସବିଶେଷ ସୂଚନା ଲେଖାଯିବାର ନିୟମ ଥିଲେ ସୁଦ୍ଧା ବହୁ ସ୍ଥାନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହିସବୁ ସମସ୍ୟାକୁ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ଯେଉଁ ଯେଉଁ ସ୍ଥାନରେ ସମସ୍ୟା ଦେଖାଯାଉଛି ସେହିସବୁ ସମସ୍ୟାର ସମାଧାନ ପାଇଁ ବିଭାଗ ତରଫରୁ ପଦକ୍ଷେପ ନିଆଯାଉଥିବାର ପ୍ରତିଶ୍ରୁତି ଦିଆଯାଉଥିଲେ ମଧ୍ୟ ପ୍ରକୃତପକ୍ଷେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଜଣାପଡ଼ିଛି। ତେଣୁ ଲକ୍ଷାଧିକ ଟଙ୍କାରେ ନିର୍ମିତ ପ୍ରକଳ୍ପକୁ ପ୍ରହସନରେ ପରିଣତ ନ କରି ନିର୍ମିତ ପ୍ରକଳ୍ପଗୁଡ଼ିକର ପୁନଃ ତଦାରଖ କରିବା ଏବଂ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଠିକ୍ ଭାବେ କରିବା ସହ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଯୋଜନାର ସଫଳ ରୂପାୟଣ କରିବାକୁ ଚେଷ୍ଟିତ ହେବାକୁ ବିଭିନ୍ନ ଗ୍ରାମର ଗ୍ରାମବାସୀଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ବନ୍ତ/ଆଗରପଡ଼ା, ୧୩(ସମିସ):** ବନ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ଅଣିଜୋ କ୍ଲଷ୍ଟର ଅନ୍ତର୍ଗତ ସରକାରୀ ଉ.ପ୍ରା. ବିଦ୍ୟାଳୟ, ଚକ୍ରାପାଢ଼ୀର ପ୍ରଧାନଶିକ୍ଷୟିତ୍ରୀ କବିତା ପାଣିଗ୍ରାହୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ସହକାରୀ ଶିକ୍ଷକ ପ୍ରଫୁଲ୍ଲ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ପୂର୍ବତନ ସରପଞ୍ଚ ବନମାଳୀ ବେହେରା, ସମିତିସଭ୍ୟ ଧରଣୀଧର କର, ସିନ୍ଧୁକେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମୁକ୍ତିକାନ୍ତ ନାୟକ, ସିଆର୍‌ସିସି ଅକ୍ଷୟ କୁମାର ସାହୁ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ମୃତ୍ୟୁଞ୍ଜୟ କୁଣ୍ଡୁ, ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ପତି, ରବୀନ୍ଦ୍ର କୁମାର ଯେନା, ଗଣେଶ ପ୍ରସାଦ ପଣ୍ଡା, ଗୋପୀନାଥ ପୁହାଣ, ବସନ୍ତ ଜେନା, ବିକ୍ରମ କେଶରୀ ପାଳ, ପଞ୍ଚଶିକ୍ଷା ସେତୁ କମିଟି ସଭାପତି ଜୟଦେବ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗଣେଶ ପ୍ରସାଦ ଭୋଳ, ଅନନ୍ତ ପ୍ରସାଦ ସାହୁ, ମଧୁସୂଦନ ସାହୁ, ବରିଷ୍ଠ ନାଗରିକ ପର୍ଶୁରାମ ପାଣିଗ୍ରାହୀ, ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ବିଜୟ କୁମାର ଦାସ, ବିଶ୍ୱନାଥ ଯେନା, ବୃନ୍ଦାବନ ଯେନା, ନିରୁପମା ଦାଶ, କଳ୍ପନା ସାହୁ, ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନସ୍ଥ ସମସ୍ତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରଛାତ୍ରୀ, ପିତାମାତା, ଅଭିଭାବକ ଅଭିଭାବିକା, ବିଦ୍ୟାଳୟ ପରିଚାଳନା ସମିତିର ସଭ୍ୟସଭ୍ୟା ଯୋଗଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀଙ୍କ ବିଦ୍ୟାଳୟ ପ୍ରତି ଥିବା ଉତ୍ସର୍ଗୀକୃତ ସେବା, ତ୍ୟାଗ, ନିଷ୍ଠାପରତା, ଦାୟିତ୍ୱବୋଧତା, ସମୟାନୁବର୍ତ୍ତିତା, କର୍ତ୍ତବ୍ୟ ପରାୟଣତା ଆଦି ମହାନ ଗୁଣଗୁଡ଼ିକ ଉପରେ ତାଙ୍କର ହୃଦୟସ୍ପର୍ଶୀ ବକ୍ତବ୍ୟମାନ ପ୍ରଦାନ କରିଥିଲେ। ଶେଷରେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଏକ ବିରାଟ ପଟୁଆରରେ ତାଙ୍କ ବାସଗୃହ ପର୍ଯ୍ୟନ୍ତ ନିଆଯାଇଥିଲା।

## ପ୍ରଭୁ ଶ୍ରୀହନୁମାନଙ୍କ ଦ୍ୱିତୀୟ ବାର୍ଷିକ ଉତ୍ସବ

**ବନ୍ତ/ଆଗରପଡ଼ା, ୧୩(ସମିସ):** ବନ୍ତ ବ୍ଲକ ଅନ୍ତର୍ଗତ ନିମାପଡ଼ାସ୍ଥିତ ହନୁମାନ ମହାପ୍ରଭୁଙ୍କ ଦ୍ୱିତୀୟ ବାର୍ଷିକ ଉତ୍ସବ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ୨୧ଟି କଳସ ନରେନ୍ଦ୍ର ପୁଷ୍କରିଣୀରେ ଘଟ ଉତ୍ତୋଳନ କରାଯାଇ ବାଜା ବାଣ ରୋଷଣିରେ ଗ୍ରାମ ବଜାର ପରିକ୍ରମା



ପରେ ଯଜ୍ଞ ମଣ୍ଡପକୁ ଅଣାଯାଇଥିଲା। ପୂଜକ ବିରେନ୍ଦ୍ର ତ୍ରିପାଠୀ, ସରୋଜ କୁମାର ମିଶ୍ର, ନାରାୟଣ ଚନ୍ଦ୍ର ତ୍ରିପାଠୀ, ଅନାଦିକର ଶର୍ମା, ବିଶ୍ୱଜିତ୍ କରଶର୍ମା, ସତ୍ୟବ୍ରତ ତ୍ରିପାଠୀ ସୂର୍ଯ୍ୟପୂଜା, ଗୋ ପୂଜା, ଅଗ୍ନି ସ୍ଥାପନ, ଷୋଡ଼ଶ ଉପଚାର ପୂଜା, ମହାସ୍ନାନ, ଗୀତାଯଜ୍ଞ ସମେତ ବିଭିନ୍ନ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। କର୍ତ୍ତା ସୁବାସ ଚନ୍ଦ୍ର ବିଶ୍ୱାଳ, କାମିନୀ ବିଶ୍ୱାଳ, କୈଳାଶ ରାଉତ୍, ଜଗନ୍ନାଥ ବିଶ୍ୱାଳ, ଅନାଦି ବିଶ୍ୱାଳ, ତୁଷାରକାନ୍ତ ବିଶ୍ୱାଳ, ବସନ୍ତ ରାଉତ୍, ଅର୍ଜୁନ ରାଉତ୍ କାର୍ଯ୍ୟ ତୁଲାଇଥିଲେ। ଏହି ଦୁଇ ଦିବସୀୟ କାର୍ଯ୍ୟକ୍ରମକୁ ସୁରେନ୍ଦ୍ର ବିଶ୍ୱାଳ, ବିଦୁଭୂଷଣ ବିଶ୍ୱାଳ, ଶୁଭେନ୍ଦୁ ବିଶ୍ୱାଳ, ପ୍ରତାପ ବିଶ୍ୱାଳ, ବିଜୟ ବିଶ୍ୱାଳ, ଗଣନାଥ ବିଶ୍ୱାଳ, ନକୁଳ ବାରିକ୍, ମନୋଜ ବାରିକ୍, ପୂର୍ଣ୍ଣଚନ୍ଦ୍ର ବାରିକ୍, ବନମାଳୀ ବାରିକ୍‌ଙ୍କ ସମେତ ନିମାପଡ଼ା ଗ୍ରାମର ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ। ପୂର୍ଣ୍ଣାହୁତିରେ ଆଖପାଖ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଭକ୍ତ ଉପସ୍ଥିତ ରହି ପ୍ରଭୁକୃପା ଲାଭ କରିଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ସମାରୋହ ଓ କୁନି କୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଗ୍ରାମ ଦେବତୀ ମା' ଥାନପତିଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ବନ୍ତ/ଆଗରପଡ଼ା, ୧୩(ସମିସ):** ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ନାରାୟଣପୁର ଗ୍ରାମର ଗ୍ରାମ ଦେବତୀ ମା' ଥାନପତିଙ୍କ ମନ୍ଦିର ପ୍ରତିଷ୍ଠା ଓ ପ୍ରବେଶ ଉତ୍ସବ ୩ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ରାମକୃଷ୍ଣପୁର ଗୋପାଳସାହି ଗ୍ରାମ୍ୟ ପୁଷ୍କରିଣୀରୁ ୧୦୮ କଳସ ଘଟ ଉତ୍ତୋଳନ କରାଯାଇ ବାଜା, ବାଣ, ରୋଷଣୀରେ ଗ୍ରାମ ବଜାର ପରିକ୍ରମା ପରେ ଯଜ୍ଞ ମଣ୍ଡପକୁ ଅଣାଯାଇଥିଲା। ପଣ୍ଡିତ ଜଗନ୍ନାଥ ପାଣିଗ୍ରାହୀ, ପରମାନନ୍ଦ ପାଣିଗ୍ରାହୀ, ସତ୍ୟବ୍ରତ ପଣ୍ଡା, ଜଗମୋହନ ପାଣିଗ୍ରାହୀ, ଦେବବ୍ରତ ପଣ୍ଡା, ଲୋକନାଥ ପାଣିଗ୍ରାହୀ, ମନୋରଞ୍ଜନ ପାଣିଗ୍ରାହୀ ଆଦି ଅଙ୍କୁରାଧିବାସ, ପଞ୍ଚଗବ୍ୟ ଶୋଧନ, ସୂର୍ଯ୍ୟପୂଜା, ଗୋ ପୂଜା, ସୂର୍ଯ୍ୟାଗ୍ନି ଆହରଣ, କଳସ ଯାତ୍ରା, ଦ୍ୱାରପାଳ ପୂଜା, ଅଗ୍ନି ସ୍ଥାପନ, ଧ୍ୱଜା ଉତ୍ତୋଳନ, ସପ୍ତଚଣ୍ଡୀ ଯଜ୍ଞ, ବାସ୍ତୁ ମଣ୍ଡଳ ପୂଜା, ମହାସ୍ନାନ, ଅଭିଷେକ, ପ୍ରତିଷ୍ଠା ଉତ୍ସବ, ମା' ଥାନପତିଙ୍କ ନୂତନ ମନ୍ଦିର ପ୍ରବେଶ, ପୂର୍ଣ୍ଣାହୁତି ପୂଜା କାର୍ଯ୍ୟ ନିର୍ବାହ କରିଥିବାବେଳେ କର୍ତ୍ତା କାର୍ଯ୍ୟ ସନ୍ତୋଷ ରଣା, ରୁକ୍ମଣୀ ରଣା, ବନମାଳୀ ଦାସ, ସରସ୍ୱତୀ ଦାସ, ଅଭିମନ୍ୟୁ ବାରିକ୍, ଦେବକୀ ବାରିକ୍ ତୁଲାଇଥିଲେ। ଏହି ତ୍ରିଦିବସୀୟ କାର୍ଯ୍ୟକ୍ରମକୁ ନିରଞ୍ଜନ ରଣା, ନିରାକାର ସାହୁ, ସୁଧାକର ସାହୁ, ବିଶ୍ୱନାଥ ପାଣିଗ୍ରାହୀ, କାଳନ୍ଦୀ ଦାସ, ବିଷ୍ଣୁ ମୋହନ ସାହୁ, ଭୀମସେନ ଦାସ, ପ୍ରଭାକର ସାହୁ, କମଳାକାନ୍ତ ଦାସ, ମଧୁସୂଦନ ପାଣିଗ୍ରାହୀ, ବିଶ୍ୱନାଥ ପାଣିଗ୍ରାହୀ, ବାସୁଦେବ ସାହୁ, ଗଙ୍ଗାଧର ସାହୁ, ଯୁଧିଷ୍ଠିର ଦାସ, ମଣିଭଦ୍ର ଜେନା, ଜନାର୍ଦ୍ଦନ ପାଣିଗ୍ରାହୀ, ମାୟାଧର ସାହୁ, ସୁଦର୍ଶନ ଦାସ, ପଶରତ ବାହାଲିଆ, ରମାକାନ୍ତ ବାରିକ୍, ଅଜୟ ବାରିକ୍‌ଙ୍କ ସମେତ ସମସ୍ତ ନାରାୟଣପୁର ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ। ରବିବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ହଜାର ହଜାର ଭକ୍ତ ଉପସ୍ଥିତ ହୋଇ ମା'ଙ୍କ ଆଶିଷ କୃପା ଲାଭ କରିଥିଲେ।

## ୟୁନିଟ୍ ଫର୍ ସେବା ପରିବାରର ବାର୍ଷିକ ମହୋତ୍ସବ



**ବନ୍ତ/ଆଗରପଡ଼ା, ୧୩(ସମିସ):** ବନ୍ତ ବ୍ଲକ ରାମପୁର ପଞ୍ଚାୟତ ଅନ୍ତର୍ଗତ ଅଳଉତି ଗ୍ରାମରେ ୟୁନିଟ୍ ଫର୍ ସେବା ପରିବାରର ବାର୍ଷିକ ମହୋତ୍ସବ ପାଳିତ ହୋଇଯାଇଛି। ପରିବାର ପକ୍ଷରୁ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ସଞ୍ଜୀବ ମଲ୍ଲିକ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ସମ୍ମାନିତ ଅତିଥି ଭାବେ କଂଗ୍ରେସ ନେତା ସୁବ୍ରତ ଦାସ, ରାଜ କିଶୋର ସ୍ୱାଇଁ, ସରପଞ୍ଚ ଗିରିଧାରୀ ସାହୁ, ପୂର୍ବତନ ସରପଞ୍ଚ ମାଳିରାମ ବେହୁରିଆ, ସମାଜସେବୀ ଜିତେନ୍ଦ୍ର ନାୟକ, ଅଳଉତି ହାଇସ୍କୁଲ ପୂର୍ବତନ ପ୍ରଧାନଶିକ୍ଷକ ନୃସିଂହ ଚରଣ ସାହୁ, ଲକ୍ଷ୍ମୀକାନ୍ତ ମହାନ୍ତି, ସୁଧିର ରାଉତ, ନିର୍ମଳ ଚନ୍ଦ୍ର ଭୂୟାଁ, ପ୍ରତାପ ଚନ୍ଦ୍ର ବେହୁରିଆ, ବିଶ୍ୱମ୍ବର ପଣ୍ଡା, କାଳନ୍ଦି ଚନ୍ଦ୍ର ପଲେଇ, ବିଚିତ୍ର ପାଇକରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସେବା ପରିବାର ତରଫରୁ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ୩୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସନ୍ଧ୍ୟାରେ କୁନି ତାରକାଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଅମରେନ୍ଦ୍ର ବାରିକ, ରାକେଶ ଭୂୟାଁ, ଆଶିଷ ଭୂୟାଁ, ଅଜିତ୍ ଭୂୟାଁ, ଦେବାଶିଷ ଭୂୟାଁ, ସତ୍ୟବ୍ରତ ଭୂୟାଁ, ଶୁକଦେବ ଦାସ, ସତ୍ୟପ୍ରକାଶ ପଲେଇ, ମନୋରଞ୍ଜନ ଦାସ, ତାପସ କୁମାର ଭୂୟାଁ, ସମରେନ୍ଦ୍ର ଭୂୟାଁ, ଦେବାଶିଷ ନାୟକ, ଗଙ୍ଗାଧର ନାୟକ, ବନମାଳୀ ମଲ୍ଲିକ, ସଞ୍ଜୀବ ମଲ୍ଲିକ, ଶଙ୍କର୍ଷଣ ଓଝା ପ୍ରମୁଖ ସହଯୋଗ କରିଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ




**ବନ୍ତ/ଆଗରପଡ଼ା, ୧୩(ସମିସ):** ବନ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ବାଲୁଙ୍କେଶ୍ୱର କ୍ଲଷ୍ଟର ଅନ୍ତର୍ଗତ କୌଶଲ୍ୟା ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଶୋକ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ସ୍ଥାନୀୟ ସରପଞ୍ଚ ଗିରିଧାରୀ ସାହୁ, ମୁଖ୍ୟବକ୍ତା ପ୍ରାକ୍ତନ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନିଗମାନନ୍ଦ ମିଶ୍ର, ସମ୍ମାନିତ ଅତିଥି ପ୍ରାକ୍ତନ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁଧୀର କୁମାର ରାଉତ୍, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ କୁମାର ମଲ୍ଲିକ, ବିଦ୍ୟାଳୟର ପ୍ରତିଷ୍ଠାତାର ପିଢ଼ି ଦେବଦାସ ମହାନ୍ତି, ପ୍ରାକ୍ତନ ବିଆର୍‌ସିସି ସୋମନାଥ ସୁତାର, ରାମଚନ୍ଦ୍ର ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ସନାତନ ଦାସ, ବାଲୁକେଶ୍ୱର ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନିରୁଦ୍ଧ ମଙ୍ଗଳ, ପ୍ରାକ୍ତନ ସିଆର୍‌ସିସି ସୁକାନ୍ତ କୁମାର ବେହେରା, ଏନ୍‌ପିଏସ୍ ସଂଘ ସମ୍ପାଦକ ସତ୍ୟରଞ୍ଜନ ଦାସ, କୁଣ୍ଡୁଲା ଏସ୍‌ବିଏନ୍‌କେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ କୁମାର ନାୟକ, ବିଦ୍ୟାଳୟ କମିଟି ସଭାପତି ବିଜେନ୍ଦ୍ର ବେହୁରିଆ, ଶିକ୍ଷକ ପ୍ରକାଶ ଜେନା ଓ ଅଶୋକ କୁମାର ପହି ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ଦ୍ୱାରା ଅନୁଷ୍ଠିତ ହୋଇଥିବା ବିଭିନ୍ନ କ୍ରୀଡ଼ାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଓ ଶିକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ମନୋରମା ପାଢ଼ୀ ବାର୍ଷିକ ବିବରଣୀ ପଠନ, ଅତିଥି ପରିଚୟ ଓ ମଞ୍ଚ ସଞ୍ଚାଳନ ଶିକ୍ଷକ ନରେନ୍ଦ୍ର କୁମାର ସାହୁ, ଶିକ୍ଷକ ମନୋରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ସୁଦାମ ଦାସ, ସସ୍ମିତା ସାହୁ, ଜୟନ୍ତୀ ମଲ୍ଲିକ, ଗୌରୀରାଣୀ ବେହେରା, ଅଲେଖ ପଣ୍ଡା, ଅକ୍ଷୟ କୁମାର ଦାସ, ନିରୂପମା ବିଶ୍ୱାଳ, ଅନୁପମା ବିଶ୍ୱାଳ, ଅନ୍ନପୂର୍ଣ୍ଣା ବିଶ୍ୱାଳ, ବସନ୍ତ ନାୟକ, କାଇରୀ ମୁଣ୍ଡାଙ୍କ ସମେତ ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମକୁ ସମସ୍ତ ସଦସ୍ୟସଦସ୍ୟା, ଅଭିଭାବକ ଓ ଗ୍ରାମବାସୀ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରତିଷ୍ଠାତାର ପିଢ଼ି ଦେବଦାସ ମହାନ୍ତିଙ୍କ ଦ୍ୱାରା ଧୀରେନ୍ଦ୍ର ମହାନ୍ତି ପ୍ରତିଭା ସମ୍ମାନ ୧ମରୁ ୮ମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୮ ଜଣ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା।

## ଆଗରପଡ଼ାରେ ଶ୍ରୀରାମ ନବମୀ ପାଇଁ ପ୍ରସ୍ତୁତି ବୈଠକ

# ୨୬ରେ ବିଶାଳ ନଗର ସଂକୀର୍ତ୍ତନ ଶୋଭାଯାତ୍ରା



**ବନ୍ତ/ଆଗରପଡ଼ା, ୧୩(ସମିସ):** ଭଦ୍ରକ ଜିଲ୍ଲା ଆଗରପଡ଼ା ଅଞ୍ଚଳର ଐତିହ୍ୟସମ୍ପନ୍ନ ପାରମ୍ପରିକ ଶ୍ରୀରାମ ନବମୀ ସମିତି ପକ୍ଷରୁ ଆଗାମୀ ଶ୍ରୀରାମ ନବମୀ-୨୦୨୬ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ପ୍ରାୟ ୧୧ଟି ମେଢ଼ କମିଟିର ସଦସ୍ୟଙ୍କ ଉପସ୍ଥିତିରେ ଚଳିତ ବର୍ଷର କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ବ୍ୟାପକ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସମିତି ସମ୍ପାଦକ ବାବୁରାମ ବେହେରାଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ସଭାପତି ତୃପ୍ତି ରଞ୍ଜନ ଦାଶ, ଉପଦେଷ୍ଟା ଭାସ୍କର ଦାସ, ରାଜିବ ଲୋଚନ ରାୟ ଓ ଅଶୋକ ପରିଡ଼ା ପ୍ରମୁଖ ଯୋଗଦେଇ ମହୋତ୍ସବର ପରିଚାଳନା ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ। ଚଳିତ ବର୍ଷ ମାର୍ଚ୍ଚ ୨୬ ତାରିଖରେ ବିଶାଳ ନଗର ସଂକୀର୍ତ୍ତନ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହି ଶୋଭାଯାତ୍ରା ଚଳିତ ବର୍ଷ ଅଷ୍ଟମ ବର୍ଷରେ ପଦାର୍ପଣ କରିଥିବାବେଳେ ଏଥିରେ ପ୍ରାୟ ୨୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ଲକ୍ଷ୍ୟ ରଖାଯାଇଛି। ଶୋଭାଯାତ୍ରା ବ୍ୟତୀତ ସମିତି ପକ୍ଷରୁ ଏକତା ଦୌଡ଼, କଳସ ଶୋଭାଯାତ୍ରା, ସାଂସ୍କୃତିକ ସନ୍ଧ୍ୟା ଏବଂ ଭବ୍ୟ ଯଜ୍ଞ ପୂଜାର୍ଚ୍ଚନା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବୈଠକରେ ବିଭିନ୍ନ ମେଢ଼ କମିଟିର ସଦସ୍ୟ ସୁଶିଲ ପୃଷ୍ଟି, ଲିପୁ ତିଆଡ଼ି, ସନ୍ତୋଷ ପୁହାଣ, ବାବୁଲୁ ସାହୁ, ଯତୀନ ଖୁଣ୍ଟିଆ, ବିନୟ ରଞ୍ଜନ ଜେନା, ମହେଶ୍ୱର ଦାସ, ସୌରଭ ଦାସ, ଦେବାଶିଷ ଦାସ, ପ୍ରଦୀପ୍ତ ସେଠୀ, ଶ୍ରୀତମ୍ ସିଂହ ଓ ସଞ୍ଜୟ ସିଂହଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ସୁଚାରୁ ରୂପେ ପରିଚାଳନା ନେଇ ଆଲୋଚନା କରିଥିଲେ।

## ଭଦ୍ରକରେ ଜାତୀୟ ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ



**ଭଦ୍ରକ, ୧୩(ସମିସ):** ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଗେଲପୁରସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜରାୟୁ ଗ୍ରୀବା କର୍କଟରୁ କିଶୋରୀ ବାଳିକାମାନଙ୍କୁ ସୁରକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ଜାତୀୟ ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମର ରବିବାର ଶୁଭାରମ୍ଭ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ସବୁଜ ପତାକା ଦେଖାଇ ଟିକାକରଣ ଅଭିଯାନର ଔପଚାରିକ ଆରମ୍ଭ କରିଥିଲେ। ଏହି ଅଭିଯାନ ଅନୁସାରେ, ୧୪ରୁ ୧୫ ବର୍ଷ ବୟସର ସମସ୍ତ କିଶୋରୀ ବାଳିକାଙ୍କୁ ଜିଲ୍ଲାର ସମସ୍ତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିନାମୂଲ୍ୟରେ ଏଚ୍‌ପିଭି ଟିକା ପ୍ରଦାନ କରାଯିବ। ଭଦ୍ରକ ଜିଲ୍ଲାରେ ପ୍ରାୟ ୧୨ ହଜାରରୁ ଅଧିକ କିଶୋରୀ ବାଳିକାଙ୍କୁ ଏହି ଟିକା ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି।

ଏହି ଅବସରରେ ବିଧାୟକ ଶ୍ରୀ ମହାପାତ୍ର କହିଥିଲେ ଯେ, ଜରାୟୁ ଗ୍ରୀବା କର୍କଟ ରୋକ୍‌ଥାମରେ ଏହି ଟିକା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶବ୍ୟାପୀ ଏହି ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେ ଧନ୍ୟବାଦ ଜଣାଇଥିଲେ। ଜିଲ୍ଲାପାଳ ଶ୍ରୀ ରାଉତରାଏ କହିଥିଲେ ଯେ, ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଅଭିଯାନକୁ ସଫଳ କରିବା ପାଇଁ ସମସ୍ତ ପ୍ରୟାସ ଜାରି ରହିବ ଏବଂ ସମସ୍ତ ଯୋଗ୍ୟ କିଶୋରୀଙ୍କୁ ଟିକା ଆବର୍ତ୍ତନ ମଧ୍ୟରେ ଆଣିବାକୁ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ କୁମାର ପ୍ରହରାଜ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ, ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଓ କିଶୋରୀ ବାଳିକାମାନେ ଉପସ୍ଥିତ ଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଅଭିଭାବକମାନଙ୍କୁ ନିଜ କନ୍ୟାମାନଙ୍କୁ ଏହି ଟିକା ଦେବା ପାଇଁ ସଚେତନ ହେବାକୁ ଅନୁରୋଧ କରାଯାଇଛି।

## ବିଶିଷ୍ଟ ଜନନେତା ହୃଦାନନ୍ଦ ମଲ୍ଲିକଙ୍କ ୩୬ତମ ଶ୍ରାଦ୍ଧୋତ୍ସବ

# 'ସବୁବେଳେ ଗରିବଙ୍କ ହୃଦୟରେ ରହୁଥିଲେ ହୃଦାନନ୍ଦ'

ଭଦ୍ରକ/ଧାମନଗର/ଅସୁରାଳି, ୧୩(ସମିସ)





ଧାମନଗର ପୂର୍ବତନ ବିଧାୟକ ତଥା ଅବିଭକ୍ତ ବାଲେଶ୍ୱର-ଭଦ୍ରକ ଜିଲ୍ଲାର ଜନନେତା, ସାହିତ୍ୟ ପତ୍ରିକା 'ଆସନ୍ତାକାଲି', 'ଅଗ୍ରଣୀ' ଓ ଦୈନିକ ସମ୍ବାଦପତ୍ର 'ସକାଳ'ର ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକଙ୍କର ୩୬ତମ ଶ୍ରାଦ୍ଧୋତ୍ସବ ରବିବାର ପାଳିତ ହୋଇଯାଇଛି। ଏହି ଅବସରର ତାଙ୍କ ଜନ୍ମ ସ୍ଥାନ ଧାମନଗର ବ୍ଲକ ଅନ୍ତର୍ଗତ ହସନାବାଦ ପଞ୍ଚାୟତ ଗୋପବନ୍ଧୁ ନଗରଠାରେ ହୃଦାନନ୍ଦ ସ୍ମୃତି କମିଟି ଆନୁକୂଲ୍ୟରେ ରବିବାର ସକାଳ ୬ଟାରେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଭାତଫେରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ଣ ୧୧ଟାରେ ଭଦ୍ରକ ଭାଗବତ କଲ୍ୟାଣ ମଣ୍ଡପ ପରିସରରେ ହୃଦାନନ୍ଦ ସ୍ମୃତି କମିଟି ସଭାପତି ତଥା ସମାଜସେବୀ ଶାନ୍ତନୁ କୁମାର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତି ସଭାରେ ବିଜେଡି ଜିଲ୍ଲା ସଭାପତି ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର କୁମାର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବିଜେଡି ନେତା ଡ. ସଞ୍ଜୟ କୁମାର ଦାସ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ତିହିଡ଼ି ବ୍ଲକ ଅଧ୍ୟକ୍ଷା ଅବନ୍ତି ଦାସ, ଧାମନଗର ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଭଦ୍ରକ ପୌରାଧ୍ୟକ୍ଷା ଗୁଲ୍‌ମକୀ ଦଲାଓ୍ୱାଜି ହାବିବ ଯୋଗଦେଇଥିଲେ। ସେହିପରି ଧାମନଗର ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଧାମନଗର ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ଉମେଶ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ପାଢ଼ୀ, ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଭଦ୍ରକ ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ହସନାବାଦ ସରପଞ୍ଚ ଅଜୟ କୁମାର ମଲ୍ଲିକ, ସମିତିସଭ୍ୟା ଅଭିଲିପ୍ସା ରାଉତ, ଜିଲ୍ଲା ପରିଷଦ ସାରଦା ପ୍ରସନ୍ନ ସାହୁ, ପ୍ରଦୀପ କୁମାର ମଲ୍ଲିକ, ଦୟାନିଧି ମିଶ୍ର, ରବୀନ୍ଦ୍ର କୁମାର ବେହୁରିଆ, ବିନୋଦ କୁମାର ନାୟକ, ସାମ୍ବାଦିକ ଉମାକଲ୍ୟାଣ ମହାପାତ୍ର, ଅତିଶ ବେହେରା, ପାର୍ଥସାରଥୀ ନାୟକ, ସେକ୍ ଜାଫର ଅଲ୍ଲୀ, ସଞ୍ଜୀବ ନାୟକ, ଭଗବାନ ସାମଲଙ୍କ ସମେତ ବହୁ ସାମ୍ବାଦିକ ଯୋଗଦେଇଥିବା ବେଳେ ଭଦ୍ରକ, ଭଣ୍ଡାରିପୋଖରୀ, ଧାମନଗର, ଚାନ୍ଦବାଲି ନିର୍ବାଚନମଣ୍ଡଳୀରୁ ପଞ୍ଚାୟତ ସମିତି ଅଧ୍ୟକ୍ଷ, ଅଧ୍ୟକ୍ଷା ଓ ବ୍ଲକ ଏବଂ ନଗର ସଭାପତି ସହ ବହୁ ବ୍ଲକସ୍ତରୀୟ ନେତା ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ମଲ୍ଲିକଙ୍କ ଚିନ୍ତାଧାରା, କାର୍ଯ୍ୟଶୈଳୀ ଓ ଦକ୍ଷତା ବଳରେ ଜିଲ୍ଲା ତଥା ଧାମନଗର ଅଞ୍ଚଳର ସବୁ ବର୍ଗର ଲୋକଙ୍କ ପାଖରେ ବେଶ୍ ଆଦୃତ ହେବା ସହ ଗରିବଙ୍କ ହୃଦୟରେ ରହୁଥିଲେ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ/ସଭ୍ୟା, ଛାମୁଆ ନେତା, ଶୁଭେଚ୍ଛୁ, ଆଇନଜୀବୀ, ବୁଦ୍ଧିଜୀବୀ, ଶିକ୍ଷକଶିକ୍ଷୟିତ୍ରୀ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକଙ୍କ ବଡ଼ ନାତି ଅଶୋକ କୁମାର ମଲ୍ଲିକ ଉପସ୍ଥିତ ଥିବାବେଳେ ସାନ ନାତି ତଥା 'ସକାଳ' ଖବରକାଗଜର ପ୍ରକାଶକ ଅମିତ୍ କୁମାର ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲେ। ତାଙ୍କର ସୁଯୋଗ୍ୟ ସନ୍ତାନ ତଥା ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଘରେ ଓ ୨ ବାଉଁଶବାଡ଼ିରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ



**ଭଣ୍ଡାରିପୋଖରୀ,୧।୩(ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଷୋଳମପୁର ପଞ୍ଚାୟତର ବହୁ ଗ୍ରାମ ଅପରାଧ ଅଞ୍ଚଳ ଭାବେ କୁଖ୍ୟାତି ଅର୍ଜନ କରିଛି। ଏହାର ଏକ ଉଦାହରଣ ରବିବାର ମଧ୍ୟାହ୍ନରେ ଦେଖିବାକୁ ମିଳିଛି। ମଣିନାଥପୁର ଗ୍ରାମର ବୈତରଣୀ ନଦୀବନ୍ଧ ପାଶ୍ୱର୍ରେ ଆଦିବାସୀ ପରିବାର ମଧ୍ୟାହ୍ନରେ ଶୋଇଥିବାବେଳେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଆଦିବାସୀ ପରିବାର ଅଳ୍ପକେ ବର୍ତ୍ତି ଯାଇଥିଲେ। ନଦୀବନ୍ଧ ପାଶ୍ୱର୍ରେ ଥିବା ପରମାନନ୍ଦ ସାହୁଙ୍କ ବାଉଁଶ ବାଡ଼ି ଓ କାହ୍ନୁଚରଣ ଥାଟୋଇଙ୍କ ବାଉଁଶ ବାଡ଼ିରେ ଦୁର୍ବୃତ୍ତମାନେ ମଧ୍ୟ ନିଆଁ ଲଗାଇଥିଲେ। ଶୁଖିଲା ବାଉଁଶ ଓ ପତ୍ର ବହଳ ଥିବାରୁ ନିଆଁ ଚାରିଆଡ଼େ ବ୍ୟାପିଥିଲା। ବାଉଁଶବାଡ଼ି ପାଶ୍ୱର୍ରେ ଜନବସତି ଥିବାରୁ ଆତଙ୍କ ଖେଳିଯାଇଥିଲା। ଯାଜପୁରରୁ ୩ଟି ଦମକଳ ଆସି ବହୁ ଉଦ୍ୟମ କରି ନିଆଁକୁ ଆୟତ୍ତ କରିଥିଲା। ଯାଜପୁର ସହର ସହ ସଂଯୋଗ ହୋଇଥିବାରୁ ଏହି ଅଞ୍ଚଳରେ ବ୍ରାଉନ୍‌ସୁଗର ବେପାରୀ ଓ ସେବନକାରୀଙ୍କ ପ୍ରାଦୁର୍ଭାବ କ୍ରମାଗତ ଭାବେ ବୃଦ୍ଧି ପାଇଛି। ଏହା ସହ ବାଲିଚୋର, ମାଟିଚୋର, ମୂର୍ତ୍ତିଚୋର, ସିନ୍ଧିଚୋରଙ୍କ ଆଡ୍ଡାସ୍ଥଳ ଭାବେ ଏହି ଅଞ୍ଚଳ ରାଜ୍ୟ ଅପରାଧ ମାନଚିତ୍ରରେ ସ୍ଥାନ ପାଇବାରେ ଲାଗିଛି।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ଭଣ୍ଡାରିପୋଖରୀ,୧।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍‌ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉମିଦ ଫାଉଣ୍ଡେସନ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇ ୨୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଫାଉଣ୍ଡେସନର ବରିଷ୍ଠ ପରାମର୍ଶଦାତା ବୈଦ୍ୟନାଥ ସାହୁଙ୍କ ସ୍ମୃତିରେ ଶାରଦା ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ଶିବିରକୁ ମୁଖ୍ୟ ଅତିଥି ଅଧ୍ୟାପକ ଭରତ ଚନ୍ଦ୍ର କରଣ ଉଦ୍‌ଘାଟନ କରିଥିଲେ। ସଂଗଠନ ସଭାପତି ଅକ୍ଷୟ କୁମାର ସାହୁ, ସମ୍ପାଦକ ରାଜେଶ କୁମାର ବାରିକ, କୋଷାଧ୍ୟକ୍ଷ ପ୍ରଣୟ ସାମଲ, ଉପଦେଷ୍ଟା ଯୁଗଧର୍ମ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ସ୍ଥାନୀୟ ଅଗ୍ନିଶମ ଅଧିକାରୀ ସୌରଭ ରାଉତ, ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର ଓ ଶିକ୍ଷକ ପବନ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଜିଲ୍ଲା ରେଡ୍‌କ୍ରସ ରକ୍ତଭଣ୍ଡାର ଡାକ୍ତର ଓ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ବରିଷ୍ଠ ସଦସ୍ୟ ବିରଞ୍ଚି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଦୀପ ନାୟକ, ପ୍ରଭାତ ସାମଲ, ଜଗତ ଜୀବନ ବାରିକ, ଜିତେନ ପରିଡ଼ା, ସୁଧାଂଶୁ ପାଢ଼ୀ, ମଧୁମିତା ପଲାଇ, ଦୀପଶିଖା ନାୟକ, ଅକାଶ ବେହେରା, ବିଜୟ ପରିଡ଼ା, ସନ୍ଦିପ ରାଉତ, ସୁଦର୍ଶନ ରାଉତ, ଉମେଶ ସ୍ୱାଇଁ ପ୍ରମୁଖ ସଂଗଠନ ସଦସ୍ୟମାନେ ଶିବିର ପରିଚାଳନା କରିଥିଲେ।

## ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରା ମଣିଷ କାଳଜୟୀ ହୁଏ



**ବାରିକପୁର,୧।୩(ସମିସ):** ଭଣ୍ଡାରିପୋଖରୀ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖାର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଆଶ୍ରମ ମୁଖ୍ୟ ସଞ୍ଚାଳିକା ବିକେ ମଞ୍ଜୁ ଭଉଣୀଙ୍କ ଅଧ୍ୟକ୍ଷତା ତଥା ବିକେ ପ୍ରତିଭା ଭଉଣୀଙ୍କ ସଞ୍ଚାଳନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ନରହରି ମହାନ୍ତି ଯୋଗଦେଇ ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରା ମଣିଷ କାଳଜୟୀ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହାଛଡ଼ା ଆଧ୍ୟାତ୍ମିକ ଶିକ୍ଷା ଈଶ୍ୱରାଭିମୁଖୀ କରେ ବୋଲି ମୁଖ୍ୟ ଅତିଥି କହିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକ, ସାମ୍ବାଦିକ ଦୁର୍ଯ୍ୟୋଧନ ଲେଙ୍କା, ବରେଣ୍ୟ ଅତିଥି ବିକେ ସୌଭାଗ୍ୟ, ବିକେ ଉତ୍ତମ, ବିକେ ପ୍ରଶାନ୍ତ ପ୍ରମୁଖ ଯୋଗଦେଇ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଆଦର୍ଶ ଓ ନୈତିକ ଶିକ୍ଷା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିକେ କିଶୋର ଭାଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶାଖା ପକ୍ଷରୁ ବୈଦିକ ରଙ୍ଗରେ ହୋଲି ଖେଳ ସହିତ ଅତିଥିମାନଙ୍କୁ ଈଶ୍ୱରୀୟ ଉପହାର ପ୍ରଦାନ କରାଯାଇଥିଲା। ବାର୍ଷିକ ଉତ୍ସବରେ ବାରିକପୁର, ଧାମନଗର, ବନ୍ତ ଶାଖାର ବିକେ ଭାଇଭଉଣୀ ଓ ସ୍ଥାନୀୟ ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଶାଖା ସଞ୍ଚାଳିକା ବିକେ ସରସ୍ୱତୀଙ୍କ ସମେତ ବିକେ କିଶୋର, ବିକେ ଅଶୋକ, ବିକେ ବିଜୟ, ବିକେ ପ୍ରମୋଦ, ବିକେ ମଳୟ, ବିକେ ପଙ୍କଜ, ବିକେ ଶୁଭାଶିଷ, ବିକେ ସୁଶାନ୍ତ ପ୍ରମୁଖ ପରିଚାଳନା କରିଥିଲେ।

### ମୁନ୍‌ସୀ ମେଳଣ ଉଦ୍‌ଯାପିତ

# ୫୬ ବିମାନରେ ବିଜେ ଦୋଳଗୋବିନ୍ଦ





**ଭଣ୍ଡାରିପୋଖରୀ/ବାରିକପୁର,୧।୩(ସମିସ):**

ଭଣ୍ଡାରିପୋଖରୀ ଥାନା ପରିସରରେ ଅନୁଷ୍ଠିତ ମୁନ୍‌ସୀ ମେଳଣ ରବିବାର ସକାଳେ ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ମେଳଣ ରବିବାର ସକାଳ ପର୍ଯ୍ୟନ୍ତ ଉତ୍ସବ ପାଳନ ହୋଇଥିଲା। ଶନିବାର ସନ୍ଧ୍ୟାରେ ମେଳଣ କମିଟି ସଭାପତି ଲକ୍ଷ୍ମୀଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ମୁଖ୍ୟଅତିଥି, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ମୁଖ୍ୟବକ୍ତା, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ନାଟ୍ୟକାର ସୁଧାକର ନନ୍ଦ, ଜିଲ୍ଲା ପୁଲିସ ଅଧୀକ୍ଷକ ମନୋଜ କୁମାର ରାଉତ, ବିଜେପି ନେତା ବଦ୍ରି ନାରାୟଣ ଧଳ, ଉପଖଣ୍ଡ ପୁଲିସ ଅଧିକାରୀ ଅନିରୁଦ୍ଧ ମୁଦୁଲି, ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୁନ୍‌ସୀ ମେଳଣ ଉତ୍ପତ୍ତିର ପୃଷ୍ଠଭୂମି, ପରମ୍ପରା ଓ ଉପଯୋଗିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଲଳିତ କୁମାର ରାଉତ ମଞ୍ଚ ଆହ୍ୱାନ, ଅଧ୍ୟାପକ ଭରତ ଚନ୍ଦ୍ର କରଣ ଉଦ୍ଦେଶ୍ୟ ଜ୍ଞାପନ, ରଜନୀକାନ୍ତ ଚନ୍ଦ ଅତିଥି ପରିଚୟ ଓ ସତ୍ୟାନନ୍ଦ ମହାପାତ୍ର ଧନ୍ୟବାଦ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅର୍କେଷ୍ଟ୍ରା ଅନନ୍ୟା ଦ୍ୱାରା ମେଲୋଡି ଲୋକପ୍ରିୟ ଗାୟିକା ସଙ୍ଗୀତ ପରିବେଷଣ କରି ଦର୍ଶକମାନଙ୍କୁ ଅଭିଭୂତ କରିଥିଲେ। ଥାନା ପରିସରରେ ଅନୁଷ୍ଠିତ ମେଳଣ ପଡ଼ିଆରେ ଆଖପାଖର ୫୬ ସୁସଜ୍ଜିତ ବିମାନରେ ପ୍ରଭୁ ଦୋଳଗୋବିନ୍ଦ ମଙ୍ଗଳବାର ମଧ୍ୟରାତ୍ରରୁ ବିଜେ କରିଥିଲେ। ହାଟଡିହି, ଉତ୍ତରବାଡ଼, ଠାକୁରାଣୀସାହି, ଦକ୍ଷିଣବାଡ଼, ମନୋହରପୁର, ବାହାଦଲପୁର ବିମାନ ଶୋଭାଯାତ୍ରାରେ ଆସିଥିବାବେଳେ କୋଳିପଦି, ତୁଳସୀପୁର, କହରାପୋଖରୀ, ଚନ୍ଦ୍ରଭାନୁପୁର, ମଠସାହି, ରେବୋ, କଣ୍ଟାପୋଖରୀ, ନୂଆପୋଖରୀ, କୁସୁମା ଆଦି ଗ୍ରାମର ବିମାନରେ ପ୍ରଭୁ ଦୋଳଗୋବିନ୍ଦ ଥାନା ସମ୍ମୁଖରେ ଏକତ୍ରିତ ହୋଇଥିଲେ। ମେଳଣ କମିଟି ପକ୍ଷରୁ ଆନୁଷ୍ଠାନିକ ଭାବେ ନିମନ୍ତ୍ରଣ କରାଯିବା ପରେ ବିମାନଗୁଡ଼ିକ ଥାନା ପରିସର ମେଳଣ ପଡ଼ିଆକୁ ପ୍ରବେଶ କରିଥିଲେ। ବିମାନରେ ଭୋଗଲାଗି ହେବା ପରେ ପ୍ରଭୁଙ୍କ ସହ ଜନସାଧାରଣ ଓ ପୁଲିସ ମିଳିତ ହୋଇ ଫଗୁ ଖେଳିଥିଲେ। ମେଳଣ କମିଟି ପକ୍ଷରୁ ବିମାନଗୁଡ଼ିକୁ ବିଦାୟ ଦିଆଯାଇ ମେଳଣ ଉଦ୍‌ଯାପନ ହୋଇଥିଲା। ମେଳଣ କମିଟି ଓ ଥାନା କର୍ମଚାରୀମାନେ ଉତ୍ସବ ପରିଚାଳନା କରିଥିଲେ।

### ସଜେଇ ହେଲାଣି ମେଳଣ ପଦା

## ଚୂଡ଼ାନ୍ତ ପର୍ଯ୍ୟାୟରେ ଲୁଣିଆମଡ଼ା ଗଡ଼ିଆ ମେଳଣ

**ଅସୁରାଳି,୧।୩(ସମିସ):** ଧାମନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଖପରପଦା ପଞ୍ଚାୟତ ଐତିହାସିକ ଲୁଣିଆ ଗ୍ରାମର ସ୍ୱାଧୀନତା ସଂଗ୍ରାମର ଗୁଳିକାଣ୍ଡକୁ ନେଇ ଯେମିତି ପରିଚୟ ରହିଛି, ସେମିତି ଉତ୍କଳୀୟ ସାଂସ୍କୃତିକ ପରମ୍ପରାର ଅନନ୍ୟ ଫଗୁ ଦୋଳ ମେଳଣକୁ ନେଇ ଏହାର ମହତ୍ତ୍ୱ ସୁଦୂରପ୍ରସାରୀ। ଏହାର ଆରମ୍ଭ ସମ୍ପର୍କରେ କୌଣସି ସଠିକ୍ ତଥ୍ୟ ମିଳୁ ନ ଥିବା ଲୁଣିଆମଡ଼ା ଗଡ଼ିଆ ମେଳଣ ପ୍ରାୟ ୩୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟର ବୋଲି ପୁରାତନ ବ୍ୟକ୍ତି ତଥା ଏକ ତାମ୍ରଲେଖରୁ ଅନୁମାନ କରାଯାଏ। ଏ ଅଞ୍ଚଳର ଭାଇଚାରା ଓ ସାଂସ୍କୃତିକ ସମନ୍ୱୟ ରକ୍ଷା କରି ଏକ ଆଧ୍ୟାତ୍ମିକ ଭାବଧାରା ପ୍ରଦାନ କରିଥିବା ଲୁଣିଆମଡ଼ା ଗଡ଼ିଆର ଏଇ ମେଳଣ ସମଗ୍ର ଭଦ୍ରକ ଜିଲ୍ଲାବାସୀଙ୍କ ପାଇଁ ଏକ ଆତ୍ମିକ ଅନୁଭବ।

ପ୍ରତି ବର୍ଷ ଫାଲ୍‌ଗୁନ ମାସ ପ୍ରତିପଦ ତିଥିରେ ଏହି ମେଳଣ ଅନୁଷ୍ଠିତ ହୋଇଥାଏ। ଭଦ୍ରକ, ବାଲେଶ୍ୱର, ଯାଜପୁରର ବହୁ ଶ୍ରଦ୍ଧାଳୁଙ୍କ ସହିତ ପ୍ରବାସୀମାନେ ମଧ୍ୟ ହଜାର ହଜାର ସଂଖ୍ୟାରେ ଏହି ମେଳଣରେ ଯୋଗଦେଇ ଫଗୁଣର ଏଇ ମଧୁମୟ ପର୍ବର ମାଧୂର୍ଯ୍ୟକୁ ଉପଭୋଗ କରନ୍ତି। ଭକ୍ତ ଓ ଭଗବାନଙ୍କ ମିଳନ ସହିତ ଅବିର ଖେଳର ନିଆରା ଅନୁଭବ, ଦୋଳ ବିମାନଗୁଡ଼ିକର ମେଳନ ସ୍ଥଳକୁ ପ୍ରବେଶ, ମେଳନ ଭାଙ୍ଗିବା ସମୟର ଦୃଶ୍ୟ ସାଙ୍ଗକୁ ମଡ଼ା ଗଡ଼ିଆର ତୋରଣ ଓ ବୈଦ୍ୟୁତିକ ସାଜସଜ୍ଜା ଏହାର ଶୋଭାକୁ ଚିତ୍ତାକର୍ଷକ କରିଥାଏ। ମଦନ ମୋହନ, ଗୋପିନାଥଜୀଉ, ରାଧା ଦାମୋଦର, ଦଧିବାମନ, ରାଧାଗୋବିନ୍ଦ, ଦୋଳଗୋବିନ୍ଦ ଇତ୍ୟାଦି ନାମରେ ପ୍ରାୟ ୨୯ ରୁ ଊର୍ଦ୍ଧ୍ୱ ସୁସଜ୍ଜିତ କାରୁକାର୍ଯ୍ୟ ପୂର୍ଣ୍ଣ ବିମାନ ବାଣ, ରୋଷଣୀ ସହିତ ପଟୁଆରରେ ଗୋଟିଏ ନିର୍ଦ୍ଦିଷ୍ଟ ତୋରଣ ଦେଇ କ୍ରମାନୁସାରେ ବିଜେସ୍ଥଳୀକୁ ପ୍ରବେଶ କରନ୍ତି। ସନ୍ଧ୍ୟା ସମୟରେ ବ୍ରାହ୍ମଣମାନଙ୍କ ଦ୍ୱାରା ବେଦ ଓ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ ମାଧ୍ୟମରେ ଏକ ବିରାଟ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଆସ୍ଥାନସ୍ଥଳୀରେ ସ୍ଥାପନ କରାଯାଏ। ପ୍ରଥମେ ଥାନପତି ମେଳଣକୁ ସେ ଆସନ୍ତି। କ୍ରମାନ୍ୱୟରେ ଆସିଥିବା ପରବର୍ତ୍ତୀ ବିମାନଗୁଡ଼ିକୁ ସ୍ଥାନ ଦିଅନ୍ତି ଏହି ସମୟରେ ହରିବୋଲ ହୁଳହୁଳି, ପାରମ୍ପରିକ ବାଦ୍ୟ ସହିତ ବେଦଧ୍ୱନି, ନାମ ସଙ୍କୀର୍ତ୍ତନରେ ଗଗନ ପବନ ମୁଖରିତ ହୋଇଥାଏ। ବିଧି ଅନୁସାରେ ପ୍ରତ୍ୟେକ ବିମାନକୁ ମେଳନ କମିଟି ଦ୍ୱାରା ମାନ୍ୟ ପ୍ରଦାନ କରାଯାଇ ନୀତି ନିୟମ ସହିତ ପୂଜା ଉପଚାର କରାଯାଏ। ପରଦିନ ଦିନ ତମାମ ମେଳା ଲାଗି ରହିଥାଏ। ମେଳାରେ ଶହଶହ ଦୋକାନ ବଜାର ଓ ମିନାବଜାର ସହିତ ସାଂସ୍କୃତିକ କାର୍ଯ୍ୟକ୍ରମର ଶ୍ରଦ୍ଧାଳୁମାନେ ମଜା ଉଠାନ୍ତି। ପରଦିନ ସନ୍ଧ୍ୟାରେ ଶ୍ରୀ ଦାମୋଦର ଓ ମଦନ ମୋହନ ବିରାଟ ଶୋଭାଯାତ୍ରାରେ ମେଳନକୁ ପ୍ରବେଶ କରନ୍ତି। ତାଙ୍କର ପୂଜା ଆରାଧନା ପରେ ଫଗୁ ଖେଳ ଆରମ୍ଭ ହୁଏ। ଏହା ପ୍ରାୟ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଜାରି ରହେ। ଶେଷରେ ଦାମୋଦରଙ୍କ ନିର୍ଦ୍ଦେଶରେ ମେଳନ ସମ୍ପନ୍ନ ହୁଏ।



ଦିନ ଥିଲା ଏହି ମେଳଣରେ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ବିମାନ ଯୋଗ ଦେଉଥିଲେ। କେତେକ କାରଣରୁ ଏହି ମେଳା ଦୁଇ ଭାଗରେ ବିଭକ୍ତ ହୋଇ ସେଇ ଗୋଟିଏ ଦିନରେ ସହିଦ ନଗରଠାରେ ଆଉ ଏକ ମେଳଣ ଅନୁଷ୍ଠିତ ହେଉଛି। ଲୁଣିଆମଡ଼ା ଗଡ଼ିଆ ମେଳଣ ତା'ର ଆକର୍ଷଣୀୟ ମେଳା ପଡ଼ିଆ, ପୋଖରୀ, ତୋରଣ ଓ କାରୁକାର୍ଯ୍ୟ ପୂର୍ଣ୍ଣ ବିମାନ ପାଇଁ ନିଜର ଆକର୍ଷଣ ଓ ଗରିମାକୁ ଅକ୍ଷୁର୍ଣ୍ଣ ରଖିଛି। ପୁଲିସ ପ୍ରଶାସନ, ଅଗ୍ନିଶମ ବାହିନୀ, ସ୍ୱାସ୍ଥ୍ୟ ବିଭାଗ ତରଫରୁ ସମସ୍ତ ସୁବନ୍ଦୋବସ୍ତ ପାଇଁ ମେଳା ଆହୁରି ଶୃଙ୍ଖଳିତ ହୋଇଥାଏ। ଚଳିତ ବର୍ଷ ମେଳାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରଶାସନ, ମେଳା କମିଟି ତରଫରୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଥିବା କମିଟି ତରଫରୁ ପ୍ରକାଶ କରାଯାଇଛି। ଆଧୁନିକ ଡିଜେ ବାଜାକୁ ସମ୍ପୂର୍ଣ୍ଣ ବନ୍ଦ କରି ପାରମ୍ପରିକ ବାଜା, ନୃତ୍ୟ ସହିତ ଲୋକକଳାକୁ ଶୋଭାଯାତ୍ରା ପାଇଁ ଗୁରୁତ୍ୱ ଦିଆଯାଇଛି। ଚଳିତ ବର୍ଷ ଲକ୍ଷାଧିକ ଶ୍ରଦ୍ଧାଳୁ ଯୋଗଦେବାର ଆକଳନ କରି ଜିଲ୍ଲା ପ୍ରଶାସନ ତରଫରୁ ଶୃଙ୍ଖଳା ପାଇଁ ସ୍ୱତନ୍ତ୍ର ଭାବେ ବ୍ୟବସ୍ଥା କରାଯିବାର ବ୍ୟବସ୍ଥା କରାଯାଇଛି।

## ନଥିପତ୍ର ପୋଡ଼ି ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ

**ଅସୁରାଳି,୧।୩(ସମିସ):** ଧାମନଗର ବ୍ଲକ୍ ଅନ୍ତର୍ଗତ ପାଳସାହି ପଞ୍ଚାୟତର ବେତାଳି ଗାଁ ବଜାର ପଛପଟେ ଶନିବାର ଜଣେ ଯୁବକ କାଗଜପତ୍ର ପୋଡୁଥିବା ଦେଖିବାକୁ ମିଳିଥିଲା। ସେହି ଅଞ୍ଚଳର କିଛି ଯୁବକ ତାଙ୍କୁ କାଗଜ ପୋଡ଼ି ବାବଦରେ ପଚାରିଥିଲେ। ସେହି ଯୁବକ ଜଣକ ସେବା ସମବାୟ ଅଦରକାରୀ କାଗଜପତ୍ର ଯାହାକୁ ପୋଡ଼ିବା ପାଇଁ ସରକାରୀ ନୀତି ନିୟମ ଥିବା ଦର୍ଶାଇବା ସହ ମୋତେ ପଚାରିବାକୁ ତୁମେ କିଏ ବୋଲି ପଚାରିଥିଲେ। ସେହି ଯୁବକ ଜଣକ ସେବା ସମବାୟ ସମ୍ପାଦକଙ୍କ ଶାଳକ ଓ ତାଙ୍କର କେହି କିଛି କରିପାରିବେ ନାହିଁ ବୋଲି ଫଟୋ ଉଠାଉଥିବା ଯୁବକମାନଙ୍କୁ କହିଥିଲେ। ଏଥିସହିତ ନିର୍ଦ୍ଦିଷ୍ଟ କିଛି ବ୍ୟକ୍ତିଙ୍କୁ ଧମକ ଦେଇଥିବା ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ୨ ବର୍ଷ ତଳେ ଏହି ସେବା ସମବାୟ କାର୍ଯ୍ୟାଳୟରେ ସମ୍ପାଦକ କାର୍ଯ୍ୟ ତୁଲାଉଥିବା ରଞ୍ଜନ ମାଝୀଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ପରେ ଦାୟିତ୍ୱ ନେଇଥିବା କାର୍ଯ୍ୟରତ ସମ୍ପାଦକ ଅଡିଟ୍ ଭୟରେ କିମ୍ବା ଚାଷୀଙ୍କୁ ଦେଇଥିବା ଋଣ ତଥ୍ୟାବଳୀ ଲୁଚାଇବା ପାଇଁ ସେହି ସଂକ୍ରାନ୍ତୀୟ ନଥିପତ୍ର ପୋଡ଼ି ପ୍ରମାଣ ନଷ୍ଟ କରିଦେବାକୁ ଯୁବକ ଜଣକ ଉଦ୍ୟମ କରୁଥିଲେ ବୋଲି ସୋସିଆଲ ମିଡିଆରେ ଯୁବକର ଫଟୋ ସହିତ କାଗଜ ପୋଡୁଥିବାର ଦୃଶ୍ୟ ଭାଇରାଲ ଫଟୋ ଦେଖିବାକୁ ମିଳିଛି। ଏ ସମ୍ପର୍କରେ ସେବା ସମବାୟ ସଭାପତି ଭାଗବତ ଖଟୁଆଙ୍କୁ ପଚାରିବାରୁ ସେ କହିଲେ ଅଫିସ୍ ସଫା ବେଳେ କିଛି ଅଦରକାରୀ କାଗଜପତ୍ର ସମସ୍ତଙ୍କ ଜ୍ଞାତସାରରେ ପୋଡ଼ାଯାଇଥିଲା।

## ୧ ହଜାର ଲିଟରର ଦେଶୀ ପୋଚ ନଷ୍ଟ

### ପୁଲିସ ଚଢ଼ଉ କରୁଛି; ଅବକାରୀ ବିଭାଗ ଶୋଇଛି



**ତିହିଡ଼ି,୧।୩(ସମିସ):** ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ତାଳପଦା ଗ୍ରାମରେ ଥିବା ଦେଶୀ ମଦ ଭାଟି ଉପରେ ଶୁକ୍ରବାର ତିହିଡ଼ି ପୁଲିସ ଅତର୍କିତ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ଗୁଳ୍ମ ଜଙ୍ଗଲରେ ଲୁଚାଇ ରଖାଯାଇଥିବା ବିପୁଳ ପରିମାଣରେ ଗୁଡ଼ ପୋଚ ଠାବ କରାଯାଇଥିଲା। ୨୦ଟି ୫୦ ଲିଟରିଆ ଡ୍ରମ୍‌ରେ ରଖାଯାଇଥିବା ହଜାରେ ଲିଟରରୁ ଊର୍ଦ୍ଧ୍ୱ ଗୁଡ଼ ପୋଚ ସମ୍ପୂର୍ଣ୍ଣ ନଷ୍ଟ କରାଯାଇଥିଲା। ଚଢ଼ଉ ସମୟରେ ଭାଟି ମାଲିକ ଓ କର୍ମଚାରୀ ଫେରାର୍ ହୋଇଯାଇଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରିଛି। ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ନେତୃତ୍ୱରେ ଏହି ଚଢ଼ଉ ହୋଇଥିଲା।

ସୂଚନା ଥାଉକି, ଦୀର୍ଘ ବର୍ଷ ହେଲା ତିହିଡ଼ି ପୁଲିସ ଦ୍ୱାରା ତାଳପଦା ପଞ୍ଚାୟତରେ ଥିବା ୧୦ରୁ ଊର୍ଦ୍ଧ୍ୱ ମଦଭାଟି ଉପରେ ଚଢ଼ଉ କରି ଭାଙ୍ଗିବା ସହିତ ଗୁଡ଼ ପୋଚ ନଷ୍ଟ କରିଥାଏ। ମଦ ପ୍ରସ୍ତୁତ ଏବଂ କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥାଏ। କିନ୍ତୁ ପରଦିନ ଜାମିନରେ ଆସି ପୂର୍ବବତ୍ ମଦ ପ୍ରସ୍ତୁତ ଚାଲୁ ରଖନ୍ତି। ଏହି ଦେଶୀ ବିଷାକ୍ତ ମଦପିଇ ଉଶୃଙ୍ଖଳିତ ହେଉଛନ୍ତି ମଦୁଆ। ପରିବାରରେ ସୃଷ୍ଟି ହେଉଛି ବିଶୃଙ୍ଖଳା। ଅନ୍ୟପକ୍ଷରେ ତିହିଡ଼ି ପୁଲିସ ବିଭିନ୍ନ ସମୟରେ ଚଢ଼ଉ କରି ୩ ହଜାର ଲିଟର ମଦ ଜବତ କରିସାରିଥିଲା ବେଳେ କିନ୍ତୁ ଅବକାରୀ ବିଭାଗ ହାତ ବାନ୍ଧି ବସିଛି।

## ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସ୍ମୃତିଚାରଣ ସଭା



**ଆରଡ଼ି,୧।୩(ସମିସ):** ରବିବାର ଆରଡ଼ିପୀଠ ନିକଟସ୍ଥ ବଡ଼ଓଳଗ ଗାଁର ଅବସରପ୍ରାପ୍ତ ଆଞ୍ଚଳିକ ପର୍ଯ୍ୟବେକ୍ଷଣ ଅଧିକାରୀ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିସଭାରେ ସାହିତ୍ୟିକ ତଥା କବି ମନ୍ମଥ ବିଶ୍ୱାଳଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମହେନ୍ଦ୍ର ପଣ୍ଡା, ବାବାମଣି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, ଶିକ୍ଷକ କୁସଭଦ୍ର ସେଠୀ ଯୋଗଦେଇ ପୂର୍ଣ୍ଣଚନ୍ଦ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ ଏହି ସଭାରେ ଯୋଗ ଦେଇଥିବା ସାମ୍ବାଦିକ ସୁନିଲ କୁମାର ଦାସ, ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧିକାରୀ ନଳିନୀ ରଞ୍ଜନ ଷଡ଼ଙ୍ଗୀ, ପୁତ୍ର ପିନାକୀ ନାୟକ, ସାଇକ୍ରିଷ୍ଣା ନାୟକ, ସାଇରାମ ନାୟକ, ଝିଅ ସାଇଭବାନୀ, ସାଇକସ୍ତୁରୀ, ରାହାସ ବିହାରୀ ନାୟକ, ଚିତ୍ତରଞ୍ଜନ ନାୟକ, ରବିନ୍ଦ୍ର ନାୟକ ପ୍ରମୁଖ ସ୍ମୃତିଚାରଣ କରିବା ସହ ପୂର୍ଣ୍ଣଚନ୍ଦ୍ରଙ୍କ ଜୀବନି ଉପରେ ମତ ରଖିଥିଲେ।

## ସଙ୍କଟ ମୋଚନ ହନୁମାନ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ



**ବାସୁଦେବପୁର,୧।୩(ସମିସ):** ବାସୁଦେବପୁର ବ୍ଲକ୍ ଆର୍ତ୍ତୁଂ ପଞ୍ଚାୟତର ସଙ୍କଟ ମୋଚନ ହନୁମାନ କମିଟି ପକ୍ଷରୁ ହନୁମାନଙ୍କର ୧୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କମିଟି ପକ୍ଷରୁ ଏକ ବିରାଟ କଳସ ଶୋଭାଯାତ୍ରା କୁସୁମା ପୋଖରୀ ଛକରୁ ବାହାରି ଗାଁ ପରିକ୍ରମା କରି ଘଟୋତ୍ତୋଳନ କରିଥିଲେ। ପଣ୍ଡିତମାନଙ୍କ ବେଦମନ୍ତ୍ର ଧ୍ୱନୀରେ ତିନିଦିନ ଧରି ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶହଶହ ଭକ୍ତଙ୍କ ସମାଗମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଭଜନ ସମାରୋହ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଆୟୋଜିତ ସଭାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ଶିବାଜୀ ଚରଣ ନାୟକ ସଭାପତିତ୍ୱ କରିଥିଲେ। ଆର୍ତ୍ତୁଂ ପଞ୍ଚାୟତର ସରପଞ୍ଚ ସୁବାସ ଚନ୍ଦ୍ର ସନ୍ଧିବିଗ୍ରହ, ଶଶିକାନ୍ତ ରାଉତ ଓ ଗୌତମ ସେଠୀ ଯୋଗଦେଇଥିଲେ। ଜଗନ୍ନାଥ ଚେତନାର ପ୍ରବଚକ ଡ. ପଣ୍ଡିତ ସୁଶାନ୍ତ କୁମାର ପଣ୍ଡା ଯୋଗଦେଇ କୋଟି କୋଟି ଓଡ଼ିଆଙ୍କ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ ତତ୍ତ୍ୱ ଉପରେ ଆଧାରିତ ମାର୍ଗଦର୍ଶନ କରିଥିଲେ। ଆର୍ତ୍ତୁଂ ଗ୍ରାମର ସାମାଜିକ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ସୀତାକାନ୍ତ ରାଉତ, ଆକାଂକ୍ଷା ନାୟକ, ଉମାକାନ୍ତ ପ୍ରଧାନ, ପ୍ରଭାକର ରାଉତ, ସୁଷମା ନାୟକ ପ୍ରମୁଖ ବ୍ୟକ୍ତିଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କୁନିକୁନି ଶିଶୁମାନେ ନୃତ୍ୟ ପରିବେଷଣ କରିଥିଲେ।

## ପୋଲ ନିର୍ମାଣ ସ୍ଥାନ ପରିବର୍ତ୍ତନକୁ ବିରୋଧ; ଆନ୍ଦୋଳନ ଚେତାବନୀ





**ଧାମନଗର/ଅସୁରାଳି,୧।୩(ସମିସ)**

ଧାମନଗର ବ୍ଲକ୍ ଭଟସାହି ପଞ୍ଚାୟତ ନରହରିପୁର ନିକଟରେ କଣ୍ଡିଆ ନଦୀ ଉପରେ ପ୍ରସ୍ତାବିତ ପୋଲ ନିର୍ମାଣ ପାଇଁ ସ୍ଥାନ ନିରୂପଣ ସହ ଟେଣ୍ଡର ସରିଛି। ହେଲେ ରାଜନୈତିକ ଚାପରେ ସ୍ଥାନ ପରିବର୍ତ୍ତନକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହାକୁ ନେଇ ରବିବାର ନରହରିପୁର ଓଝା ସାହି ଗ୍ରାମବାସୀଙ୍କ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବ ନିର୍ଦ୍ଧାରିତ ପୋଲ ନିର୍ମାଣ ସ୍ଥାନ ପରିବର୍ତ୍ତନକୁ ବିରୋଧ ସହ ଆନ୍ଦୋଳନ ଚେତାବନୀ ଦିଆଯାଇଛି।

ଗ୍ରାମବାସୀମାନେ କହିଛନ୍ତି, ଗେଙ୍ଗୁଟି ନଦୀ (କଣ୍ଡିଆ) ନଦୀ ଉପରେ ଓଝା ସାହି ନିକଟରେ ପୋଲ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ପୂର୍ବରୁ ଯୋଜନା ରହିଥିଲା। କିନ୍ତୁ କିଛି ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିଙ୍କ ପ୍ରଭାବରେ ସେତୁର ସ୍ଥାନକୁ ପରିବର୍ତ୍ତନ କରି ନିକଟ ନିଆରୀ ସାହିକୁ ସ୍ଥାନାନ୍ତର କରାଯାଇଥିବା ଅଭିଯୋଗ କରିଛନ୍ତି। ସେମାନଙ୍କ ମତାନୁସାରେ, ନିଆରୀ ସାହି ନିକଟରେ ପୋଲ ଅଛି। ନୂତନ ପୋଲ ନିର୍ମାଣ ହେଲେ ଲୋକମାନଙ୍କୁ ସୁବିଧା ମିଳିବ ନାହିଁ। ତେବେ ନିର୍ଦ୍ଧାରିତ ଓଝା ସାହିରେ ପୋଲ ନିର୍ମାଣ ହେଲେ ୩ରୁ ୪ଟି ପଞ୍ଚାୟତର ହଜାର ହଜାର ଲୋକ ଏବଂ ଆରପଟ ବିଲକୁ ଯିବା ପାଇଁ ଚାଷୀ ଯାତାୟାତ ସୁବିଧା ପାଇପାରିବେ ବୋଲି ଦାବି କରିଥିଲେ। ତେଣୁ ଗ୍ରାମବାସୀମାନେ ସ୍ପଷ୍ଟ କରି କହିଛନ୍ତି ଯେ, ସେତୁ ଓଝା ସାହିଠାରେ ନିର୍ମାଣ କରାଯିବା ଦାବିରେ ସେମାନେ ଅଡ଼ି ବସିଛନ୍ତି। ଯଦି ଶୀଘ୍ର ଏହାର ସମାଧାନ ନ ହୁଏ ତେବେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏହି ପ୍ରସଙ୍ଗରେ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୁରୁତ୍ୱର ସହ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା କରାଇ ସ୍ଥାୟୀ ସମାଧାନ କରିବାକୁ ଗ୍ରାମବାସୀମାନେ ଦାବି ଜଣାଇଛନ୍ତି।

ସୂଚନଯୋଗ୍ୟ ଯେ, ପୂର୍ବରୁ ଏହି ପୋଲ ନିର୍ମାଣ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୮ ଜଣ ଗୁରୁତର ହୋଇ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି ବୋଲି ସୂଚନା ଦିଆଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ସୁଦୀପ୍ତ ସାମଲ, ଚନ୍ଦ୍ରଶେଖର ଓଝା, ହିମାଂଶୁ ସୂତାର, ବଳରାମ ସୂତାର, ଗଙ୍ଗାଧର ସୂତାର, ଜୟରାମ ଓଝା, ଜଗବନ୍ଧୁ ଦଳାଇ, ବାଦଲ ନାୟକ, ପ୍ରଭାକର ସୂତାର, ଆଲୋକ ନାୟକ, ଅନୁପ ନାୟକ, ମଦନ ସୂତାର, ପାର୍ବତୀ ସୂତାର, ନିରୁପମା ଦଳାଇ, ସ୍ମୃତିରେଖା ସୂତାର, କବିତା ଓଝା, ସରସ୍ୱତୀ ଦଳାଇ ଓ ରାଧା ଦଳାଇ ପ୍ରମୁଖଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ରହି ପୂର୍ବରୁ ନିର୍ଦ୍ଧାରିତ ସ୍ଥାନରେ ପୋଲ ନିର୍ମାଣ ପାଇଁ ଗ୍ରାମର ଦାବିକୁ ସମର୍ଥନ କରିଥିଲେ।

### ମୁଣ୍ଡାରୀ ଭାଷା ସମନ୍ୱୟ ସମିତି ବୈଠକ

# ଜନଗଣନା ସଚେତନତା ଓ ମୁଣ୍ଡା ସ୍ୱଶାସନ ବ୍ୟବସ୍ଥା ପୁନରୁଦ୍ଧାର ଜରୁରୀ

ବାରିପଦା, ୧।୩(ସମିସ)



ମୁଣ୍ଡାରି ଭାଷା ସମନ୍ୱୟ ସମିତି ଆହ୍ୱାନରେ ଓଡ଼ିଶାର ବିଭିନ୍ନ ପ୍ରମୁଖ ମୁଣ୍ଡା ସଂଗଠନର ପ୍ରତିନିଧି ବାରିପଦା ଅବସ୍ଥିତ ଜୁବିଲି ଲାଇବ୍ରେରୀର ସମ୍ମେଳନ କକ୍ଷରେ ଏକତ୍ରିତ ହୋଇଥିଲେ। ଆସନ୍ତା ଜନଗଣନା ସମ୍ପର୍କରେ ସାଧାରଣ ସଚେତନତା ସୃଷ୍ଟି କରିବା ଓ ମୁଣ୍ଡା ସମୁଦାୟର ପାରମ୍ପରିକ ସ୍ୱଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏହି ସଭାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସମନ୍ୱୟ ସମିତିର କନଭେନର ବିରବଲ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜନଗଣନାରେ ଜନଜାତିଙ୍କ ପାଇଁ ଗୁରୁତ୍ୱ ଉପରେ ବ୍ୟାପକ ଆଲୋଚନା ହୋଇଥିଲା।

ଗତବର୍ଷ ଓଡ଼ିଶା ସ୍କୁଲ୍ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷ ଦ୍ୱାରା କରାଯାଇଥିବା "ଚାଇଲ୍ଡ ଟ୍ରାକିଂ ସର୍ଭେ'ରେ ମୁଣ୍ଡାରି ଭାଷାକୁ ଭାଷା ତାଲିକାରେ ସାମିଲ କରାଯାଇନଥିବା ବିଷୟଟି ନେଇ ଗଭୀର ଚିନ୍ତା ପ୍ରକାଶ କରାଯାଇଥିଲା। ଏହି ଅବହେଳା ଜନଜାତି ସମୁଦାୟଙ୍କ ସଠିକ୍ ପ୍ରତିନିଧିତ୍ୱକୁ ଦୁର୍ବଳ କରୁଛି ବୋଲି ବକ୍ତାମାନେ କହିଥିଲେ। ଆସନ୍ତା ଜନଗଣନାରେ ସାମାଜିକ ଆର୍ଥିକ ଓ ଜାତିଭିତ୍ତିକ ତଥ୍ୟ ଉପରେ ବିଶେଷ ଗୁରୁତ୍ୱ ଦିଆଯିବାକୁ ଥିବାରୁ ସମୁଦାୟର ସାମାଜିକ, ଧାର୍ମିକ ଓ ଭାଷାଗତ ପରିଚୟ ସ୍ପଷ୍ଟ ଓ ସଠିକ୍ ଭାବେ ଲିପିବଦ୍ଧ ହେବା ଆବଶ୍ୟକ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ପୂର୍ବ ଜନଗଣନା ସମୟରେ ଅନେକ ମୁଣ୍ଡାରିଭାଷୀ ଲୋକ ଓଡ଼ିଆ, ବଙ୍ଗାଳୀ, ହିନ୍ଦୀ କିମ୍ବା ଭୁମିଜ୍‌କୁ ମାତୃଭାଷା ଭାବେ ଉଲ୍ଲେଖ କରିଥିବାରୁ ମୁଣ୍ଡାରିଭାଷୀଙ୍କ ସଂଖ୍ୟା ବାସ୍ତବ ଆକଳନଠାରୁ କମ୍ ଦେଖାଯାଇଥିଲା। ଏ ପରିପ୍ରେକ୍ଷୀରେ ସମସ୍ତ ମୁଣ୍ଡା ସଂଗଠନ ମିଳିତ ଭାବେ କାର୍ଯ୍ୟ କରି ମୁଣ୍ଡା ପରିବାରମାନଙ୍କୁ ଜନଗଣନାକାରୀଙ୍କୁ ସଠିକ୍ ତଥ୍ୟ ଦେବା ପାଇଁ ସଚେତନ କରିବେ ବୋଲି ସର୍ବସମ୍ମତିରେ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ଏ ଅବସରରେ ଏକ ସଚେତନତା ପତ୍ରିକା ଉଦ୍‌ଘାଟିତ କରାଯାଇଥିଲା। ଯାହାକୁ ସଂଗଠନର ତୃଣମୂଳ ସ୍ତରର କର୍ମୀ ସମସ୍ତ ମୁଣ୍ଡା ପରିବାରକୁ ବଣ୍ଟନ କରିବେ।

ବୈଠକର ଦ୍ୱିତୀୟ ମୁଖ୍ୟ ଆଲୋଚ୍ୟ ବିଷୟ ଥିଲା ମୁଣ୍ଡାମାନଙ୍କ ପାରମ୍ପରିକ ସ୍ୱ-ଶାସନ ବ୍ୟବସ୍ଥାର ସୁଦୃଢ଼ୀକରଣ। ବିଭିନ୍ନ ବାହ୍ୟ ପ୍ରଭାବରୁ ଏହି ପ୍ରଣାଳୀ ଦୁର୍ବଳ ହେଉଥିବା ଉପରେ ଆଲୋଚନା ହୋଇ, ଗ୍ରାମ ସ୍ତରରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ବୈଠକ ଆୟୋଜନ କରି ମୁଣ୍ଡା ପାରମ୍ପରିକ ଶାସନ ବ୍ୟବସ୍ଥାକୁ ପୁନରୁଜ୍ଜୀବିତ କରିବାକୁ ସମସ୍ତ ସଂଗଠନ ସର୍ବସମ୍ମତିରେ ନିଷ୍ପତ୍ତି ନେଇଥିଲେ। ଏହି ବୈଠକରେ କମିଟିର ସାଧାରଣ ସମ୍ପାଦକ ସୁନାରାମ ସିଂହ, ଭାରତ ମୁଣ୍ଡା ସମାଜର ଅଧ୍ୟକ୍ଷ ରବୀନ୍ଦ୍ରନାଥ ସିଂହ, ଓଡ଼ିଶା ପାହାନ ଗୁଟଗାମର ଅଧ୍ୟକ୍ଷପୂର୍ଣ୍ଣ ଚନ୍ଦ୍ର ସିଂ, ପାହାନ ଗୁରୁ ବସନ୍ତ କୁମାର ସିଂହ, ମୁଣ୍ଡାରି ୟୁଟ୍ୟୁବର୍ସ ପ୍ରୋଡ୍ୟୁସର୍ସ ଓ ଆର୍ଟିଷ୍ଟ ଆସୋସିଏସନର ସାଧାରଣ ସମ୍ପାଦକ ଲକ୍ଷ୍ମୀରାମ ସିଂହ, ଓଡ଼ିଶା ମୁଣ୍ଡା ଛାତ୍ର ସଂଘର ଅଧ୍ୟକ୍ଷ ମଙ୍ଗଲ ସିଂହ, ଜିଲ୍ଲା ପରିଷଦ ସଦସ୍ୟ (ଜୋନ୪୯) ମଧୁସୂଦନ ସିଂହ ଓ ପର୍ଯ୍ୟବେକ୍ଷକ ରାମେଶ୍ୱର ସିଂହ ଚାଲାକୀ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହ ଜିଲ୍ଲା ସମ୍ପାଦକ ବୁଧିଆ ସିଂହ, ଶଶୀଧର ସିଂହ ଓ ଅନ୍ନପୂର୍ଣ୍ଣା ସିଂହ, ବେତନଟି ବ୍ଲକ କନଭେନର ତପନ କୁମାର ସିଂହ, ସାମଖୁଣ୍ଟା ବ୍ଲକ କନଭେନର ରାମଚନ୍ଦ୍ର ସିଂହ, ଖୁଣ୍ଟା ବ୍ଲକ କନଭେନର ରଙ୍ଗା ସିଂହ, ବଡସାହି ବ୍ଲକ କନଭେନର ବୈଦ୍ୟନାଥ ସିଂହ ଓ ମୁଣ୍ଡାରି ବିଦ୍ୟାଳୟର ଶିକ୍ଷକମାନେ ସଭାରେ ଯୋଗଦେଇଥିଲେ।

## ତିନୋଟି ଜଙ୍ଗଲରେ ଲାଗିଛି ନିଆଁ



ରାସଗୋବିନ୍ଦପୁର,୧।୩ (ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ତିନୋଟି ଜଙ୍ଗଲରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ରଙ୍ଗାମାଟିଆଠାରେ ଏକ ଜଙ୍ଗଲରେ ନିଆଁ ଲାଗିବା ସହ ରାସଗୋବିନ୍ଦପୁର ଏୟାରଷ୍ଟ୍ରିପ ବାଉଁଶ ବଣରେ ଭୟଭୟ ନିଆଁ ଲାଗିଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଶୁଷ୍କ ପତ୍ର ଓ ପବନର ତୀବ୍ର ଗତି କାରଣରୁ ନିଆଁ ଦ୍ରୁତ ଗତିରେ ପ୍ରସାରିତ ହୋଇଥିଲା। ବାଉଁଶ ବଣରେ ନିଆଁ ଲାଗିବା ସହ ଅଗ୍ନିଶିଖା ଉଚ୍ଚରେ ଉଠୁଥିବାରୁ ଏୟାରଷ୍ଟ୍ରିପଠାରେ ରାସଗୋବିନ୍ଦପୁର ପୁଲିସ ପକ୍ଷରୁ ଜବତ କରାଯାଇ ରଖାଯାଇଥିବା ଏକ ଜେସିବିରେ ମଧ୍ୟ ଜଙ୍ଗଲରୁ ନିଆଁ ଲାଗିଥିଲା। ତେବେ ଅଗ୍ନିଶମ ବାହିନୀ ଏହାକୁ ଆୟତ୍ତ କରିଥିଲେ। ସନ୍ଧ୍ୟାରେ ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ସାରୁମୂଳା ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଥିବା ଅଗ୍ନିଶମ ବାହିନୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅଗ୍ନିଶୋମ ବାହିନୀ ପକ୍ଷରୁ ଏସଓ ରବୀନ୍ଦ୍ର କୁମାର ସେଠୀ, ଏଲଏଫଏଫ ଡି. ଜେନା, ଏସ.କେ ପ୍ରଧାନ, ଏଫଏଫଡି ଏସ ସେଠୀ, ଏଫ.ଏଫ ଆର ପାତ୍ର, କେ.ସି ବେହେରା, ଏସ ବରାଳ, ଏସ ଭଞ୍ଜ, ଆର.କେ ମହାନ୍ତ, ଏସ ଟୁଡୁ, ଜେ ମାଝୀ ପ୍ରମୁଖ ନିଆଁକୁ ଆୟତ୍ତ କରିଥିଲେ। ଗୋଟିଏ ଦିନରେ ତିନୋଟି ସ୍ଥାନରେ ଜଙ୍ଗଲ ନିଆଁ ଲାଗିବା ଘଟଣା ପରିବେଶ ପାଇଁ ଗଭୀର ଚିନ୍ତାର ବିଷୟ ହୋଇଛି। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ।

## ବେଙ୍ଗାଲୁରୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ



କୁଆମରା,୧।୩(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ ଭୋଲାଗୋଡିଆ ପଞ୍ଚାୟତ ବଡ଼ଓଳିଆ ଗ୍ରାମର ଉପେନ୍ଦ୍ର ନାଏକ (୪୫) ନାମକ ଜଣେ ବ୍ୟକ୍ତି ଶ୍ରମିକ ଭାବେ ବେଙ୍ଗାଲୁରୁରେ କାମ କରୁଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଉପେନ୍ଦ୍ର ପ୍ରାୟ ୪ ବର୍ଷ ହେବ ବେଙ୍ଗାଲୁରୁର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଶନିବାର ମଧ୍ୟାହ୍ନରେ କାର୍ଯ୍ୟ କରୁଥିବାବେଳେ ହଠାତ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମୃତ୍ୟୁର ସଠିକ କାରଣ ଜଣାପଡିନାହିଁ। ଆସନ୍ତାକାଲି ବ୍ୟବଚ୍ଛେଦ ହେବ ବୋଲି ପରିବାର ପକ୍ଷରୁ ଜଣାପଡ଼ିଛି। ତେବେ ସେଠାରୁ ଉପେନ୍ଦ୍ରଙ୍କ ମୃତ ଶରୀର କିପରି ଏଠାରେ ପହଞ୍ଚିବ, ତାହା ପରିବାର ପାଇଁ ଚିନ୍ତା ବିଷୟ ପାଲଟିଛି। ଉପେନ୍ଦ୍ରଙ୍କ ପରିବାର ଅତ୍ୟନ୍ତ ଗରିବ ଓ ଖଟିଖିଆ ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି।

## ବନ ବିଭାଗର ଭୂମିକା ସନ୍ଦେହଜନକ ହେବାରୁ
## ଗ୍ରାମବାସୀଙ୍କ ଆକ୍ରମଣରେ ଫରେଷ୍ଟର ଆହତ

ମହୁଲଡିହା,୧।୩(ସମିସ): କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ବଣ୍ୟପ୍ରାଣୀ ବନାଞ୍ଚଳ ଅନ୍ତର୍ଗତ କେଶଡିହା ସଂରକ୍ଷିତ ଜଙ୍ଗଲ କମ୍ପାର୍ଟମେଣ୍ଟ ୧୪ରେ ୩ଟି ପିଆଶାଳ ଗଛ କଟାଯାଇଥିଲା। ପାଟ୍ରୋଲିଂ ସମୟରେ ସନ୍ଧାନ ପାଇବା ପରେ ୨୮ ତାରିଖ ରାତିରେ ବଣ୍ୟପ୍ରାଣୀ ବନ ବିଭାଗର ବାହାଘର ସେକ୍ସନର ବନପାଳ ମନଜିତ ପ୍ରସାଦ ମହାନ୍ତ ଏକ ଟ୍ରାକ୍ଟର ଯୋଗେ ୬ଟି ଗଣ୍ଡି ଲୋଡ଼ କରି ନେଉଥିଲେ। ରାତିରେ ଟ୍ରାକ୍ଟରରେ ପିଆଶାଳ ଗଣ୍ଡି ନେବା ପଛରେ ବନ କର୍ମଚାରୀଙ୍କ ମନ୍ଦ ଉଦ୍ଦେଶ୍ୟ ରହିଥିବା ସନ୍ଦେହରେ ଲୋକେ ଟ୍ରାକ୍ଟର ସମେତ କର୍ମଚାରୀଙ୍କୁ ଅଟକ ରଖିଥିଲେ। ଗ୍ରାମବାସୀ ବନପାଳଙ୍କୁ ଆକ୍ରମଣ କରିଥିବା ମହୁଲଡିହା ଥାନାରେ ଅଭିଯୋଗ ହୋଇ ମାମଲା ରୁଜୁ ହୋଇଛି। ବନପାଳ ଦେଇଥିବା ଏତଲା କ୍ରମେ ୧ ତାରିଖ ମଙ୍ଗଲ ସିଂ ବାନରା, ଘନଶ୍ୟାମ ସଏ, ସିଙ୍ଗ ପୂର୍ତ୍ତି ଓ ପାତର ବାନରାଙ୍କ ନାମରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି। ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ବନପାଳଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗର ସତ୍ୟାସତ୍ୟ ନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି ହେଉଛି।

## ଚୁଲିରୁ ନିଆଁ ଲାଗି ବୃଦ୍ଧାଙ୍କ ମୃତ୍ୟୁ
### ବଞ୍ଚାଇବାକୁ ଯାଇ ସ୍ୱାମୀ ପୋଡି ହୋଇ ଗୁରୁତର



ରାଇରଙ୍ଗପୁର,୧।୩ (ସମିସ): ଚୁଲିରୁ ନିଆଁ ଲାଗି ଅଗ୍ନିକାଣ୍ଡ ଘଟି ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ସ୍ତ୍ରୀକୁ ବଞ୍ଚାଇବାକୁ ଯାଇ ସ୍ୱାମୀ ପୋଡି ହୋଇ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ମୃତ ବୃଦ୍ଧା ଜଣକ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଚମ୍ପଉଦା ଗ୍ରାମର ବଡ଼ସାହିର ଲାଖିୟାନ ମୁର୍ମୁ ଓ ଆହତ ସ୍ୱାମୀ ହେଲେ ରାମଦାସ ମୁର୍ମୁ। ଲାଖିୟାନ ସ୍ୱାମୀଙ୍କ ପାଇଁ ଚା' କରିବାକୁ ରୋଷେଇ ଘରକୁ ଯାଇଥିଲେ। ସେଠାରେ ଚା' କରିବା ବେଳେ ଅସାବଧାନତା କାରଣରୁ ଚୁଲି ନିଆଁ ଶାଢ଼ୀକୁ ଲାଗିଯାଇଥିଲା। ଏହା ଦେଖି ସ୍ୱାମୀ ରାମଦାସ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ଫଳରେ ସେ ମଧ୍ୟ ନିଆଁରେ ପୋଡି ଯାଇଥିଲେ। ଉଭୟଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଲାଖିୟାନଙ୍କୁ ମୃତ ଘୋଷଣା କରିଥିଲେ। ତେବେ ରାମଦାସଙ୍କ ଚିକିତ୍ସା ଜାରି ରହିଛି।

## ଇଂରାଜୀ ଓ ଗଣିତ ବିଭାଗ ଅଧ୍ୟାପକଙ୍କୁ ଅବସର ସମ୍ବର୍ଦ୍ଧନା




ବାଲିବନ୍ଧ,୧।୩(ସମିସ): ଝୁମ୍ପୁରା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଶଶାଙ୍କଶେଖର ନାୟକ ଏବଂ ଗଣିତ ବିଭାଗର ଅଧ୍ୟାପକ ବିଷ୍ଣୁ ଚରଣ ସାହୁ ନିଜ ଚାକିରି ଜୀବନରୁ ଅବସର ନେଇଛନ୍ତି। ଏହି ଅବସରରେ ଶନିବାର ମହାବିଦ୍ୟାଳୟ ପକ୍ଷରୁ ଉଭୟ ଅଧ୍ୟାପକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ଦେବବ୍ରତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବଡ଼ବିଲ୍ ମହାବିଦ୍ୟାଳୟର ଇଂରାଜୀ ବିଭାଗର ଅବସରପ୍ରାପ୍ତ ଅଧ୍ୟାପକ ଅଶୋକ ଝା, ଅଧ୍ୟାପିକା ଅନିତା, ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ର ବରିଷ୍ଠ ଇଂରାଜୀ ଅଧ୍ୟାପକ ଅଶ୍ୱିନୀ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଡ. ମନୋରଞ୍ଜନ କର, ଅଧ୍ୟାପକ ପ୍ରଦ୍ୟୁମ୍ନ କିଶୋର ବେଉରା, ଅଧ୍ୟାପକ ନାରାୟଣ ସାହୁ, ଅଶ୍ୱନୀ କୁମାର ପ୍ରଧାନ, ତ୍ରିଲୋଚନ ମହାନ୍ତ, ଅରୁଣ କୁମାର ମେହେର, ଅଧ୍ୟାପିକା ସୁଭସ୍ମିତା ପଣ୍ଡା, ଚିନ୍ମୟୀ ପରିଡ଼ା , ଗୀତାରାଣୀ ସିଂହ, କଲ୍ୟାଣୀ ଗିରି, କ୍ରୀଡ଼ା ଶିକ୍ଷକ ଶିଶିର କୁମାର ପ୍ରଧାନ, ଦୀପକ ମହାନ୍ତ, ତଥା ଅନୁଷ୍ଠାନର ସମସ୍ତ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

## ଟ୍ରାନ୍ସଫର୍ମର କୋର ଓ କଏଲ ଚୋରି

ରାଇରଙ୍ଗପୁର,୧।୩(ସମିସ): ରାଇରଙ୍ଗପୁର ଅଞ୍ଚଳରୁ ଟ୍ରାନ୍ସଫର୍ମର କୋର ଓ କଏଲ ଚୋରି ହୋଇଛି। ଏ ନେଇ ଟାଟା ପାୱାର ରାଇରଙ୍ଗପୁରର କଣ୍ଟାବଣି ବିଦ୍ୟୁତ ସେକ୍ସନର ଗୋବିନ୍ଦ ଚନ୍ଦ୍ର ପ୍ରଧାନ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସାନପାଖନା ଗ୍ରାମ ଅଞ୍ଚଳରେ ବିଦ୍ୟୁତ ସମସ୍ୟା ହେବାରୁ ଲାଇନମ୍ୟାନ ଯାଞ୍ଚ କରିଥିଲେ। ତେବେ ଟ୍ରାନ୍ସଫର୍ମର ମଧ୍ୟରୁ କୋର ଓ କଏଲ ଚୋରି ହୋଇଥିବା ସୂଚନା ପାଇଥିଲେ। ଫଳରେ ଉକ୍ତ ଗ୍ରାମର ଉପଭୋକ୍ତା ଅନ୍ଧାରରେ ଅଛନ୍ତି। ଚୋରି ଯନ୍ତ୍ରାଂଶର ଆନୁମାନିକ ମୂଲ୍ୟ ୫୦,୦୦୦ ଟଙ୍କା ଅଟେ। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## କଣ୍ଟିପାଳରେ ଅଷ୍ଟପ୍ରହର ନାମଯଜ୍ଞ



ଆନନ୍ଦପୁର,୧।୩(ସମିସ): ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ପଞ୍ଚାୟତର ବେହେରା ସାହିରେ ଚତୁର୍ଥ ବାର୍ଷିକ ନାମ ସଂକୀର୍ତ୍ତନ ତଥା ଅଷ୍ଟପ୍ରହରୀ ଅନୁଷ୍ଠିତ ହୋଇଯାଇଛି। ଏହି ପବିତ୍ର ମହୋତ୍ସବରେ କୁନିବାବା ପୌରୋହିତ୍ୟ କରିଥିଲେ। ରାମଚନ୍ଦ୍ର ବେହେରା, ଲଳିତ, ଭାଗୀରଥି, ନିରଞ୍ଜନ, ସଞ୍ଜୟ, ମନମୋହନ, ପ୍ରଶାନ୍ତ, ବିବେକାନନ୍ଦ, ଦେବାଶିଷ ଚକ୍ର ଓ କହ୍ନେଇ ଜେନା ପ୍ରମୁଖ କଳସ ବୁଡ଼ାକରି ଆସ୍ଥାନରେ ସ୍ଥାପନ କରିଥିଲେ। ଅଷ୍ଟପ୍ରହରୀ ପରିଚାଳକ ମଣ୍ଡଳୀର ଅଭିନ ବେହେରା, ମୋନାଜ୍, ଭଗବାନ, ନିରଞ୍ଜନ, ସଙ୍ଖାଳି ରାଉତ, ଗୋପୀନାଥ ବରାଳ, କ୍ଷୀରୋଦ ପ୍ରସାଦ ଦାସ, ପଦ୍ମ ନାଭ ଓ ମାୟାଧର ପ୍ରମୁଖ ସହଯୋଗ କରିଥିଲେ।

## ସୋସୋ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ହାଟଡ଼ିହୀ,୧।୩(ସମିସ): ହାଟଡ଼ିହୀ ବ୍ଲକ ଅଧୀନସ୍ଥ ସୋସୋ କ୍ଲଷ୍ଟର ସୋସୋ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ରାଉତଙ୍କ ସଂଯୋଜନାରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ସମ୍ମାନିତ ଅତିଥି ଭାବେ ସଭାପତି ରମେଶ ମହାନ୍ତି, ସଙ୍ଖାଳି ଚରଣ ରଣା, ଏସ୍ଏମ୍‌ସି ସଭାପତି ବସନ୍ତ କୁମାର ମହାନ୍ତି, କୃଷ୍ଣଚନ୍ଦ୍ର ପାଗଳ, ଉଷାରାଣୀ ବାରିକ, ସିଆରସିସି ବୁଦ୍ଧଦେବ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ପବିତ୍ର ବାରିକ, ସୁଜିତ କୁମାର ମହାନ୍ତି, ଶିକ୍ଷୟିତ୍ରୀ ଅଙ୍ଗୁରବାଳା ସେନାପତି ଜୟନ୍ତୀରାଣୀ ପଣ୍ଡା, ପୁଷ୍ପଲତା ନାୟକ, ସୁସନ୍ଧ୍ୟା ପ୍ରିୟଦର୍ଶିନୀ ମହାନ୍ତି, ସଙ୍ଗୀତା ଜେନାଙ୍କ ସମେତ ଶିଶୁ ସେବିକା ସୁନିତା ଜେନା ପରିଚାଳନା କରିଥିଲେ। ଶିକ୍ଷକ ସୁଜିତ ମହାନ୍ତି ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ପିଲାଙ୍କୁ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।

## ତାଲା ବନ୍ଦ ଘରୁ ଚୋରି

ରାଇରଙ୍ଗପୁର,୧।୩ (ସମିସ): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ତାଲା ବନ୍ଦ ଘରୁ ଚୋରି ହୋଇଛି। ଏ ନେଇ ଛଣପାଲା ଗ୍ରାମର ଚନ୍ଦନ କୁମାର ମହାନ୍ତ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ସେ ତାଙ୍କ ପରିବାର ଲୋକଙ୍କ ସହ ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଆଲମାରୀ ତାଲା ଭାଙ୍ଗି ଅଳଙ୍କାର ଓ ଟଙ୍କା ଆଦି ଚୋରି କରି ନେଇଯାଇଥିଲେ। ସେ ଘରକୁ ଫେରି ଘଟଣା ବାବଦରେ ଜାଣି ଥାନାରେ ଅଭିଯୋଗ କରିଛନ୍ତି।

## ଟ୍ରାକ୍ଟର ଧକ୍କାରେ ମୃତକଙ୍କ ପତ୍ନୀଙ୍କୁ ସହାୟତା

ମାଣଡ୍ରୀ, ୧।୩(ସମିସ): ଶୁକ୍ରବାର ଇଟା ବୋଝେଇ ଟ୍ରାକ୍ଟର ଧକ୍କାରେ ମୃତ୍ୟୁବରଣ କରିଥିବା ସରୋଜ ନାଏକଙ୍କ ପତ୍ନୀଙ୍କୁ ରବିବାର ମୟୂରଭଞ୍ଜ ଜିଲ୍ଲା ରେଡକ୍ରସ ପକ୍ଷରୁ ୧୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି।



ଶନିବାର ମୃତ ସରୋଜ ନାଏକଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଉତ୍ତେଜିତ ଗ୍ରାମବାସୀ ଦୁର୍ଘଟଣା ସ୍ଥଳରେ ମୃତଦେହ ରଖି ମାଣଡ୍ରୀ-ବଡସାହି ରାସ୍ତା ଅବରୋଧ କରିଥିଲେ। ବଡସାହି ତହସିଲଦାର କରୁଣାର ଧିହ୍ନା ଓ ବୈଶିଙ୍ଗା ଆଇଆଇସି ବାରିଣୀ ଦାସ ପହଞ୍ଚି ରାସ୍ତା ଅବରୋଧ ହଟାଇଥିଲେ। ଗ୍ରାମବାସୀଙ୍କୁ ମାଣଡ୍ରୀ ଫାଣ୍ଡିକୁ ଡକାଇ ସମାଧାନ ପନ୍ଥା ବାହାର କରିଥିଲେ। ରାତି ୯ଟା ବେଳକୁ ଶେଷରେ ମୃତଦେହ ଅନ୍ତିମ ସଂସ୍କାର ପାଇଁ ନେଇଥିଲେ। ଆଲୋଚନା ମୁତାବକ ବାରିପଦା ଉପଜିଲ୍ଲାପାଳ ଡ ଦୟାସିନ୍ଧୁ ପରିଡାଙ୍କ ସୁପାରିଶ କ୍ରମେ ଜିଲ୍ଲାପାଳ ହେମକାନ୍ତ ସଏ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ମଞ୍ଜୁର କରିଥିଲେ। ରବିବାର ମାଣଡ୍ରୀ ଭାରପ୍ରାପ୍ତ ଆରଆଇ ହଲ୍ୟା ବେହେରା ମୃତକଙ୍କ ଘର ଗୌଡଗାଁକୁ ଯାଇ ତାଙ୍କ ପତ୍ନୀଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ। ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ଶଶୀଶେଖର ପଣ୍ଡା ଉପସ୍ଥିତ ଥିଲେ।

## ସାର୍ନା ଧର୍ମାବଲମ୍ବୀଙ୍କ ବୈଠକ

ସାରସକଣା,୧।୩(ସମିସ): ସାରସକଣା ବ୍ଲକ ଝାରପୋଖରୀଆ ଥାନା ଅନ୍ତର୍ଗତ ନାରାନଡିହି ଗ୍ରାମର ମାଝୀବାବା ନାରାନ ମୁର୍ମୁଙ୍କ ନେତୃତ୍ୱରେ ପଣ୍ଡିତ ପଡ଼ିଆ ନାରାନଡିହିରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜଟିଆଶୋଳ, ଲହଣ୍ଡାକଚା, ଖୋଡିପାହାଡି, ଲଆଡିହି, ଢାଲଙ୍ଗସାହି, ଢୁଙ୍ଗୁରିଡିହି ଗ୍ରାମର ମାଝୀବାବା ଓ ଗ୍ରାମବାସୀ ସହିତ ସାରସକଣା ତରଫ୍ ପାର୍ଗାନା ନିମାଇଁ ଚରଣ ମାର୍ଣ୍ଡି, ପୋଖରୀଆ ପିଲ୍ ପାର୍ଗାନା ନିମାଇଁ ମୁର୍ମୁ ଆଦି ଉପସ୍ଥିତ ଥିଲେ।



ଏଥିରେ ସାର୍ନା ଧର୍ମର ଇଷ୍ଟଦେବତା ମାରାଂବୁରୁ, ଜାହେର ଆୟ, ମଣେକ-ତୁରୁୟ-କୋ ରୂପରେ ପୂଜାର୍ଚ୍ଚନା କରାଯାଉଥିବା ପାଷାଣ (ପଥର)କୁ ଧାର୍ମିକ ସ୍ଥଳ ନାରାନଡିହି ଜାହେର ଗାଳଠାରୁ ଗତ ୨୧ ତାରିଖରେ ଚୋରି କରାଯାଇ ସେଠାରେ ହନୁମାନଙ୍କ ଫଟୋ ସହ ଗେରୁଆ ପତାକା ଲଗାଇ ଦିଆଯାଇଥିବା ବିଷୟରେ ଆଲୋଚନା କରାଯାଇଥିଲା। ଜାହେର ଗାଳରେ ହନୁମାନ ଫଟୋ ସହ ଗେରୁଆ ବସ୍ତ୍ର ରଖାଯିବା ସାର୍ନା ଧର୍ମାବଲମ୍ବୀ ଲୋକଙ୍କ ପ୍ରତି ବହୁତ ବଡ଼ ଷଡ଼ଯନ୍ତ୍ର ଓ ଧାର୍ମିକ ଆକ୍ରମଣ ଅଟେ। ଏହା ପ୍ରକୃତି ପୂଜକ ଆଦିବାସଙ୍କ ଦେବଦେବୀଙ୍କ ଉପରେ ଅନ୍ୟାୟ, ଅତ୍ୟାଚାର, ଅପମାନ, ଅସମ୍ମାନ କରାଯାଇଛି। ଆଦିବାସୀଙ୍କ ଆସ୍ଥା ଓ ବିଶ୍ୱାସ ଉପରେ ବଡ କୁଠାରଘାତ ବୋଲି ଦର୍ଶାଇଛନ୍ତି। ତେଣୁ ଉକ୍ତ ମାମଲା ସମସ୍ତ ଆଦିବାସୀ ସାମାଜିକ ସଂଗଠନ ଏକତ୍ରିତ ହେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଅବିଳମ୍ବେ ଉଚ୍ଚସ୍ତରୀୟ ତଦନ୍ତ କରାଇବା ସହିତ ଦୋଷୀଙ୍କୁ ଚିହ୍ନଟ କରି ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଇବା ପାଇଁ ଆସନ୍ତା ମାର୍ଚ୍ଚ ୨୩ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ମୟୁରଭଞ୍ଜ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବାର ନିଷ୍ପତ୍ତି ନିଆଯାଇଛି। ଉକ୍ତ ବୈଠକରେ ଛୋଟରାୟ ସୋରେନ, ଶଙ୍କର ମୁର୍ମୁ, ରାମେଶ୍ୱର ହାଁସଦା, ବନମାଳୀ ମୁର୍ମୁ, ବାଘ୍ରାୟ ବାସ୍କେ ଉପସ୍ଥିତ ଥିଲେ।

## ନୂଆଦିଲ୍ଲୀରେ ମୟୂରଭଞ୍ଜ ଛଉ ନୃତ୍ୟ ମହୋତ୍ସବ

ମୋରଡା,୧।୩(ସମିସ)




ମୟୂରଭଞ୍ଜ ଛଉ ନୃତ୍ୟର ପ୍ରଥମ ମହିଳା ନୃତ୍ୟଗୁରୁ ତଥା ଶିଳ୍ପୀ ସ୍ୱର୍ଗତା ସୁଲୋଚନା ମହାନ୍ତଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ନୂଆଦିଲ୍ଲୀସ୍ଥ ଏଲଟିଜି ଅଡିଟୋରିୟମରେ ମୟୂରଭଞ୍ଜ ଛଉ ନୃତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସୁଲୋଚନା ମହାନ୍ତ ୧୯୭୩ରେ ବାରିପଦା ଚୈତ୍ର ପର୍ବରେ ନୃତ୍ୟ କରୁଥିବା ଅବସ୍ଥାରେ ହିଁ ପ୍ରାଣତ୍ୟାଗ କରିଥିଲେ। ତାଙ୍କ ସ୍ମୃତିରେ ରାମଲକ୍ଷ୍ମୀ ଛଉ ଡ୍ୟାନ୍ସ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ନୃତ୍ୟାଙ୍ଗନା ପଦ୍ମବିଭୂଷଣ ଡ. ସୋନାଲ ମାନସିଂହ, ସମ୍ମାନିତ ଅତିଥି ଭାବେ ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମାର ରେଜିଷ୍ଟାର ଛୋଟଲାଲ ମହାନ୍ତ, ରାଜଗୁରୁ ଜି ଓ ଦେଶର ବହୁ ବିଶିଷ୍ଟ କଳାକାର ଯୋଗଦେଇ ସ୍ୱର୍ଗତ ମହାନ୍ତଙ୍କ କଳା ପ୍ରତି ଥିବା ଅବଦାନକୁ ମନେ ପକାଇଥିଲେ। କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଫାଉଣ୍ଡେସନ୍ ପକ୍ଷରୁ ଚଳିତବର୍ଷ ବାରିପଦା ଉତ୍ତରସାହିର ଗୁରୁ ଲୋକନାଥ ମହାନ୍ତଙ୍କୁ ସୁଲୋଚନା ମହାନ୍ତ ସମ୍ମାନ, ଶଶୀଧରନ୍ ନାୟାରଙ୍କୁ ଗୁରୁ ଶ୍ରୀହରି ନାୟକ ସମ୍ମାନ, ଶ୍ରେଷ୍ଠ ମହିଳା କଳାକାର ଭାବେ କାମିନୀ ବିନ୍ଧାଣୀ, ଶ୍ରେଷ୍ଠ ପୁରୁଷ କଳାକାର ଭାବେ ଚନ୍ଦ୍ରଶେଖର ଦାସଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ରାମହରି ମହାନ୍ତ ଓ ଲକ୍ଷ୍ମୀମଣି ମହାନ୍ତଙ୍କ ନୃତ୍ୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

**ବିସ୍ମୃତ କଳାକାର ସୁଲୋଚନା ମହାନ୍ତଙ୍କୁ ଶ୍ରଦ୍ଧାଞ୍ଜଳି**

**ନୃତ୍ୟ କରୁଥିବା ଅବସ୍ଥାରେ ପ୍ରାଣତ୍ୟାଗ କରିଥିଲେ ସୁଲୋଚନା**

## ଆଜିର ରାଶିଫଳ

**ମେଷ:** ଅଜଣା ଲୋକଙ୍କୁ ବିଶ୍ୱାସ କରି ନିବେଶ କରନ୍ତୁନି। ରାଜନେତାଙ୍କ ପାଇଁ ଦିନଟି ଭଲ। ଅଫିସ୍ କାର୍ଯ୍ୟ ପୂରା କରିବେ। ପଡୋଶୀଙ୍କ ସହ ସୁସମ୍ପର୍କ ବଢ଼ିବ। ପ୍ରେମ ଜୀବନ ସୁଖମୟ ହେବ।

**ବୃଷ:** ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦାନଧର୍ମ କରନ୍ତୁ। ଭାବିଚିନ୍ତି କଥା କୁହନ୍ତୁ।

**ମିଥୁନ:** ବୁଝି ବିଚାରି କାମ କରନ୍ତୁ। ଅଯଥାରେ ଖର୍ଚ୍ଚାନ୍ତ ହୋଇପାରନ୍ତି। ସମସ୍ୟାର ସମାଧାନ ହୋଇପାରେ। ବିଦ୍ୟାର୍ଥୀ ଖେଳକୁଦରେ ଅଧିକ ସମୟ ବିତାଇବେ। ଦାନଧର୍ମ କରନ୍ତୁ।

**କର୍କଟ:** ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଅଚାନକ ଖୁସି ଖବର ପାଇପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ଭେଟ ହୋଇପାରେ। ଯାନବାହନ କ୍ରୟ କରିପାରନ୍ତି। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ।

**କନ୍ୟା:** ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହିତ ସେୟାର କରନ୍ତୁନି। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ଅଫିସ୍ କାମକୁ ନେଇ ଚିନ୍ତା ବଢ଼ିପାରେ। ଅଟକି ଥିବା ଧନ ମିଳିପାରେ। ସମ୍ପର୍କୀୟଙ୍କଠାରୁ ଉପହାର ପାଇବେ। ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ।

**ବିଛା:** ନୂତନ ଜମି କ୍ରୟ କରିପାରନ୍ତି। ଲୋକସମ୍ପର୍କ ବୃଦ୍ଧି ପାଇବ। ମହିଳାମାନେ ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେଇ ପାରନ୍ତି। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ।

**ଧନୁ:** ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ଧୈର୍ଯ୍ୟ ହରାନ୍ତୁନି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟାର ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ।

**ମକର:** ପୁରୁଣା ନିବେଶରୁ ଲାଭ ମିଳିପାରେ। ମହିଳାମାନେ ଉଦାସ ରହି ପାରନ୍ତି। ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ।

**କୁମ୍ଭ:** ଦୀର୍ଘ ଦିନର ଆଶା ପୂରଣ ହୋଇପାରେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତଯୋଗ ରହିଛି। ସାମାଜିକ କାର୍ଯ୍ୟରେ ସାମିଲ ହେବେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ଆଜି ଦିନଟି ଆପଣଙ୍କୁ ମିଶ୍ରିତ ଫଳ ଦେବ। ବନ୍ଧୁଙ୍କ ସହିତ ସମୟ ବିତାଇବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ।

## ଆଜିର ଇତିହାସ

- ୧୯୦୧-ବିଶ୍ୱର ପ୍ରଥମ ୱେୟାରଲେସ୍ ଟେଲିଗ୍ରାଫ୍ କମ୍ପାନି ହାୱାଇରେ ଖୋଲିଲା।
- ୧୯୪୯- ସରୋଜିନୀ ନାଇଡୁଙ୍କ ପରଲୋକ।
- ୧୯୮୨-ପାଟନାରେ ମହାତ୍ମା ଗାନ୍ଧୀ ସେତୁର ଉଦ୍‌ଘାଟନ କରାଗଲା।
- ୧୯୯୭- ଚୀନ୍ ତା'ର ପ୍ରତିରକ୍ଷା ବଜେଟ୍‌କୁ ୧୨% ବୃଦ୍ଧି କଲା।

# ମୃତ୍ୟୁ ପରେ ଜୀବିତ ହୋଇଥିବା ଦାବି କଲେ ମହିଳା



ଜନ୍ମ ଆଉ ମୃତ୍ୟୁ ଚିରନ୍ତନ ସତ୍ୟ। ହେଲେ ଏବେ ଅନେକ ଲୋକ ମୃତ୍ୟୁ ପରର ଦୁନିଆ ଦେଖିଥିବା ଦାବି କରୁଛନ୍ତି। ଏମିତି ଜଣେ ମହିଳା ହେଉଛନ୍ତି ଲୋର୍ନା ହ୍ୟାରିସ୍। ଇଂଲଣ୍ଡ, କେଣ୍ଟସ୍ଥିତ ହ୍ୱିଟଷ୍ଟେବଲର ବାସିନ୍ଦା ଲୋର୍ନା ୨୦୨୩ ମସିହାରେ ହଠାତ୍ ଦିନେ ସକାଳେ ଉଠିବା ମାତ୍ରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ସେ ନିଃଶ୍ୱାସ ନେବା କଷ୍ଟ ହୋଇଯାଇଥିଲା। ସେ ନିଦରୁ ଉଠିବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯିବାରୁ ଖଟରୁ ତଳକୁ ଖସି ପଡ଼ିଥିଲେ। ବହୁତ କଷ୍ଟରେ ସେ ୯ ୯ ୯କୁ ଫୋନ୍ କରି ଆମ୍ବୁଲାନ୍ସକୁ ଡାକିଥିଲେ। ସେ ନିଜେ ଘୁଷୁରି ଘୁଷୁରି ଯାଇ ଘରର ମୁଖ୍ୟଦ୍ୱାର ପାଖେ ପହଞ୍ଚିଥିଲେ। ମେଡିକାଲ ଟିମ୍ ତାଙ୍କର ଇସିଜି କରାଇ ତାଙ୍କର ହୃଦ୍‌ରୋଗ ସମସ୍ୟା ଦେଖାଯାଇଛି ବୋଲି ଜାଣିବାକୁ ପାଇଥିଲେ। ଏହାପରେ ତାଙ୍କୁ ଆମ୍ବୁଲାନ୍ସରେ ଭର୍ତ୍ତି କରାଯାଇଥିଲା। ତାଙ୍କ ହାତ ଏବଂ ପାଦ ଶିଥୀଳ ହୋଇଯାଉଥିବାରୁ ସେ ଆମ୍ବୁଲାନ୍ସ ଚାଳକଙ୍କୁ ଶୀଘ୍ର ହସ୍‌ପିଟାଲ ନେବାକୁ କହିଥିଲେ। ଲୋର୍ନା କୁହନ୍ତି, ଏହି ସମୟରେ ଅଚାନକ ତାଙ୍କୁ ଚତୁଃପାର୍ଶ୍ୱରୁ ଉଜ୍ଜ୍ୱଳ ଧଳା ଆଲୋକ ଦୃଶ୍ୟମାନ ହୋଇଥିଲା। ସେ ନିଜକୁ ଉପରୁ ଦେଖୁଥିବାର ଦେଖିଲେ, ଯେପରି ଏକ ଡ୍ରୋନ୍ ଉପରୁ ସମ୍ପୂର୍ଣ୍ଣ ଦୃଶ୍ୟକୁ ରେକର୍ଡ କରୁଥିଲା। ଆମ୍ବୁଲାନ୍ସରୁ ହସ୍‌ପିଟାଲ କରିଡରକୁ ତାଙ୍କୁ ଖୁବ୍‌ଶୀଘ୍ର ନିଆଯାଉଥିବା ସେ ଦେଖି ପାରୁଥିଲେ। ଜଣେ ମହିଳା ଡାକ୍ତର ତାଙ୍କୁ ସିପିଆର୍ ଦେଉଥିଲେ। ଏହାପରେ ଜଣେ ସର୍ଜନ ଆସିଥିଲେ। ସର୍ଜନ ଜଣକ ରଙ୍ଗୀନ ବ୍ୟାଣ୍ଡ ସାଙ୍ଗକୁ ସ୍ପୋର୍ଟସ୍ ଜୋତା ପିନ୍ଧିଥିବାର ସେ ଦେଖି ପାରୁଥିଲେ। ଲୋର୍ନା ଅପରେସନ୍ ଟେବୁଲରେ ନିଜକୁ ଅଧା ପୋଷାକ ପିନ୍ଧି ଶୋଇଥିବାର ଦେଖି ଲଜ୍ଜିତ ଅନୁଭବ କରିଥିଲେ। ସର୍ଜନ ତାଙ୍କର ଗୋଲାପୀ ପାଇଜାମାକୁ ନର୍ସଙ୍କୁ ସୁରକ୍ଷିତ ଭାବେ ରଖିବାକୁ କହୁଥିବା ସେ ଶୁଣିଥିଲେ। ସେ ଅପରେସନ୍ ରୁମ୍‌ର କୋଣ ଅନୁକୋଣକୁ ବେଶ୍ ସ୍ପଷ୍ଟ ଭାବେ ଦେଖି ପାରୁଥିଲେ। ଏହା ପରେ ସବୁକିଛି ଅନ୍ଧକାର ହୋଇଯାଇଥିଲା। ଲୋର୍ନା ଅନୁଭବ କରିଥିଲେ ସେ ମରିଯାଇଛନ୍ତି। ହେଲେ ଏହାକୁ ନେଇ ସେ ଭୟଭୀତ ନ ଥିଲେ। ଲୋର୍ନାଙ୍କୁ ହୋସ୍ ଆସିବା ପରେ ସେ ନିଜକୁ କାର୍ଡିୟାକ୍ କେୟାର୍ ୟୁନିଟ୍‌ରେ ପାଇଥିଲେ। ଏହାପରେ ଡାକ୍ତର ତାଙ୍କର ହୃଦ୍‌ଘାତ ସହ ଦୁଇଥର ହୃଦଯନ୍ତ୍ର କାର୍ଯ୍ୟ କରିବା ବନ୍ଦ କରି ଦେଇଥିବା କହିଥିଲେ। ଅସ୍ତ୍ରୋପଚାର ଦ୍ୱାରା ସେମାନେ ତାଙ୍କ ହୃଦ୍‌ଯନ୍ତ୍ରରେ ଜମାଟ ବାନ୍ଧିଥିବା ରକ୍ତକୁ କାଢ଼ି ଦେଇଥିବା କହିଥିଲେ। ଏହାପରେ ଲୋର୍ନା ତାଙ୍କର ଏହି ଅନୁଭବ ବିଷୟରେ ତାଙ୍କୁ ଚିକିତ୍ସା କରୁଥିବା ଜଣେ ହୃଦ୍‌ରୋଗ ବିଶେଷଜ୍ଞଙ୍କୁ କହିଥିଲେ। ଏନେଇ ଡାକ୍ତର ଜଣକ ମୃତ୍ୟୁକୁ ଅତି ନିକଟରେ ଦେଖିବା ଅଭିଜ୍ଞତା ଚିକିତ୍ସା ବିଜ୍ଞାନର ସବୁଠାରୁ ବଡ଼ ରହସ୍ୟ ବୋଲି କହିଥିଲେ। ଏପରି ଅନୁଭବ ଅନେକ ରୋଗୀ ସେୟାର କରନ୍ତି ବୋଲି ସେ ଲୋର୍ନାଙ୍କୁ କହିଥିଲେ। କିଛି ମାସ ପରେ ଲୋର୍ନାଙ୍କର ଜଣେ ବନ୍ଧୁ ତାଙ୍କର ଅସ୍ତ୍ରୋପଚାର କରିଥିବା ସର୍ଜନଙ୍କୁ ଭେଟିବାକୁ ଯାଇଥିଲେ। ସେ ସତରେ ରଙ୍ଗୀନ ବ୍ୟାଣ୍ଡ ଆଉ ସ୍ପୋର୍ଟସ୍ ଜୋତା ପିନ୍ଧନ୍ତି କି ନାହିଁ ତାଙ୍କୁ ପଚାରିଥିଲେ। ଲୋର୍ନାଙ୍କ କଥା ସତ ଥିଲା। ତେବେ ଲୋର୍ନା କୁହନ୍ତି, ଏବେ ତାଙ୍କୁ ମୃତ୍ୟୁକୁ ନେଇ ଆଉ ଭୟ ନାହିଁ। କାରଣ ମୃତ୍ୟୁ ଭୟାନକ ନୁହେଁ ବରଂ ଶାନ୍ତିପୂର୍ଣ୍ଣ ଥିଲା। ସେ ନିଜକୁ ନୁହେଁ, ଅନ୍ୟ କାହାକୁ ଦେଖିବା ପରି ଲାଗୁଥିଲା। ଲୋର୍ନା ତାଙ୍କ କାହାଣୀ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ଏହା ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି।

# ଏହି କଳାକାରଙ୍କ ସହ କାମ କରିବେ ମୋହିତ୍





ଗତବର୍ଷ ରିଲିଜ୍ ହୋଇଥିବା ମୋହିତ୍ ସୂରୀଙ୍କ ଫିଲ୍ମ 'ସୈୟାରା' ବକ୍ସ ଅଫିସ୍‌ରେ ବ୍ଲକ୍‌ବଷ୍ଟର ସାବ୍ୟସ୍ତ ହୋଇଥିଲା। ଆହାନ୍ ପାଣ୍ଡେ ଓ ଅନିତ୍ ପଡ୍ଡାଙ୍କୁ ମୋହିତ୍ ଏହି ଫିଲ୍ମ ମାଧ୍ୟମରେ ଲଞ୍ଚ୍ କରି ରାତାରାତି ଷ୍ଟାର୍ କରି ଦେଇଥିଲେ। ଏବେ ମୋହିତ୍ ଆଉ ଏକ ବଡ଼ ପ୍ରୋଜେକ୍ଟ ନେଇ ଆସୁଛନ୍ତି। ଯଶରାଜ୍ ଫିଲ୍ମସ୍ ତଥା ଆଦିତ୍ୟ ଚୋପ୍ରାଙ୍କ ସହ ସେ ଏକ ରୋମାଣ୍ଟିକ୍ ଫିଲ୍ମ ଆଣୁଛନ୍ତି। ଏହା ଏକ ସଙ୍ଗୀତଭିତ୍ତିକ ପ୍ରେମ କାହାଣୀ ହେବ ଓ ଏହାର ପୃଷ୍ଠଭୂମିରେ ହତିଆର ତଥା ଅପରାଧର ଦୁନିଆକୁ ଦେଖାଯିବ। ଏବେ ଏହାର କାହାଣୀ ଲେଖା ହେଉଛି। ଚଳିତବର୍ଷ ଏହାର ସୁଟିଂ ଆରମ୍ଭ ହୋଇପାରେ। ମୋହିତ୍‌ଙ୍କ ଏହି ଫିଲ୍ମରେ ନାୟକ ଭାବେ ଦେଖାଯିବେ ରଣବୀର କପୁର। ମୋହିତ୍ ମଧ୍ୟ ଇତିମଧ୍ୟରେ ରଣବୀରଙ୍କୁ ଅନେକ ଥର ସାକ୍ଷାତ କରି କାହାଣୀ ବାବଦରେ ଆଲୋଚନା କରିଛନ୍ତି। ରଣବୀରଙ୍କୁ ଫିଲ୍ମର କାହାଣୀ ପସନ୍ଦ ଆସିଥିବା ଜଣାପଡ଼ିଛି। ରଣବୀର ଏବେ ନୀତେଶ ତିୱାରିଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ରାମାୟଣ'ରେ ରାମ ଭୂମିକାରେ ଅଭିନୟ କରୁଛନ୍ତି। ଏହାବାଦ୍ ସେ ସଞ୍ଜୟ ଲୀଳା ଭଁସାଲିଙ୍କ 'ଲଭ୍ ଆଣ୍ଡ ୱାର୍'ରେ ମଧ୍ୟ ଲିଡ୍ ରୋଲରେ ଦେଖାଯିବେ।

# କୋଲଡ୍ ଡ୍ରିଙ୍କସ୍‌ରେ କୋଡ଼ିଏ ବର୍ଷ



ଅନେକେ ସେମାନଙ୍କ ଅଜବ ଖାଦ୍ୟରୁଚି ପାଇଁ ଚର୍ଚ୍ଚାରେ ଥାନ୍ତି। କେହି ପାଣି, ତ କେହି ଫଳ ଖାଇ ବଞ୍ଚିଥିବା ଘଟଣା ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି। ଏବେ ଇରାନ୍‌ର ଘୋଲମରେଜା ଅଦେଶିରି ନାମକ ବ୍ୟକ୍ତି ଦୀର୍ଘ ୨୦ ବର୍ଷ ଧରି କୋଲ୍ଡ ଡ୍ରିଙ୍କସ୍ ବା ମୃଦୁ ପାନୀୟ ପିଇ ଜୀବିତ ଥିବା ଦାବି କରି ଚର୍ଚ୍ଚାକୁ ଆସିଛନ୍ତି। ସେ ଏତେ ଦିନ ହେଲାଣି କେବଳ ପେପ୍‌ସି ଏବଂ ସେଭେନ୍‌ଅପ୍ ଭଳି ମୃଦୁ ପାନୀୟ ପିଇ ଜୀବିତ ଥିବା କହିଛନ୍ତି। ଘୋଲମରେଜା ୨୦୦୬ ମସିହା ପରଠୁ ଦାନାଟିଏ ବି ପେଟକୁ ନେଇ ନାହାନ୍ତି। ଫାଇବର୍ ଗ୍ଲାସ୍ ମରାମତି କରୁଥିବା ଘୋଲମରେଜାଙ୍କ କହିବାନୁଯାୟୀ, ତାଙ୍କ ପେଟ କେବଳ କୋଲ୍ଡ ଡ୍ରିଙ୍କସ୍ ହଜମ କରିପାରେ। ଅନ୍ୟ ଯାହା ଖାଇଲେ ତାଙ୍କର ବାନ୍ତି ହୋଇଯାଏ। ପେପ୍‌ସି, ସେଭେନ୍‌ଅପ୍‌ରୁ ମିଳୁଥିବା ଶକ୍ତି ତାଙ୍କ ପାଇଁ ଯଥେଷ୍ଟ। ସେ ଦିନସାରା ପାଖାପାଖି ୩ ଲିଟର ମୃଦୁ ପାନୀୟ ପିଇ ନିଜକୁ ଶାରୀରିକ ଭାବେ ସୁସ୍ଥ ରଖିଥାନ୍ତି। ସବୁଦିନ ସେ ଚାରି ଘଣ୍ଟା ହିଁ ଶୋଇଥାନ୍ତି। ତେବେ ସେ ନିଜର ଅଜବ ରୁଚିକୁ ନେଇ ଡାକ୍ତରଙ୍କ ପରାମର୍ଶ ମଧ୍ୟ ନେଇଥିଲେ। ଖାଦ୍ୟ ଖାଇବା ପରେ ତାଙ୍କ ପାଟିରେ କେଶ ଲାଗିବା ପରି ମନେ ହେଉଥିବା ସେ ଡାକ୍ତରଙ୍କୁ କହିଥିଲେ। ଡାକ୍ତର ଚିକିତ୍ସାରୁ ଜାଣିବାକୁ ପାଇଥିଲେ ଯେ, ତାଙ୍କର କୌଣସି ପ୍ରକାର ସମସ୍ୟା ନାହିଁ। ଏହା ଏକ ମାନସିକ ସମସ୍ୟା ହୋଇଥିବାରୁ ଡାକ୍ତର ତାଙ୍କୁ ମନସ୍ତତ୍ତ୍ୱବିତ୍‌ଙ୍କୁ ଦେଖାଇବା ପାଇଁ କହିଥିଲେ। ଘୋଲମରେଜାଙ୍କ ସମସ୍ୟା ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାକଥା, କୋଲ୍‌ଡଡ୍ରିଙ୍କସ୍‌ରେ ଅଧିକ ମାତ୍ରାରେ ସୁଗାର ଥାଏ। ଯାହା ମୋଟାପଣ ଏବଂ ମଧୁମେହ ଭଳି ସମସ୍ୟା ବୃଦ୍ଧି କରିଥାଏ। ତେଣୁ ଏହାକୁ ସୀମିତ ମାତ୍ରାରେ ବ୍ୟବହାର କରିବାକୁ କୁହାଯାଇଥାଏ। ଅନ୍ୟପକ୍ଷରେ ଘୋଲମରେଜାଙ୍କ ପରିବାର ଲୋକେ କେବେ ତାଙ୍କ ସମ୍ମୁଖରେ ଖାଆନ୍ତିନି। ସେମାନଙ୍କୁ ଖାଦ୍ୟ ଖାଇବାର ଦେଖିଲେ ତାଙ୍କୁ ବାନ୍ତି ଲାଗିଥାଏ ବୋଲି ଘୋଲମରେଜା କହିଛନ୍ତି।

# ଚନ୍ଦ୍ରଗ୍ରହଣରେ କ'ଣ କରିବେ ଓ କରିବେନି



ଦୋଳପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ଲାଗିବ। ଏହି ଗ୍ରହଣ ଧାର୍ମିକ ଓ ଜ୍ୟୋତିଷ ଦୃଷ୍ଟିକୋଣରୁ ଖୁବ୍ ମହତ୍ତ୍ୱପୂର୍ଣ୍ଣ ରହିବ। ଅବଶ୍ୟ ଗ୍ରହଣକୁ ନେଇ ଧର୍ମ ଶାସ୍ତ୍ରରେ ବିଶେଷ ନିୟମ ରହିଛି। ଏହି ସମୟ ମଧ୍ୟରେ କ'ଣ କରିବା ଉଚିତ ଓ ଅନୁଚିତ, ସେ ସମ୍ପର୍କରେ ଜାଣିବା।

- ଗ୍ରହଣ କାଳରେ କୌଣସି ପୂଜା ପାଠ କରନ୍ତୁ ନାହିଁ।
- ଗ୍ରହଣ ଲାଗିବା ସମୟରେ ଘରୁ ବାହାରିବା ଅନୁଚିତ। ବିଶେଷକରି ଗର୍ଭବତୀ ଘରୁ ବାହାରିବା ଭଲ ନୁହେଁ।
- ଗ୍ରହଣ ସମୟରେ ରୋଷେଇ କରିବା ଠିକ୍ ନୁହେଁ।
- ସେହିପରି ଗ୍ରହଣ ଲାଗିବା ସମୟରେ ଖାଦ୍ୟ ଖାଇବା ମନା।
- ତୁଳସୀ, ଅଶ୍ୱତ୍ଥ, ବରଗଛକୁ ସ୍ପର୍ଶ କରିବା ଅନୁଚିତ।
- ଖାଲି ଆଖିରେ ଗ୍ରହଣକୁ ଦେଖିବା ଭଲ ନୁହେଁ।
- ଗ୍ରହଣ ଶେଷ ପରେ ସ୍ନାନ କରିବା ଶୁଭ।
- ଗ୍ରହଣ ସମାପନ ପରେ ପୂଜାପାଠ ତଥା ଧାର୍ମିକ କାର୍ଯ୍ୟ କରାଯାଇପାରିବ।
- ଘରେ ଗଙ୍ଗାଜଳ ସିଞ୍ଚନ କରନ୍ତୁ। ଏହାଦ୍ୱାରା ପରିବେଶ ଶୁଦ୍ଧ ହୋଇଥାଏ।

# ହୋଲି ପୂର୍ବରୁ ଘରେ କେଉଁ ଜିନିଷ ରଖିବେ ନାହିଁ

ହୋଲି ଉତ୍ସବ ପୂର୍ବରୁ ଘରର ସଫା ସୁତୁରା ଉପରେ ଧ୍ୟାନ ଦିଆଯାଏ। ଏହାଦ୍ୱାରା ନକାରାତ୍ମକତା ଦୂର ହୋଇଥାଏ। ବାସ୍ତୁ ଅନୁସାରେ, ପ୍ରତ୍ୟେକ ପୂଜାପର୍ବରେ ଘରକୁ ସଫା ରଖିବା ସହ କିଛି ଜିନିଷ ଘରୁ ବାହାର କରି ଦେବା ଉଚିତ। କେଉଁ ଜିନିଷ ହୋଲି ପୂର୍ବରୁ ଘରେ ରଖିବେ ନାହିଁ, ସେ ସମ୍ପର୍କରେ ଜାଣିବା।



- ଅଚଳ ଘଣ୍ଟାକୁ ଘରୁ ବାହାର କରି ଦିଅନ୍ତୁ।
- ଘରେ ଛିଡ଼ା ଜୋତା, ଚପଲ ରଖିବା ଭଲ ନୁହେଁ।
- ସେହିପରି ଘରେ ଭଙ୍ଗା ବାସନ ଥିଲେ, ସେସବୁ ବାହାର କରି ଦେବା ଉଚିତ। ଏଭଳି ଜିନିଷ ରଖିବା ଦ୍ୱାରା ଘରେ ନକାରାତ୍ମକତା ପ୍ରବେଶ କରେ।
- ଖଣ୍ଡିତ ମୂର୍ତ୍ତି ଦୀର୍ଘ ସମୟ ଘରେ ରହିଲେ ବାସ୍ତୁ ବିଗିଡ଼ି ଥାଏ। ତେଣୁ ଠାକୁର ଘରୁ ଭଙ୍ଗା ଠାକୁରଙ୍କ ଫଟୋ ତଥା ମୂର୍ତ୍ତି ବାହାର କରିଦେଲେ ବାସ୍ତୁ ଦୋଷ ଠିକ୍ ହୋଇଯିବ।
- ଏହାବାଦ୍ ଘରେ ଭଙ୍ଗା କାଚ ଥିଲେ ବି ବାହାର କରିବା ଭଲ।

## ସ୍ୱସ୍ତି

# ଦୋଳପୂର୍ଣ୍ଣିମା

ଫଗୁ ଦଶମୀରୁ ଦୋଳଯାତ୍ରା ଆରମ୍ଭ ହୋଇଥାଏ। ଶାସ୍ତ୍ରରେ ଏହାକୁ 'ବସନ୍ତୋତ୍ସବ' ଓ 'ମଦନୋତ୍ସବ' କୁହାଯାଏ। ଏହି ପର୍ବର ଆରାଧ୍ୟ ଠାକୁର ହେଉଛନ୍ତି ରାଧା ଓ କୃଷ୍ଣ।



ଦୋଳଯାତ୍ରା ଅବସରରେ ଓଡ଼ିଶାର ଗାଁ ଗଣ୍ଡା ଉତ୍ସବମୁଖର ହୋଇ ଉଠିଥାଏ। ଘଣ୍ଟ ଘଣ୍ଟା, ସଂକୀର୍ତ୍ତନ ମଣ୍ଡଳିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥାଏ। ଠାକୁରମାନେ ସୁସଜ୍ଜିତ ଦୋଳ ବିମାନରେ ବିଜେ ହୋଇ ଗାଁ ଗାଁ ବୁଲି ଭୋଗ ଖାଇଥାନ୍ତି। ଠାକୁରଙ୍କୁ ଉଖୁଡ଼ା, ଚଣା, ସାକର, ବିଭିନ୍ନ ଫଳ ଆଦି ଭୋଗ ଲଗାଯାଏ। ଏହାବାଦ୍ ଦୋଳ ବିମାନ ସମ୍ମୁଖରେ ପାଞ୍ଜି ପାଠ କରାଯାଏ।

ବିଭିନ୍ନ ଗାଁରେ ମେଳଣ ଆୟୋଜନ ହୋଇଥାଏ। ଏହି ସମୟରେ ଭକ୍ତଙ୍କ ମଧ୍ୟରେ ଫଗୁ ଖେଳ ହୁଏ। ଏହି ପର୍ବ ଗାଁ ଗାଁ ମଧ୍ୟରେ, ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ଏବଂ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ସ୍ନେହ, ସଦ୍ଭାବ ଏବଂ ପାରମ୍ପରିକ ସୌହାର୍ଦ୍ଦ୍ୟର ପରିଚାୟକ ଭାବେ ପାଳିତ ହୋଇଥାଏ। ଦୋଳପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବିଶେଷ ନୀତି ହୁଏ। ଶ୍ରୀମନ୍ଦିରରୁ ଦୋଳଗୋବିନ୍ଦ ଆସି ଦୋଳବେଦିରେ ବିଜେ ହୁଅନ୍ତି। ଭକ୍ତମାନେ ଠାକୁରଙ୍କୁ ଫଗୁ ଲାଗି କରିଥାନ୍ତି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସୁନାବେଶ ହୋଇଥାଏ।

# ରାଧାକୃଷ୍ଣଙ୍କ ରଙ୍ଗ ଖେଳ

ରଙ୍ଗର ପର୍ବ ହୋଲି। ଏହାକୁ ସବୁ ଧର୍ମର ଲୋକ ପୂରା ଆନନ୍ଦ ଓ ଉତ୍ସାହର ସହ ପାଳନ କରନ୍ତି। ପ୍ରେମର ରଙ୍ଗରେ ପୂର୍ଣ୍ଣ ଏହି ପର୍ବ ଭାଇଚାରାର ବାର୍ତ୍ତା ପ୍ରଦାନ କରେ।

- ହୋଲି ପର୍ବ ସହ ଯୋଡ଼ି ହୋଇ ରହିଛି ଅନେକ ପୌରାଣିକ ଆଖ୍ୟାନ। ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ଖେଳାର ଅଂଶବିଶେଷ ହେଉଛି ହୋଲି। ମଥୁରାରେ କୃଷ୍ଣ ଜନ୍ମ ହୋଇଥିବା ବେଳେ ବୃନ୍ଦାବନରେ ବଡ଼ ହୋଇଥିଲେ ବୋଲି କୁହାଯାଏ। ତେବେ କୃଷ୍ଣ ଶ୍ୟାମଳ ବର୍ଣ୍ଣ ହୋଇଥିବାରୁ ସେ ଅନ୍ୟାମାନଙ୍କଠାରୁ ନିଜକୁ ଅଲଗା ଭାବନ୍ତି।
- ଶ୍ରୀକୃଷ୍ଣଙ୍କୁ ଲାଗେ ତାଙ୍କ ରଙ୍ଗ ଯୋଗୁଁ ରାଧା କି ଅନ୍ୟ ଗୋପୀମାନେ ତାଙ୍କୁ ଭଲପାଇବେ ନାହିଁ। ବିଶ୍ୱାସ ରହିଛି ଯେ, ତାଙ୍କର ଏଭଳି ଚିନ୍ତାକୁ ଦେଖି ଯଶୋଦା, ଶ୍ରୀକୃଷ୍ଣଙ୍କୁ କହିଲେ ରାଧାଙ୍କଠାରେ ନିଜ ପସନ୍ଦର ରଙ୍ଗ ବୋଳିବାକୁ।
- ନନ୍ଦଗ୍ରାମରୁ କୃଷ୍ଣ ରଙ୍ଗ ଧରି ରାଧା ଓ ଅନ୍ୟ ଗୋପୀମାନଙ୍କୁ ରଙ୍ଗ ପକାଇବାକୁ ଯାଆନ୍ତି। କୃଷ୍ଣଙ୍କ ଏଭଳି କାମରେ ରାଧା ଓ ଅନ୍ୟ ଗୋପୀମାନେ ବାଡ଼ି ଧରି ଗୋଡ଼ାନ୍ତି।
- ଏହିପରି ଭାବେ ରାଧାକୃଷ୍ଣଙ୍କ ମଧ୍ୟରେ ଅଲୌକିକ ପ୍ରେମ ସୃଷ୍ଟି ହେବା ସହ ହୋଲି ଖେଳର ପ୍ରାରମ୍ଭ ହୋଇଥିବା କୁହାଯାଏ।



### ଟି-୨୦ ବିଶ୍ୱକପ୍: ଭାରତ ବନାମ ୱେଷ୍ଟଇଣ୍ଡିଜ୍ ସୁପର ଏଇଟ୍ସ ମୁକାବିଲା

# ପାୱେଲ-ହୋଲ୍ଡର ଯୋଡ଼ିଙ୍କ ଲଢୁଆ ବ୍ୟାଟିଂ

କୋଲକାତା,୧।୩(ଏଜେନ୍ସି)




ଦୁଇ ଷ୍ଟାର ଅଲରାଉଣ୍ଡର ରୋଭମାନ ପାୱେଲ ଓ ଜେସନ ହୋଲ୍ଡରଙ୍କ ଲଢୁଆ ବ୍ୟାଟିଂ ବଳରେ ଏଠାରେ ରବିବାର ଅନୁଷ୍ଠିତ ଭାରତ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ଟି-୨୦ ବିଶ୍ୱକପ୍ ସୁପର ଏଇଟ୍ସ ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୧୯୫ ରନ୍ ସଂଗ୍ରହ କରିନେଇଛି। ପାୱେଲ ୧୯ ବଲ୍‌ରେ ୩ ଚୌକା ଓ ୨ ଛକା ସହ ୩୪ ରନ୍ ଏବଂ ହୋଲ୍ଡର ୨୨ ବଲ୍‌ରୁ ୨ ଚୌକା ଓ ୩ ଛକା ସହ ୩୭ ରନ୍ କରି ଶେଷପର୍ଯ୍ୟନ୍ତ ଅପରାଜିତ ରହିବା ଫଳରେ ଦଳ ଏକ ସମ୍ମାନଜନକ ସ୍କୋର କରିବାରେ ସଫଳ ହୋଇଥିଲା। ଦଳ ପକ୍ଷରୁ ଅନ୍ୟ ବ୍ୟାଟର ଭଲ ଆରମ୍ଭ କରି ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲେ ମଧ୍ୟ କେହି ବଡ଼ ସ୍କୋର କରିପାରି ନଥିଲେ। ଓପନର ରୋଷ୍ଟୋନ ଚେଜ୍ ୨୫ ବଲ୍‌ରେ ୪୦, ଶାଇ ହୋପ୍ ୩୩ ବଲ୍‌ରେ ୩୨, ସିମରନ ହେଟମାୟର ୧୨ ବଲ୍‌ରେ ୨୭ ରନ୍ କରିଥିଲେ। ଶେଷ ଦୁଇ ବ୍ୟାଟର ଦମ୍‌ଦାର ବ୍ୟାଟିଂ କରିଥିଲେ। ପାୱେଲ ଓ ହୋଲ୍ଡର ଅବିଭକ୍ତ ୫ମ ୱିକେଟ ଭାଗୀଦାରିରେ ୩୫ ବଲ୍‌ରୁ ୭୬ ରନ୍ କରି ୱେଷ୍ଟଇଣ୍ଡିଜ୍ ଏତେ ବଡ଼ ସ୍କୋର କରିଥିଲା। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରାଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ବୋଲର ପ୍ରଭାବ ପକାଇବାରେ ଅସମର୍ଥ ହୋଇଥିଲେ। ସେ ତାଙ୍କ ପ୍ରଥମ ସ୍ପେଲ୍‌ରେ ୨ ଓଭର ବୋଲିଂ କରି ୧୧ ରନ୍‌ରେ ୨ଟି ୱିକେଟ ପାଇଥିଲେ। କିନ୍ତୁ ଶେଷ ୨ ଓଭରରେ ସେ ବ୍ୟୟବହୁଳ ସାବ୍ୟସ୍ତ ହୋଇ ଆଉ ୨୫ ରନ୍ ଦେଇଥିଲେ ମଧ୍ୟ କୌଣସି ୱିକେଟ ପାଇ ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ହାର୍ଦ୍ଦିକ ପାଣ୍ଡ୍ୟା ଓ ବରୁଣ ଚକ୍ରବର୍ତ୍ତୀ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଅର୍ଶଦୀପ ସିଂ ୪ ଓଭରରେ ସର୍ବାଧିକ ୪୩ ରନ୍ ଦେଇଥିଲେ। ସେ ଏହି ମ୍ୟାଚ୍‌ରେ ୭ଟି ଓ ପାଣ୍ଡ୍ୟା ୩ଟି ୱାଇଡ୍ ବଲ ବୋଲିଂ କରିଥିଲେ।

ପୂର୍ବରୁ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଟସ୍ ଜିତିବା ପରେ ୱେଷ୍ଟଇଣ୍ଡିଜ୍‌କୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲେ। ଦଳ ଆରମ୍ଭରୁ ଶେଷ ଯାଏ ଦ୍ରୁତ ରନ୍ ସଂଗ୍ରହ କରିଥିଲେ ମଧ୍ୟ ନିୟମିତ ୱିକେଟ ହରାଇଥିଲା। ପ୍ରଥମ ୱିକେଟରେ ହୋପ୍ ଓ ଚେଜ୍ ୫୩ ବଲ୍‌ରେ ୬୮, ପାୱେଲ ଓ ହୋଲ୍ଡର ଅବିଭକ୍ତ ୫ମ ୱିକେଟରେ ୩୫ବଲ୍‌ରୁ ୭୬ ରନ୍ ଉଠାଇ ୱେଷ୍ଟଇଣ୍ଡିଜ୍ ଲାଗି ବଡ଼ ସଫଳତା ପାଇଥିଲେ। ଜିମ୍ବାୱେ ବିପକ୍ଷରେ ବିଜୟୀ ହୋଇଥିବା ଭାରତ ଏହି ମୁକାବିଲା ଲାଗି କୌଣସି ଖେଳାଳି ପରିବର୍ତ୍ତନ କରି ନ ଥିଲା। ଫଳରେ କୋଲକାତାର ଟର୍ଣ୍ଣିଂ ପିଚ୍‌ରେ କୁଲଦୀପ ଯାଦବଙ୍କୁ ଖେଳିବା ସୁଯୋଗ ମିଳି ନ ଥିଲା। ଅନ୍ୟ ଦୁଇ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଓ ଅକ୍ଷର ପଟେଲ ଆଦୌ ପ୍ରଭାବଶାଳୀ ସାବ୍ୟସ୍ତ ହୋଇ ନ ଥିଲେ। ୱେଷ୍ଟଇଣ୍ଡିଜ୍ ନିୟମିତ ଓପନର ବ୍ରାଣ୍ଡନ କିଙ୍ଗ୍‌ଙ୍କୁ ବାଦ୍ ଦେଇ ବାମହାତୀ ସ୍ପିନର ଆକିଲ ହୋସେନଙ୍କୁ ଏହି ମ୍ୟାଚ୍‌ରେ ସାମିଲ କରିଛି।

## ଛକାରେ ହେଟ୍‌ମାୟରଙ୍କ ରେକର୍ଡ

ଟି-୨୦ ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ଛକା ମାରି ୱେଷ୍ଟଇଣ୍ଡିଜର ସିମରନ ହେଟମାୟର ନୂଆ କୀର୍ତ୍ତିମାନ କରିଛନ୍ତି। ରବିବାର ଭାରତ ବିପକ୍ଷ ସୁପର୍-୮ ମ୍ୟାଚରେ ହେଟ୍‌ମାୟର ୧୨ଟି ବଲରେ ୨ଟି ଛକା ଓ ଗୋଟିଏ ଚୌକା ସହ ୨୭ ରନ କରିଥିଲେ। ଏଥିସହ ଚଳିତ ବିଶ୍ୱକପ୍‌ରେ ତାଙ୍କ ଛକା ସଂଖ୍ୟା ୧୯ରେ ପହଞ୍ଚିଛି। ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ଛକା ମାରିବାରେ ହେଟ୍‌ମାୟର ନୂଆ ରେକର୍ଡ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ପାକିସ୍ତାନର ଶାହିବଜାଦ ଫରହାନଙ୍କ ନାମରେ ରହିଥିଲା। ଫରହାନ ମଧ୍ୟ ଚଳିତ ବିଶ୍ୱକପ୍‌ରେ ୧୮ଟି ଛକା ମାରିଥିଲେ। ତେବେ ତାଙ୍କ ଦଳ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିସାରିଥିବାରୁ ଏବେ ଏହି ରେକର୍ଡ ହେଟମାୟରଙ୍କ ନାମରେ ରହିବା ନିଶ୍ଚିତ ହୋଇଛି। ସେହିଭଳି ନିକୋଲସ ପୁରନ ୨୦୨୪ ସଂସ୍କରଣରେ ୧୭ଟି, କ୍ରିସ ଗେଲ୍ ୨୦୧୨ ସଂସ୍କରଣରେ ୧୬ଟି ଓ ରହମନୁଲ୍ଲା ଗୁରବାଜ ୨୦୨୪ ସଂସ୍କରଣରେ ୧୬ଟି ଛକା ମାରି ତାଲିକାରେ ପଛକୁ ପଛ ରହିଛନ୍ତି।

### ଜିମ୍ବାୱେର ସିକନ୍ଦର ଶ୍ରେଷ୍ଠ ଖେଳାଳି

# ଅପରାଜେୟ ରହିଲା ଦକ୍ଷିଣ ଆଫ୍ରିକା




ନୂଆଦିଲ୍ଲୀ,୧।୩(ଏଜେନ୍ସି): ଅଧିନାୟକ ସିକନ୍ଦର ରାଜାଙ୍କ ଅଲରାଉଣ୍ଡ ସଫଳତା ସତ୍ତ୍ୱେ ଏଠାରେ ରବିବାର ଖେଳାଯାଇଥିବା ଟି-୨୦ ବିଶ୍ୱକପ୍ ସୁପର ଏଇଟ୍ସ ଏକ ଗ୍ରୁପ୍-୧' ମୁକାବିଲାରେ ଜିମ୍ବାୱେ ୫ ୱିକେଟରେ ଦକ୍ଷିଣ ଆଫ୍ରିକାଠାରୁ ପରାଜିତ ହୋଇଛି। ଏହା ଫଳରେ ଦକ୍ଷିଣ ଆଫ୍ରିକା ଏଯାଏ ଅପରାଜେୟ ରହି ସେମିଫାଇନାଲରେ ପ୍ରବେଶ କରିଛି। କୋଲକାତାରେ ମାର୍ଚ୍ଚ ୪ ତାରିଖ ବୁଧବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ସହ ନ୍ୟୁଜିଲାଣ୍ଡର ମୁକାବିଲା ହେବ। ଏହି ମ୍ୟାଚ୍‌ରେ ୭୩ ରନ୍ କରିବା ସହ ୩ ୱିକେଟ ନେଇଥିବା ପରାଜିତ ଜିମ୍ବାୱେର ରାଜାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଆଜିର ମ୍ୟାଚ୍‌ରେ ସିକନ୍ଦରଙ୍କ ୪୩ବଲ୍‌ରେ ୮ ଚୌକା ଓ ୪ ଛକା ସହ ୭୩ ଏବଂ କ୍ଲାଇବ୍ ମାଦାଣ୍ଡେଙ୍କ ଅପରାଜିତ ୨୬ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଜିମ୍ବାୱେ ୭ ୱିକେଟ ହରାଇ ୧୫୩ ରନ୍ କରିଥିଲା। ପ୍ରତିପକ୍ଷ ଦଳର ସମସ୍ତ ବୋଲର ଶୃଙ୍ଖଳିତ ପ୍ରଦର୍ଶନ କରିବା ଫଳରେ ଜିମ୍ବାୱେ ହାତଖୋଲା ସଟ୍ ଖେଳିପାରି ନ ଥିଲେ। କ୍ୱେନା ମାଫକା ଓ କର୍ବିନ ବୋଷ୍ଟ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୧୪ ରନ୍‌ରେ ଦୁଇ ଓପନର ଓ ୪୩ ରନ୍‌ରେ ୩ ୱିକେଟ ହରାଇବା ସତ୍ତ୍ୱେ ମିଡିଲ ଅର୍ଡର ବ୍ୟାଟରମାନେ ନିୟନ୍ତ୍ରଣରେ ବ୍ୟାଟିଂ କରି ଦଳକୁ ଜିତାଇଥିଲେ। ଡିୱାଲ୍ଡ ବ୍ରେଭିସ୍ ସର୍ବାଧିକ ୪୨, ପ୍ରଥମ ମ୍ୟାଚ୍ ଖେଳୁଥିବା ଜର୍ଜ ଲିଣ୍ଡେ ଅପରାଜିତ ୩୦, ଡେଭିଡ୍ ମିଲର ୨୨ ଓ ଟ୍ରିଷ୍ଟାନ ଷ୍ଟବ୍ସ ଅପରାଜିତ ୨୧ ରନ୍ କରିଥିଲେ। ସିକନ୍ଦରଙ୍କୁ ୩ଟି ୱିକେଟ ମିଳିଥିଲା।

## ଅଭ୍ୟାସ ଆରମ୍ଭ କଲେ ଧୋନି-ଗାଏକ୍‌ୱାଡ୍

ଚେନ୍ନଇ, ୧।୩ (ଏଜେନ୍ସି): ଚଳିତ ମାସ ୨୮ରୁ ଆଇପିଏଲ୍‌ର ୧୯ତମ ସଂସ୍କରଣ ଆରମ୍ଭ ହେବାର କାର୍ଯ୍ୟସୂଚୀ ରହିଛି। କିନ୍ତୁ ଏହାର ପାଖାପାଖି ମାସକ ପୂର୍ବରୁ ଚେନ୍ନାଇ ସୁପର୍ କିଙ୍ଗସ (ସିଏସକେ)ର ଦୁଇ ପ୍ରମୁଖ ଖେଳାଳି ମହେନ୍ଦ୍ର ସିଂ ଧୋନି ଓ ଅଧିନାୟକ ଋତୁରାଜ ଗାଏକୱାଡ ଅଭ୍ୟାସ ଆରମ୍ଭ କରିଦେଇଛନ୍ତି। ରବିବାର ଏହି ଦୁଇ ଖେଳାଳି ଦଳର ପ୍ରି-ସିଜନ କ୍ୟାମ୍ପରେ ଯୋଗଦେଇଥିଲେ। ଉଭୟ ଧୋନି ଓ ଗାଏକୱାଡ ନେଟ୍ସରେ ବହୁ ସମୟ ଧରି ବ୍ୟାଟିଂ ଅଭ୍ୟାସ କରି ଝାଳ ବୁହାଇଥିଲେ। ଯାହାର କିଛି ଭିଡିଓକୁ ସିଏସକେ ଫ୍ରାଞ୍ଚାଇଜ ପକ୍ଷରୁ ସେୟାର କରାଯାଇଥିଲା।

### ■ ମହିଳା ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ

# ଭାରତୀୟ ଦଳରେ ଓଡ଼ିଶାରୁ ସୁନେଲିତା



ହାଇଦରାବାଦ୍, ୧।୩ (ଏଜେନ୍ସି): ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍‌ର ଯୋଗ୍ୟତା ପର୍ଯ୍ୟାୟ ମାର୍ଚ୍ଚ ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ହାଇଦରାବାଦ୍‌ରେ ଅନୁଷ୍ଠିତ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ଲାଗି ରବିବାର ସାଲିମା ଟେଟେଙ୍କ ନେତୃତ୍ୱରେ ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଘୋଷିତ ଦଳରେ ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ସୁନେଲିତା ଟପ୍ପୋଙ୍କୁ ସୁଯୋଗ ମିଳିଛି। ସପ୍ତାହେ ବ୍ୟାପୀ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଆୟୋଜକ ଭାରତକୁ ମିଶାଇ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ପୁଲ-ଏ'ରେ ଇଂଲଣ୍ଡ, କୋରିଆ, ଇଟାଲି ଓ ଅଷ୍ଟ୍ରିଆ ରହିଛନ୍ତି। ସେହିଭଳି ଘରୋଇ ଭାରତ ସମେତ ସ୍କଟଲାଣ୍ଡ, ଉରୁଗୁଏ ଓ ୱେଲ୍ସ ପୁଲ୍-ବି'ରେ ସ୍ଥାନ ପାଇଛନ୍ତି। ମାର୍ଚ୍ଚ ୮,୯ ଓ ୧୧ ତାରିଖରେ ଭାରତ ଯଥାକ୍ରମେ ଉରୁଗୁଏ, ସ୍କଟଲାଣ୍ଡ ଓ ୱେଲ୍ସ ବିପକ୍ଷରେ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏହି ଟୁର୍ଣ୍ଣାମେଣ୍ଟରୁ ଶ୍ରେଷ୍ଠ ୩ଟି ଦଳ ଆଗାମୀ ମହିଳା ହକି ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବେ। ନୂଆ କୋଚ୍ ଜୋଏର୍ଡ ମାରିଜନେଙ୍କ ତତ୍ତ୍ୱାବଧାନରେ ଭାରତୀୟ ମହିଳା ଦଳର ଏହା ପ୍ରଥମ ଟୁର୍ଣ୍ଣାମେଣ୍ଟ ହେବ। ମାରିଜନେ ଗତ ଜାନୁଆରୀ ମାସରେ ହରେନ୍ଦର ସିଂହଙ୍କ ସ୍ଥାନରେ ଭାରତୀୟ ମହିଳା ହକି ଦଳର ଗୁରୁଦାୟିତ୍ୱ ସମ୍ଭାଳିଥିଲେ।

## ଆଇଏସ୍‌ଏଲ୍-୧୨ ଓଡ଼ିଶା ଏଫ୍‌ସି-୧; ଚେନ୍ନାଇନ- ୧



ଭୁବନେଶ୍ୱର, ୧।୩ (ସମିସ): ଚଳିତ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସଏଲ୍)ର ଦ୍ୱାଦଶ ସଂସ୍କରଣରେ ଓଡ଼ିଶା ଏଫ୍‌ସି ଦଳ କ୍ରମାଗତ ଦ୍ୱିତୀୟ ମ୍ୟାଚ୍ ଡ୍ର ରଖିଛି। ରବିବାର ସନ୍ଧ୍ୟାରେ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଚେନ୍ନାଇନ ଏଫ୍‌ସି ବିପକ୍ଷରେ ଓଡ଼ିଶା ଏଫ୍‌ସି ଖେଳିଥିବା ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଥିଲା। ମ୍ୟାଚର ଉଭୟାର୍ଦ୍ଧ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ପ୍ରଥମ କ୍ୱାର୍ଟର ଏକପ୍ରକାର ଗୋଲଶୂନ୍ୟ ଦିଗରେ ଅଗ୍ରସର ହେଉଥିବାବେଳେ ଭ୍ରମଣକାରୀ ଚେନ୍ନାଇନ ମ୍ୟାଚର ପ୍ରଥମ ଗୋଲ୍ ଦେଇଥିଲା। ଇଞ୍ଜୁରୀ ଟାଇମ (୪୫+୨ ମିନିଟ୍)ରେ ବ୍ରାଜିଲିଆନ ଡିଫେଣ୍ଡର ଏଲସିନୋଙ୍କ ଗୋଲ୍ ବଳରେ ଚେନ୍ନାଇନ ୧-୦ରେ ଅଗ୍ରଣୀ ରହିଥିଲା। ଏହାପରେ ଅବଶ୍ୟ ଦ୍ୱିତୀୟ କ୍ୱାର୍ଟରରେ ଘରୋଇ ଓଡ଼ିଶା ଏଫ୍‌ସି ଗୋଲଟି ଶୁଝାଇ ଦେଇଥିଲା। ୬୮ତମ ମିନିଟରେ କାର୍ଲୋସ ଡେଲଗାଡୋ ଓଡ଼ିଶା ପାଇଁ ଏହି ଗୋଲଟି ସ୍କୋର କରିଥିଲେ। ଫଳରେ ମ୍ୟାଚ୍ ୧-୧ର ବରାବର୍‌ସ୍ତରକୁ ଚାଲିଆସିଥିଲା। ପୂର୍ବରୁ ଓଡ଼ିଶା ଏଫ୍‌ସି ଏହାର ପ୍ରଥମ ମ୍ୟାଚ ଏଠାରେ ଇଷ୍ଟର କାଶୀ ବିପକ୍ଷରେ ଗୋଲଶୂନ୍ୟ ଡ୍ର ରଖିଥିଲା। ଏବେ ଦୁଇଟି ମ୍ୟାଚରୁ ୨ ପଏଣ୍ଟ ପାଇ ଓଡ଼ିଶା ପଏଣ୍ଟ ତାଲିକାର ୯ମ ସ୍ଥାନରେ ପୂର୍ବଭଳି ରହିଛି। ଚେନ୍ନାଇନ ମଧ୍ୟ ୩ୟ ମ୍ୟାଚରୁ ୨ଟି ପରାଜୟ ଓ ଗୋଟିଏ ଡ୍ର ସହିତ ୧ ପଏଣ୍ଟ ପାଇ ଖାତା ଖୋଲିଛି।

## ପତ୍ନୀଙ୍କ ବିଦାୟୀ ମ୍ୟାଚ୍; ଷ୍ଟାର୍କ ଭାବବିହ୍ୱଳ

ହୋବାର୍ଟ, ୧।୩ (ଏଜେନ୍ସି): ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳର ଅଧିନାୟିକା ଆଲିସା ହେଲୀ ତାଙ୍କ ଶେଷ ଦିନିକିଆ ମ୍ୟାଚରେ ଚମକିଛନ୍ତି। ଭାରତ ବିପକ୍ଷରେ ୧୫୮ ରନର ମାରାଥନ ପାଳି ଖେଳି ସେ ଦଳକୁ ସ୍ମରଣୀୟ ବିଜୟୀ ଭେଟି ଦେଇଛନ୍ତି। ଭାରତ ବିପକ୍ଷ ଦ୍ୱି-ପାକ୍ଷିକ ସିରିଜ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲବିଦା କରିବେ ବୋଲି ୩୫ ବର୍ଷୀୟା ହେଲୀ ପୂର୍ବରୁ ଘୋଷଣା କରିଥିଲେ। ତେଣୁ ଏହା ତାଙ୍କ କ୍ୟାରିୟରର ଶେଷ ଧଳାବଲ୍ ମ୍ୟାଚ୍ ଥିଲା। ମାର୍ଚ୍ଚ ୬ରୁ ଆରମ୍ଭ ହେବାକୁ ଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍ ଖେଳି ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବେ। ରବିବାର ଶେଷ ସୀମିତ ଓଭର ମ୍ୟାଚ୍ ଖେଳିବା ଅବସରରେ ହେଲୀଙ୍କ ସ୍ୱାମୀ ତଥା ଅଷ୍ଟ୍ରେଲିଆ ପୁରୁଷ କ୍ରିକେଟର୍ ମିଚେଲ ଷ୍ଟାର୍କ ଷ୍ଟାଡିୟମରେ ଉପସ୍ଥିତ ରହି ତାଙ୍କୁ ଉତ୍ସାହିତ କରିଥିଲେ। ଏପରିକି ହେଲୀ ଶତକ ହାସଲ କରିବା ପରେ ଷ୍ଟାର୍କ ବେଶ୍ ଭାବବିହ୍ୱଳ ହୋଇପଡ଼ିଥିଲେ। ୧୯ ଫେବୃଆରୀ ୨୦୧୦ରେ ଦିନିକିଆ ପଦାର୍ପଣ କରିଥିବା ହେଲୀ ୧୨୬ ମ୍ୟାଚ୍ ଖେଳି ୩୭ ହାରରେ ୩୭୭୭ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୧୯ ଅର୍ଦ୍ଧଶତକ ଓ ୮ ଶତକ ସାମିଲ ରହିଛି।

### ହେଲୀ-ମୁନୀଙ୍କ ଚମକ: ଭାରତର ହ୍ୟାଟ୍ରିକ ପରାଜୟ

# ଅଷ୍ଟ୍ରେଲିଆର ଦିନିକିଆ ସିରିଜ କ୍ଲିନସୁଇପ୍

ହୋବାର୍ଟ, ୧।୩ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ ଦିନିକିଆ ସିରିଜର ସମସ୍ତ ମ୍ୟାଚରେ ପରାସ୍ତ ହୋଇଛି। ରବିବାର ଅନୁଷ୍ଠିତ ଅନ୍ତିମ ତଥା ୩ୟ ମ୍ୟାଚରେ ଆଲିସା ହେଲୀଙ୍କ ବିସ୍ଫୋରକ ଶତକ ବଳରେ ଅଷ୍ଟ୍ରେଲିଆ ମହିଳା ଦଳ ୧୮୫ ରନର ବିଶାଳ ବ୍ୟବଧାନରେ ଭାରତକୁ ମାତ୍ ଦେଇଛି। ପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚକୁ ୬ ୱିକେଟ୍ ଓ ୫ ୱିକେଟରେ ଜିତିଥିବା ଅଷ୍ଟ୍ରେଲିଆ ଏଥିସହ ସିରିଜକୁ ୩-୦ରେ କ୍ଲିନସୁଇପ୍ କରିନେଇଛି। ଅପରପକ୍ଷରେ ଟି-୨୦ ସିରିଜ ବିଜୟୀ ହୋଇଥିବା ଭାରତକୁ ଦିନିକିଆରେ ନିରାଶ ହେବାକୁପଡ଼ିଛି। ଦୁଇଦଳ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ମାର୍ଚ୍ଚ ୬ରୁ ପର୍ଥରେ ଆରମ୍ଭ ହେବ।



ଆଲିସା ହେଲୀ

**ଅଷ୍ଟ୍ରେଲିଆ ୪୦୯/୭**

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ଦୁଇ ଦୁଇଟି ଶତକୀୟ ପାଳି ବଳରେ ୫୦ ଓଭରରେ ୭ ୱିକେଟ ହରାଇ ୪୦୯ ରନ କରିଥିଲା। ଅଧିନାୟିକା ହେଲୀ ୮ମ ଶତକ ସହ ୯୮ ବଲରେ ୧୯୮ ରନ ସଂଗ୍ରହ କରିଥିଲେ। ସେହିଭଳି ବେଥ୍ ମୁନୀ ୮୪ଟି ବଲରେ ୧୦୬ ରନ କରି ଅପରାଜିତ ରହିଥିଲେ। ଜର୍ଜିଆ ଭଲ୍ ମଧ୍ୟ ୬୨ ରନର ଉପଯୋଗୀ ପାଳି ଖେଳିଥିଲେ। ଭାରତର ଶ୍ରୀଚରଣି ୧୦ ଓଭରରେ ୧୦୬ ରନ ଦେଇ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଭାରତ ୪୫.୧ ଓଭରରେ ୨୨୬ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ସ୍ନେହ ରାଣା ୪୪, ଜେମିମା ରୋଡ୍ରିଗ୍ସ ୪୨, ପ୍ରତୀକା ରାୱଲ ୨୭, ଦୀପ୍ତି ଶର୍ମା ୨୯, ଅଧିନାୟିକା ହରମନପ୍ରୀତ୍ କୌର ୨୫ ରନ କରିଥିଲେ। ସ୍ମୃତି ମନ୍ଧାନା ଖାତା ଖୋଲିବାରେ ବିଫଳ ହୋଇଥିଲେ।

### ଓଡ଼ିଶା ଚେସ୍ ସଂଘରେ ବିବାଦ

# ସମ୍ପାଦକଙ୍କୁ ବହିଷ୍କାର କଲେ ସଭାପତି




ଭୁବନେଶ୍ୱର,୧।୩ (ସମିସ): ଅଲ ଓଡ଼ିଶା ଚେସ୍ ସଂଘ (ଏଓସିଏ) ଯେଉଁଭଳି ପରିସ୍ଥିତିରେ ଯେଉଁ ଲକ୍ଷ୍ୟ ନେଇ ଗଠନ କରାଯାଇଥିଲା, ତାହା ଏବେ ରାସ୍ତା ଭୁଲିବାରେ ଲାଗିଛି। ଆଜି ଭୁବନେଶ୍ୱରରେ ଏଓସିଏର ସମ୍ପାଦକ ଦେବବ୍ରତ ଭଞ୍ଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜେନରାଲ ବଡି ମିଟିଂରେ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକଙ୍କୁ ବହିଷ୍କାର କରିଥିବା ଜଣାଯାଇଛି। ଏହାର କାରଣ ହେଲା ସଭାପତି ଶ୍ରୀ ପଟ୍ଟନାୟକ ନିକଟରେ ଆଉ କିଛି ସଦସ୍ୟଙ୍କ ସହ ବୈଠକ କରି ସମ୍ପାଦକଙ୍କୁ ବହିଷ୍କାର କରିଥିଲେ। ଏଓସିଏକୁ ବଦନାମ କରିବା ଓ ଓଡ଼ିଶାର ଚେସ୍ ଉନ୍ନତିରେ ପ୍ରତିବନ୍ଧକ ସୃଷ୍ଟି କରିବା ଅଭିଯୋଗରେ ସମ୍ପାଦକ ଶ୍ରୀ ଭଞ୍ଜ ଅନାସ୍ଥା ପ୍ରସ୍ତାବ ଆଣି ସଭାପତି ଶ୍ରୀ ପଟ୍ଟନାୟକଙ୍କୁ ବହିଷ୍କାର କରିଛନ୍ତି। ଭଦ୍ରକ ଜିଲ୍ଲା ଚେସ୍ ସଭାପତି ଶୁଭେନ୍ଦୁ ରାୟ ମହାପାତ୍ରଙ୍କୁ ନୂଆ ସଭାପତି ମନୋନୀତ କରିଛନ୍ତି। ଏହା ଫଳରେ ଓଡ଼ିଶା ଚେସ୍‌ରେ ଗୋଷ୍ଠୀ ବିବାଦ ପୁଣିଥରେ ଏକ ଧ୍ୱଂସମୁଖୀ ପରିସ୍ଥିତି ସୃଷ୍ଟି କରିଛି। ଏହାର ସିଧା ସଳଖ ପ୍ରଭାବ ଏଯାଏ ଖେଳାଳି ଓ ସଂଘ ଉପରେ ପଡ଼ି ନ ଥିଲେ ମଧ୍ୟ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ ହେବା, ରାଜ୍ୟରେ ଏକାଧିକ ଚେସ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବା ଆଦି ଘଟଣା ଦେଖିବାକୁ ମିଳିଛି। ଉଭୟ ସଭାପତି ସତ୍ୟରଞ୍ଜନ ଓ ସମ୍ପାଦକ ଦେବବ୍ରତ ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛନ୍ତି। ଉଭୟ ଯଦି ମିଳିତଭାବେ ଓଡ଼ିଶା ଚେସ୍‌ର ଉନ୍ନତି ଲାଗି ହାତ ମିଳାନ୍ତେ, ତେବେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହୋଇପାରନ୍ତା।

### କଳାହାଣ୍ଡି କପ୍ କ୍ରିକେଟ

# ୩୧୨ ରନରେ ଜିତିଲା ରାଉରକେଲା

ଭୁବନେଶ୍ୱର, ୧।୩ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ସିନିଅର ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ରେ ରବିବାର ୬ଟି ମ୍ୟାଚ ଖେଳାଯାଇଛି। ଏଥିରେ ୩ଟି ବଡ଼ ଶତକୀୟ ପାଳି ଦେଖିବାକୁ ମିଳିଛି।




ଆଶୀର୍ବାଦ ସ୍ୱାଇଁ



ସୌଭାଗ୍ୟ ମିଶ୍ର



ସୂଜଳ ସିଂ



ଅମିନ ଖାନ

ରାଉରକେଲାର ଆଶୀର୍ବାଦ ସ୍ୱାଇଁ (୧୬୫) ଓ ସୂଜଳ ସିଂ (୧୬୦) ଏବଂ ଜଗତସିଂପୁରର ସୌଭାଗ୍ୟ (୧୩୮) ଶତକୀୟ ପାଳି ଖେଳି ନିଜ ଦଳକୁ ବିଜୟୀ କରାଇଛନ୍ତି। ବିଜେବି ସ୍କୁଲ ଗ୍ରାଉଣ୍ଡରେ ରାଉରକେଲା ୩୧୨ ରନର ବିଶାଳ ବ୍ୟବଧାନରେ ନୂଆପଡ଼ାକୁ ହରାଇଛି। ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲା ୫୦ ଓଭରରେ ୪ ୱିକେଟ ହରାଇ ୪୧୭ ରନ ସଂଗ୍ରହ କରିଛି। ଆଶୀର୍ବାଦ ୧୩୯ ବଲରେ ୧୬୫ ଓ ସୂଜଳ ୮୧ ବଲରେ ଅପରାଜିତ ୧୬୦ ରନ କରିଥିଲେ। ଜବାବରେ ନୂଆପଡ଼ା ୨୪.୩ ଓଭରରେ ୧୦୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା।

ସନସାଇନ ଗ୍ରାଉଣ୍ଡରେ ଜଗତସିଂପୁର ୨୫ ରନରେ କନ୍ଧମାଳକୁ ପରାସ୍ତ କରିଛି। ସୌଭାଗ୍ୟଙ୍କ ୧୩୮ ଓ କିଶାନ ରଥଙ୍କ ୯୦ ରନ ବଳରେ ଜଗତସିଂପୁର ୮ ୱିକେଟରେ ୩୧୨ ରନ କରିଥିଲା। ପ୍ରତିପକ୍ଷ ବୋଲର ତୁଷାର ତ୍ରିପାଠୀଙ୍କୁ ୫ଟି ୱିକେଟ୍ ମିଳିଥିଲା। ଜବାବରେ କନ୍ଧମାଳ ୯ ୱିକେଟରେ ୨୮୭ ରନ କରିବାକୁ ସମର୍ଥ ହୋଇଥିଲା। ଅନ୍ୟମ୍ୟାଚଗୁଡ଼ିକରେ ପାରାଦୀପ ୫୮ ରନରେ ରାୟଗଡ଼ାକୁ, ଝାରସୁଗୁଡ଼ା ୬ ରନରେ କିଟ୍‌କୁ, କଳାହାଣ୍ଡି ୫ ୱିକେଟରେ କେନ୍ଦୁଝରକୁ ଓ ଗଜପତି ୯୧ ରନରେ ଗଞ୍ଜାମକୁ ହରାଇଛି। ଗଜପତିର ଅମିନ ଖାନ (୪ ୱିକେଟ୍ ଓ ୪୫ ରନ), ଝାରସୁଗୁଡ଼ାର ସନ୍ତୋଷ ଯାଦବ (୪ ୱିକେଟ), ପାରାଦୀପର ଅମିତ ସାହୁ (୯୫ ରନ) ଓ କଳାହାଣ୍ଡିର ସୁଖମିତ ଗିଲ୍ (୨ ୱିକେଟ୍ ଓ ୫୬ ରନ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

### ■ ରାଜ୍ୟ ଓପନ ଚେସ୍

## ସଞ୍ଜୀବନ ନାୟକ ଟାଇଟଲ ବିଜୟୀ



ଭୁବନେଶ୍ୱର,୧।୩ (ସମିସ): ଯାଜପୁରର ସଞ୍ଜୀବନ ନାୟକ ୫ମ ନଳିନ ରାଜଗୁରୁ ସ୍ମାରକୀ ରାଜ୍ୟ ଓପନ ଚେସ୍ ପ୍ରତିଯୋଗିରେ ଚାମ୍ପିଅନ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ୫ ରାଉଣ୍ଡ ବିଶିଷ୍ଟ ଏହି ଦିନିକିଆ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଯାଜପୁରର ସଞ୍ଜୀବନ ନାୟକ ସର୍ବାଧିକ ୪.୫ ପଏଣ୍ଟ ସଂଗ୍ରହ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ସଞ୍ଜୀବନଙ୍କ ପଛକୁ ୪ଜଣ ଖେଳାଳି ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ଟାଇବ୍ରେକରରେ ବାଲେଶ୍ୱରର ଶୁଭେନ୍ଦୁ କୁମାର ପାତ୍ର ରନର୍ସଅପ୍, ଯାଜପୁରର ଦୀପ୍ତିରଞ୍ଜନ ନାୟକ ତୃତୀୟ, ଭୁବନେଶ୍ୱରର ନଟବର ଦାସ ଚତୁର୍ଥ ଓ ଡିଏନ୍ ୱିସ୍‌ଡମ୍ ଗ୍ଲୋବାଲ ସ୍କୁଲର ସାୟେଶା ସାହୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟକୁ ଟାଟା କ୍ରୋମାର ସୁଧାଂଶୁ ଶେଖର ମିଶ୍ର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

### ଓଡ଼ିଶା ରାଜ୍ୟ ରାପିଡ୍ ଓ ବ୍ଲିଜ୍ ଚେସ୍ ଉଦ୍‌ଯାପିତ

# ରାପିଡ୍‌ରେ ଶ୍ରେୟଶ, ବ୍ଲିଜ୍‌ରେ ଆର୍ଯ୍ୟନ ଚାମ୍ପିଅନ

ଭୁବନେଶ୍ୱର,୧।୩ (ସମିସ)



କଟକର ଶ୍ରେୟସ ଶୁଭମ ପଟ୍ଟନାୟକ ଓ ଯାଜପୁରର ଆର୍ଯ୍ୟନ ବେହେରା ଆଜି ଶେଷ ହୋଇଥିବା ରାଜ୍ୟ ରାପିଡ୍ ଓ ବ୍ଲିଜ୍ ଚେସ୍ ଚାମ୍ପିଅନସିପ୍‌ରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଆର୍ଯ୍ୟନଙ୍କୁ ରାପିଡ୍‌ରେ ଓ କେନ୍ଦ୍ରାପଡ଼ାର ଲବ୍ୟଜ୍ୟୋତି ବେହେରା ବ୍ଲିଜ୍‌ରେ ରନର୍ସଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଅଲ୍‌ଓଡ଼ିଶା ଚେସ୍ ସଂଘ, କଟକର ଟ୍ରିପଲ-ସି ଚେସ୍ କ୍ଲବ୍, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଫୁଲନଖରାସ୍ଥିତ ସିନର୍ଜି ଇଞ୍ଜିନିୟରିଂ କଲେଜ୍ କ୍ୟାମ୍ପସରେ ଅନୁଷ୍ଠିତ ହୋଇଥିଲା। ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସିନର୍ଜି କଲେଜ୍‌ର ବରିଷ୍ଠ କର୍ମକର୍ତ୍ତା ଲକ୍ଷ୍ମୀକାନ୍ତ ପ୍ରଧାନ ଓ ସମରେନ୍ଦ୍ର ସାହୁ, ଟ୍ରିପଲ-ସି' ଚେସ୍ କ୍ଲବ୍‌ର ସଭାପତି ବିଶ୍ୱଜିତ ରାୟ ଓ ଚିଫ୍ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ଅତିଥିଭାବେ ଯୋଗଦେଇ ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଶ୍ରେୟସ, ଆର୍ଯ୍ୟନ ଓ ଲବ୍ୟଜ୍ୟୋତି ଝାଡଖଣ୍ଡର ରାଞ୍ଚିରେ ମାର୍ଚ୍ଚ ୧୧ରୁ ୧୩ ତାରିଖଯାଏ ଖେଳାଯିବାକୁ ଥିବା ଜାତୀୟ ରାପିଡ୍ ଓ ବ୍ଲିଜ୍ ଚେସ୍‌ରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ। ଟୁର୍ଣ୍ଣାମେଣ୍ଟକୁ ସୁରେଶ ସାହୁଙ୍କୁ ବ୍ୟତୀତ ତାପସ କୁମାର ମହାନ୍ତି, ଅଭିଷେକ ଆଚାର୍ଯ୍ୟ ଓ ସୁରଜ ମହାରଣା ପରିଚାଳନା କରିଥିଲେ।

ରାପିଡ୍‌ରେ ଖୋର୍ଦ୍ଧାର ଓମ୍‌ଆଦିତ୍ୟ ଖାଡଙ୍ଗା, କଟକର ନୀଲସୁ ପଟ୍ଟନାୟକ, କେନ୍ଦ୍ରାପଡ଼ାର ଲବ୍ୟଜ୍ୟୋତି ରାଉତରାୟ, କଟକର ସୋୟମ ଲକ୍ଷ୍ମୀଦତ୍ତ ଡି ସାବତ, ଗଜପତିର ତପନ ବଡମୁଣ୍ଡି, ରାୟଗଡ଼ାର ଫକୀର ମାଝି, ଖୋର୍ଦ୍ଧାର ମନୀଷ ମିଶ୍ର ଓ କଟକର ମୃତ୍ୟୁଞ୍ଜୟ ମଣ୍ଡଳ ଯଥାକ୍ରମେ ଦ୍ୱିତୀୟରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବ୍ଲିଜ୍‌ରେ ଗଜପତିର ତପନ ବଡମୁଣ୍ଡି, ରାୟଗଡାର ଫକୀର ମାଝି, ସୁନ୍ଦରଗଡର ଅମ୍ଲାନ ପ୍ରଧାନ, ପୁରୀର ରୁଦ୍ରନାରାୟଣ, କଟକର ଶ୍ରେୟସ ଶୁଭମ ପଟ୍ଟନାୟକ, ଖୋର୍ଦ୍ଧାର ସାତ୍ୱିକ ସ୍ୱାଇଁ, ଖୋର୍ଦ୍ଧାର ସମ୍‌ଆଦିତ୍ୟ ଖାଡଙ୍ଗା ଓ ଯଶିତା ରାଉତ ଯଥାକ୍ରମେ ଦ୍ୱିତୀୟରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS